ବର୍ଷ-୫୬ : ସଂଖ୍ୟା-୧୦ ଅକ୍ଟୋବର, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍ଟୋବର, ୨୦୨୫


| | | | | |
|---|---|---|---|---|
| Only Truth | ··· | ଶ୍ରୀମା | ··· | ୩ |
| ପରମ ନିଶ୍ଚୟତା | ··· | ··· | ··· | ୪ |
| ପ୍ରାର୍ଥନା | ··· | ଶ୍ରୀମା | ··· | ୭ |
| ମାତୃବାଣୀ | ··· | ଶ୍ରୀମା | ··· | ୮ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୯ |
| ଚୈତ୍ୟ ଓ ସତ୍ୟ | ··· | ଶ୍ରୀମା | ··· | ୧୦ |
| ସୌନ୍ଦର୍ଯ୍ୟବୋଧର ଶିକ୍ଷା (୨) | ··· | ଶେଖ ଅବଦୁଲ କାଶମ | ··· | ୧୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୪୭) | ··· | ··· | ··· | ୧୭ |
| ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ | ··· | ରାମକୃଷ୍ଣ ଦାସ | ··· | ୨୧ |
| ସତ୍‌କର୍ମରେ ରହୁ ମତି (କବିତା) | ··· | ସୁନାମଣି ରାଉତ | ··· | ୨୬ |
| ମା’ ଆପଣ ଏମିତି କହିଛନ୍ତି ... (୪) | ··· | ହୁତା ହିନ୍ଦୋଚା | ··· | ୨୭ |
| ବିବର୍ତ୍ତନର ଗତିଧାରା | ··· | ପ୍ରପତ୍ତି | ··· | ୩୧ |
| ନୂତନ ସତ୍ୟର ପ୍ରକାଶ ପାଇଁ ଆବଶ୍ୟକ ନୂତନ ଚେତନା | ··· | ବିଶ୍ୱମ୍ଭର ସାମନ୍ତ | ··· | ୩୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୦୨) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୩୫ |
| କାରା-ଜୀବନୀ (୭) | ··· | ଉଲ୍ଲାସକର ଦତ୍ତ | ··· | ୩୯ |
| ନୂତନ ଶିକ୍ଷାର ଆହ୍ୱାନ (୨୫) | ··· | ଗୟାଧର ଦାଶ | ··· | ୪୨ |
| ଦଶକର୍ମଧାରା (୧୦) | ··· | ପ୍ରସାଦ ତ୍ରିପାଠୀ | ··· | ୪୫ |
| ଶିଶୁ (କବିତା) | ··· | ନିମାଇଁ ପଟ୍ଟନାୟକ | ··· | ୪୭ |
| କମ୍ବଳ ତ ଛାଡୁ ନାହିଁ ! | ··· | ମନୋଜ ଦାସ | ··· | ୪୮ |
| ଅନୀତାର ଅନୁଭବ | ··· | ବନମାଳୀ ଆଚାର୍ଯ୍ୟ | ··· | ୫୦ |
| କୃତଜ୍ଞତା (କବିତା) | ··· | ଜ୍ୟୋତ୍ସ୍ନାରାଣୀ ଦାଶ | ··· | ୫୨ |
| କଥା ତିନିପଦ | ··· | ··· | ··· | ୫୩ |
| ଲସି ଗ୍ଲାସର ଅନ୍ତରାଳର ଗଣିତ | ··· | ଧର୍ମକୁମାର ଶତପଥି | ··· | ୫୪ |
| ଭରିଦିଅ ଦିବ୍ୟ ଉଲ୍ଲାସ (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୫୭ |
| ହନୁମାନଙ୍କ ତାତ୍ପର୍ଯ୍ୟ | ··· | ମନୋଜ ଦାସ | ··· | ୫୮ |


❖

Only Truth

# ଏକମାତ୍ର ସତ୍ୟ

ଶ୍ରୀମା



# ପରମ ନିଶ୍ଚୟତା

ଦିବ୍ୟ ଜନନୀଙ୍କର ଆଶିଷ ପ୍ରାପ୍ତ 'ନବପ୍ରକାଶ' ଋତୁଚକ୍ରର ଆବର୍ତ୍ତ ଭିତରେ ବର୍ଷ, ମାସ, ଦିନ ଓ ମୁହୂର୍ତ୍ତର ହିସାବରେ ପଞ୍ଚାବନ ବର୍ଷ ଅତିକ୍ରମ କରି ଅନୁଭୂତିର ଏକ ନୂତନ ପାବଚ୍ଛରେ ପାଦ ଥାପିଛି । ମହାକାଳର ଗତି ସ୍ପନ୍ଦନ ଭିତରେ ଏହି ସମୟ ଖୁବ୍ ସୀମିତ, ସଂକ୍ଷିପ୍ତ ବୋଧ ହେଉଥିଲେ ବି ତା'ର ଅନୁଭବ ଓ ଅଭିବ୍ୟକ୍ତି ଅଧୁନା ପୃଥିବୀର ପରିବେଶ ଓ ପରିସ୍ଥିତିର ପ୍ରଭାବରୁ ମୁକ୍ତ ରହିବା ସହଜସାଧ ନୁହେଁ । ଦିବ୍ୟ ସ୍ୱପ୍ନ ଓ ସଂକଳ୍ପ ନେଇ ଗଢ଼ା ଏ ଧରିତ୍ରୀ – ଏବେ ବି ମାନବୀୟ ଅପୂର୍ଣ୍ଣତାର ପ୍ରତିଫଳନ ସ୍ୱରୂପ ପ୍ରଗତି ସହ ପ୍ରତିଯୋଗିତା କରି ଚାଲିଛି ଅଧୋଗତିର ତାଣ୍ଡବ ଲୀଳା । ସମ ଭାବରେ ସେ କେବେ କେବେ ଭେଟୁଛି ବହୁବର୍ଣ୍ଣା ଦିଶାହରା ଆନନ୍ଦକୁ ତ କେବେ ବିବର୍ଣ୍ଣା ଅସହାୟ ମୁହୂର୍ତ୍ତମାନଙ୍କୁ ।

ଏହିସବୁ ସଫଳତା ଓ ବିଫଳତାର ଊର୍ଦ୍ଧ୍ୱରେ ଯୁଗ ଯୁଗାନ୍ତରର ତପସ୍ୟାହିଁ ଆମର ପରମ ଆଶ୍ୱାସନା । ଆମର ଆନ୍ତରିକ ଅନ୍ୱେଷା ଯେପରି ଉପନିଷଦ୍ ଯୁଗର ଯୋଗଦ୍ରଷ୍ଟା ତପସ୍ୱୀମାନଙ୍କର ପ୍ରାର୍ଥନା ସହ ସମସ୍ୱରରେ କହିଉଠୁ :

''ଅସତୋ ମା ସଦ୍‌ଗମୟ ।
ତମସୋ ମା ଜ୍ୟୋତିର୍ଗମୟ ।
ମୃତ୍ୟୋର୍ମାମୃତଂ ଗମୟ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।''

ଏହି ପ୍ରାର୍ଥନାର ଉତ୍ତରରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସ୍ୱ-ହସ୍ତ ଲିଖିତ ସ୍ୱର୍ଣ୍ଣାଭ ପ୍ରତିଶ୍ରୁତି – 'ତଥାସ୍ତୁ' ।

ଏହା କେବଳ ଏକ ଆଶା ଓ ଆଶ୍ୱାସନାର କଥା ନୁହେଁ – ଏକ **ପରମ ନିଶ୍ଚୟତା**ର ପ୍ରତିଶ୍ରୁତି ।

ଅବଶ୍ୟ ଏହି 'ପରମ ନିଶ୍ଚୟତା'ର ଯୋଗ୍ୟ ହୋଇ ଉଠିବାକୁ ହେଲେ ପୂର୍ଣ୍ଣଯୋଗରେ ନିଜକୁ ଦୀକ୍ଷିତ କରିବା ହେଉଛି ପ୍ରାରମ୍ଭିକ ଆବଶ୍ୟକତା, ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ –ଯେଉଁ ଯୋଗର ପ୍ରବକ୍ତା, ପଥପ୍ରଦର୍ଶକ ହେଉଛନ୍ତି ଦିବ୍ୟ ଜନନୀ ଶ୍ରୀମା ଓ ସ୍ୱୟଂ ପରମ ପ୍ରଭୁ ଶ୍ରୀଅରବିନ୍ଦ ।

ସେ କେଉଁ ବିଧିନିର୍ଦ୍ଦିଷ୍ଟ ଆଶିଷଧନ୍ୟ ମୁହୂର୍ତ୍ତରେ 'ନବଜ୍ୟୋତି ପ୍ରକାଶନ' ସାଧନାର ସହାୟକ ରୂପେ 'ନବପ୍ରକାଶ' ମାସିକ ପତ୍ରିକାର ପ୍ରକାଶନ ପାଇଁ ଦିବ୍ୟ ଜନନୀଙ୍କର ନିକଟରେ ଆବେଦନ କରେ । ଯାହାର ଉତ୍ତର ସ୍ୱରୂପ ଦିବ୍ୟ ଜନନୀ ସ୍ୱୀକୃତି ପ୍ରଦାନ କରିବା ସହ ପତ୍ରିକା ପାଇଁ ପ୍ରଦତ୍ତ କରନ୍ତି କାଳଜୟୀ ତେଜୋଦୀପ୍ତ ମନ୍ତ୍ର,''**ଏକମାତ୍ର ସତ୍ୟ**'' ।

ବାସ୍ତବିକ ନବପ୍ରକାଶର ଲକ୍ଷ୍ୟ ସୁଦୂର ପ୍ରସାରୀ । ସତ୍ୟର ସନ୍ଧାନରେ ହିଁ ତା'ର ଏହି ଯାତ୍ରା । ସତ୍ୟ ପ୍ରତି ଆନୁଗତ୍ୟହିଁ ତା'ର ପ୍ରଗତିର ମାପକାଠି । ସତ୍ୟର ସ୍ୱରୂପ ସଂଦର୍ଶନରେ, ସତ୍ୟର ସାନ୍ନିଧ୍ୟ ଲାଭରେହିଁ ତା'ର ସୃଷ୍ଟିର ସାର୍ଥକତା ।

ପଥ ଦୀର୍ଘ, ତେବେ ଦିବ୍ୟ ଜନନୀଙ୍କ କୃପା କଣିକାହିଁ ତା'ର ପଥର ପାଥେୟ । ଦିବ୍ୟ ଜନନୀଙ୍କ ଚରଣ କମଳରେ ସର୍ବାନ୍ତଃକରଣରେ ଆତ୍ମ-ସମର୍ପଣହିଁ ତା'ର ଏହି ଦୀର୍ଘ ଯାତ୍ରାକୁ କରିବ ସୁଗମ ଓ ସଂକ୍ଷିପ୍ତ; ତାଙ୍କରି ଠାରେ ପରିପୂର୍ଣ୍ଣ ଆସ୍ଥାହିଁ ତାକୁ 'ନୂତନ ସତ୍ୟ'ର ସଂଧାନ ପାଇଁ ପଥ ନିର୍ଦ୍ଦେଶ କରିବ ।

'ନବପ୍ରକାଶ' ଆଜି ତା'ର ଶୁଭ ଜନ୍ମଲଗ୍ନର ମହିମାନ୍ୱିତ ମୁହୂର୍ତ୍ତରେ ଆସ୍ପୃହାର ଶୁଦ୍ଧତା ନେଇ ଦିବ୍ୟ ଜନନୀଙ୍କର ଚରଣ କମଳରେ ପ୍ରାର୍ଥନା କରୁଛି : ତାଙ୍କର ମହାନ୍ ପ୍ରତ୍ୟାଶାକୁ ରୂପ ଦେବା ପାଇଁ 'ନବପ୍ରକାଶ' ତା'ର ପ୍ରତିଟି ପ୍ରକାଶ ଭିତରେ ଯେପରି ବିଶ୍ୱସ୍ତ ହୋଇ ରହୁ । ସର୍ବୋପରି ଆକାଶର ବ୍ୟାପ୍ତି, ମାଟିର ଆତ୍ମୀୟତା, ପବନର ପ୍ରାଣ ପ୍ରାଚୁର୍ଯ୍ୟ ତାକୁ କାଳଜୟୀ ସତ୍ୟର ନିକଟବର୍ତ୍ତୀ କରିବା ପାଇଁ ପ୍ରେରଣା ଭରି ଦେଉ । ତା'ର ଭବିଷ୍ୟତର ବର୍ଣ୍ଣମାଳା ଭିତରେ ଉଜ୍ଜ୍ୱଳି ଉଠୁ 'କେବଳ ସତ୍ୟ'ର ସ୍ୱରୂପ । ❑

# ପ୍ରାର୍ଥନା

ହେ ଦିବ୍ୟ ପ୍ରଭୁ, ତୁମ ଉପରେ ଅଭିନିବେଶଗତ ପ୍ରଶାନ୍ତ ନିରବତା ଭିତରେ, ପ୍ରକୃତି ସୁରକ୍ଷିତ ଏବଂ ନବ-ବିନ୍ୟସ୍ତ । ବ୍ୟକ୍ତିକୈନ୍ଦ୍ରିକତାର ସମସ୍ତ ନୀତି ଅତିକ୍ରାନ୍ତ, ସେ ନିମଗ୍ନ ତୁମ ଅସୀମତାରେ, ଯାହା ବିନା ବିଭ୍ରାଟମୟତା, ବିନା ବିଶୃଙ୍ଖଳାରେ ସବୁ କ୍ଷେତ୍ରରେ ଏକତାର ଉପଲବ୍ଧି ସମ୍ଭବ କରେ । ଯାହାର ସମନ୍ୱିତ ସଂହତି ଅବ୍ୟାହତ, ଯାହା ପ୍ରଗତିଶୀଳ ଏବଂ ଯାହା ଶାଶ୍ୱତ ରୂପେ ଅବସ୍ଥିତ, ତାହା ଅଳ୍ପ ଅଳ୍ପ ମାତ୍ରାରେ ପୂର୍ଣ୍ଣତା ପ୍ରାପ୍ତି କରି ଚାଲିଛି, ସର୍ବଦା ଅଧିକ ଜଟିଳ, ଅଧିକ ପ୍ରସାରିତ ଏବଂ ଅଧିକ ମହତ୍ ଭାରସାମ୍ୟତା ମଧ୍ୟରେ । ଏବଂ ଜୀବନର ଏହି ତିନି ଧାରାର ପାରସ୍ପରିକ ବିନିମୟତା ଅଭିପ୍ରକାଶର ପ୍ରାଚୁର୍ଯ୍ୟ ପାଇଁ ସୁଯୋଗ ଦିଏ ।

ଏହି ମୁହୂର୍ତ୍ତରେ ବେଦନା ଓ ଅନିଶ୍ଚିତତା ଭିତରେ ଅନେକେ ତୁମର ସନ୍ଧାନରେ ବ୍ରତୀ । ଏହାହିଁ କର ମୁଁ ଯେପରି ସେମାନଙ୍କ ପାଖରେ ତୁମର ପ୍ରତିଭୂ ହୋଇଉଠେ ଯାହା ଦ୍ୱାରା ତୁମ ଆଲୋକ ସେମାନଙ୍କୁ ଦୀପ୍ୟମାନ କରିବ, ତୁମ ଶାନ୍ତି ପରିତୃପ୍ତ କରିବ । ମୋ ସତ୍ତା ବର୍ତ୍ତମାନ କେବଳ ମାତ୍ର ତୁମରି କ୍ରିୟାର ସହାୟତା ନିମନ୍ତେ ବିନ୍ଦୁଟିଏ ଏବଂ ତୁମ ଚେତନାର ଏକ କେନ୍ଦ୍ର । କାହିଁ ବର୍ତ୍ତମାନ ସେହି ସୀମାବଦ୍ଧତା ସବୁ, କୁଆଡ଼େ ପଳାତକ ବାଧାବିଘ୍ନମାନ ? ତୁମେହିଁ ତୁମ ରାଜ୍ୟର ସାର୍ବଭୌମ ପ୍ରଭୁ ।

ଅକ୍ଟୋବର ୫, ୧୯୧୪ — ଶ୍ରୀମା



# ମାତୃବାଣୀ

What you should do is to throw the doors of your being wide open to the Divine. The moment you conceal something, you step straight into Falsehood. ... If you want to be fully conscious, be always in front of the Truth – completely open yourself and try your utmost to let it see deep inside you, into every corner of your being.

(MCW, Vol. 3, p. 133) – The Mother

ତୁମର ଯାହା କରିବା ଉଚିତ, ତା' ହେଉଛି ତୁମ ସତ୍ତାର ସମସ୍ତ ଦ୍ୱାରକୁ ଭଗବାନଙ୍କ ଉଦ୍ଦେଶ୍ୟରେ ପୂରାପୂରି ଖୋଲିଦେବା । ଯେଉଁ ମୁହୂର୍ତ୍ତରେ ତୁମେ ନିଜ ଭିତରେ କିଛି ଜିନିଷକୁ ଲୁଚାଇ ରଖ, ସେହି ମୁହୂର୍ତ୍ତରେହିଁ ତୁମେ ସିଧାସଳଖ ମିଥ୍ୟାଚାର ଭିତରକୁ ପାଦ ପକାଅ । ... ତୁମେ ଯଦି ସମ୍ପୂର୍ଣ୍ଣ ଭାବରେ ସଚେତ ହେବାକୁ ଚାହଁ, ତେବେ ସବୁବେଳେ ଦିବ୍ୟ ସତ୍ୟର ସମ୍ମୁଖରେ ଦଣ୍ଡାୟମାନ ହୁଅ – ନିଜକୁ ପୂର୍ଣ୍ଣ ଭାବରେ ଖୋଲିଦିଅ ଏବଂ ତୁମର ସମସ୍ତ ଶକ୍ତି ଦେଇ ଚେଷ୍ଟାକର ଯେପରି ତାହା ତୁମ ଅନ୍ତରର ଗଭୀର ଭାଗକୁ ତଥା ତୁମ ସତ୍ତାର ସମସ୍ତ କୋଣ-ଅନୁକୋଣକୁ ସ୍ପଷ୍ଟ ଭାବରେ ଦେଖିପାରିବ ।

– ଶ୍ରୀମା

# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

### (The Kingdoms and Godheads of the Greater Mind)

### (୨୨)

## ଶ୍ରୀଅରବିନ୍ଦ

In their sight they drove towards
an empty peak,
A mighty space of cold and sunlit air.

ସେମାନଙ୍କ ଦୃଷ୍ଟି ସମକ୍ଷରେ ଥିବା ଏକ ଶୂନ୍ୟ ଶିଖର ଅଭିମୁଖେ ସେମାନେ ସବେଗ ଗତି କରୁଥିଲେ, ଯେଉଁଠି ଥିଲା ହିମଶୀତଳ ତଥା ରବିକରୋଜ୍ଜ୍ୱଳ ଏକ ବିପୁଳ ପରିସର ।

To unify their task, excluding life
Which cannot bear the nakedness of the Vast,
They made a cipher of a multitude,
In negation found the meaning of the All
And in nothingness the absolute positive.

ଯେଉଁ ଜୀବନ ବିରାଟର ନଗ୍ନତାକୁ ସହିପାରେ ନାହିଁ, ସେହି ଜୀବନକୁ ବାଦ ଦେଇ ଆପଣାର କରଣୀୟକୁ ଏକୀଭୂତ କରିବା ନିମନ୍ତେ ସେମାନେ ଗଢ଼ି ତୋଳି ଥିଲେ ବହୁଳତାର ଏକ ଶୂନ୍ୟସ୍ଥିତି, ନେତି ମଧ୍ୟରେ ଖୋଜି ପାଇଥିଲେ ସର୍ବେତିର ଅର୍ଥ ଏବଂ ଅଭାବ (ନାସ୍ତିତ୍ୱ) ମଧ୍ୟରେ ପରମ ନିର୍ବିଶେଷ ଭାବ ।

A single law simplessed the cosmic theme,
Compressing Nature into a formula;
Their titan labour made all knowledge one,
A mental algebra of the Spirit's ways,
An abstract of the living Divinity.

ଏକ ଏକକ ବିଧାନ ଜାଗତିକ ପ୍ରସଙ୍ଗକୁ ସରଳୀକୃତ କରିଥିଲା ଓ ପ୍ରକୃତିକୁ ଗୋଟିଏ ସୂତ୍ର ଭିତରେ ସଙ୍କୁଚିତ କରିପକାଇଥିଲା; ସେମାନଙ୍କର ଆସୁରିକ ଶ୍ରମ ସକଳ ଜ୍ଞାନକୁ ଏକହିଁ ଜ୍ଞାନରେ ପରିଣତ କରିଥିଲା, ଚିନ୍ମୟଙ୍କ ଧାରାସକଳର ଏକ ମାନସ ବୀଜଗଣିତ, ଜୀବନ୍ତ ପରମ ଦିବ୍ୟତାର ଏକ ସଂକ୍ଷିପ୍ତସାର ବନାଇ ଥିଲା ।

Here the mind's wisdom stopped;
it felt complete;
For nothing more was left to think or know:
In a spiritual zero it sat throned
And took its vast silence for the Ineffable.

ଏଠାରେ ମନର ପ୍ରଜ୍ଞା ଅଟକି ଯାଇଥିଲା; ତାହା ସ୍ୱୟଂସମ୍ପୂର୍ଣ୍ଣ ବୋଲି ଅନୁଭବ କରୁଥିଲା; କାରଣ ଚିନ୍ତା କରିବାକୁ ଅଥବା ଜାଣିବାକୁ ଆଉ ଅଧିକ କିଛି ବାକି ନଥିଲା : ଏକ ଅଧ୍ୟାତ୍ମ ଶୂନ୍ୟରେ ତାହା ସିଂହାସନାରୂଢ଼ ହୋଇ ରହିଥିଲା ଏବଂ ତାହାର ବିଶାଳ ନୀରବତାକୁ ଅନିର୍ବଚନୀୟ ବୋଲି ଧରି ନେଇଥିଲା ।

This was the play of the bright
gods of Thought.
ଏହାହିଁ ଥିଲା ବିଭାବନାର ସମୁଜ୍ଜ୍ୱଳ ଦେବଗଣଙ୍କର ଲୀଳା ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଚୈତ୍ୟ ଓ ସତ୍ୟ

## ଶ୍ରୀମା

### ଚୈତ୍ୟ ଓ ସତ୍ୟ

ଚୈତ୍ୟ ପ୍ରଚାଳିତ ହୁଏ ସତ୍ୟ ଦ୍ୱାରା । ସତ୍ୟ ହେଲା ଏପରି ଏକ ବିଷୟ ଯାହାକି ଶାଶ୍ୱତ ଭାବେ ସ୍ୱୟଂସ୍ଥିତିରେ ବିଦ୍ୟମାନ ଏବଂ ଏହା କାଳ ବା ସ୍ଥାନ କାହା ଉପରେ ନିର୍ଭରଶୀଳ ନୁହେଁ । ଅନ୍ୟପକ୍ଷରେ ଆମର ଏହି ଚୈତ୍ୟସତ୍ତା ହେଲା ଏକ ବିକାଶଶୀଳ ସତ୍ତା, ଏହା ବଢ଼ି ବଢ଼ି ଚାଲେ, ଆକୃତି ଗ୍ରହଣ କରେ, ଅଗ୍ରଗତି କରି ଚାଲେ ଏବଂ କ୍ରମଶଃ ନିଜକୁ ଅଧିକରୁ ଅଧିକ ଏକ ବ୍ୟକ୍ତିତ୍ୱରେ ପରିଣତ କରୁଥାଏ । ଏହି ରୀତିରେ ଏହା ଏହି ସତ୍ୟକୁ, ଏହି ନିତ୍ୟ ଅଦ୍ୱୈତଙ୍କୁ, ଏକ ଓ ଚିରନ୍ତନ ସତ୍ୟକୁ ପ୍ରକାଶ କରିବାରେ ଅଧିକରୁ ଅଧିକ ସମର୍ଥ ହେଉଥାଏ । ଚୈତ୍ୟସତ୍ତା ହେଲା ଏକ ଅଗ୍ରଗତିଶୀଳ ସତ୍ତା । ଏହାର ଅର୍ଥ ହେଲା – ଚୈତ୍ୟସତ୍ତା ଓ ସତ୍ୟ ଭିତରେ ସମ୍ବନ୍ଧଟି ହେଉଛି ଅଗ୍ରଗତିଶୀଳ । ତୁମେ ଯଦି ସେଇ ଏକ ସଙ୍ଗରେ ତୁମ ଅନ୍ତରର ସତ୍ୟଟି ସମ୍ପର୍କରେ ସଚେତନ ହୋଇ ନଥିବ, ତେବେ ତୁମେ ତୁମର ଚୈତ୍ୟସତ୍ତାଟି ସମ୍ପର୍କରେ ମଧ୍ୟ ସଚେତନ ହୋଇ ପାରିବ ନାହିଁ । ଯେଉଁମାନଙ୍କର ଏହି ଅଭିଜ୍ଞତା ବା ଉପଲବ୍ଧି ହୋଇଛି – ମୁଁ ମାନସିକ ଅଭିଜ୍ଞତା କଥା କହୁ ନାହିଁ, ମୁଁ କିନ୍ତୁ କହୁଛି ଚୈତ୍ୟସତ୍ତା ସହିତ ପୂର୍ଣ୍ଣାଙ୍ଗ ସଂଲଗ୍ନ ହୋଇଯିବାର ଅଭିଜ୍ଞତା କଥା – ତୁମେ ଆଗରୁ ଏ ସମ୍ପର୍କରେ ମନରେ ପୋଷଣ କରିଥିବା କୌଣସି ଚିନ୍ତା ବା ଧାରଣା ସହିତ ସଂଯୁକ୍ତ ହୋଇଯିବା କଥା ମଧ୍ୟ ଏହା ନୁହେଁ, ମୁଁ କହୁଛି ସତକୁ ସତ ଏକ ଯଥାର୍ଥ ବାସ୍ତବ ସଂଯୋଗର କଥା – ସମସ୍ତେ ମଧ୍ୟ ସେହି ଏକା କଥା କହନ୍ତି : ଯେଉଁ ମୁହୂର୍ତ୍ତରୁ ତୁମର ଏହି ସଂଯୋଗ ଘଟିଯିବ, ତୁମେ ସେହି ମୁହୂର୍ତ୍ତରୁ ନିଜ ଭିତରେ ଶାଶ୍ୱତ ସତ୍ୟ ସମ୍ବନ୍ଧେ ସମ୍ପୂର୍ଣ୍ଣ ସଚେତନ ହୋଇଯିବ । ତା'ପରେ ତୁମେ ସ୍ପଷ୍ଟ ଦେଖିପାରିବ ଓ ବୁଝିଯିବ ଯେ ଏହାହିଁ ଜୀବନର ଉଦ୍ଦେଶ୍ୟ ଏବଂ ଏହାହିଁ ବିଶ୍ୱର ପଥପ୍ରଦର୍ଶକ ।

### ଚୈତ୍ୟସତ୍ତା ସହ ସଂପର୍କ

ସାଧାରଣ ଜୀବନରେ କୋଟିଏ ଲୋକଙ୍କ ଭିତରେ ଜଣେ ବି ନଥିବେ ଯାହାର ଚୈତ୍ୟସତ୍ତା ସହ ସଜ୍ଞାନ ଭାବେ ସଂପର୍କ ରହିଛି, ଏପରିକି ମୁହୂର୍ତ୍ତକ ପାଇଁ ମଧ୍ୟ । ଚୈତ୍ୟସତ୍ତା ତୁମ ଭିତରେ ରହି କାମ କରିପାରେ; କିନ୍ତୁ ତୁମର ବାହ୍ୟସତ୍ତା ତାହା ଜାଣି ପାରେନା । କାରଣ ଚୈତ୍ୟସତ୍ତାର କ୍ରିୟା ଏତେ ଅଦୃଶ୍ୟ ଭାବେ ଏବଂ ଏତେ ଅଜ୍ଞାତ ଭାବେ ଚାଲିଥାଏ ଯେ, ମନେହେବ ସତେକି ତାହା ଆଦୌ ନାହିଁ । ଏବଂ ଅଧିକାଂଶଙ୍କ କ୍ଷେତ୍ରରେ, ବହୁ ବହୁ ଲୋକଙ୍କ କ୍ଷେତ୍ରରେ, ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ କହିଲେ ଚଳେ, ସେମାନଙ୍କ ଭିତରେ ସତେ କି ଚୈତ୍ୟସତ୍ତା ଶୋଇ ରହିଥାଏ, ଆଦୌ ସକ୍ରିୟ ନଥାଏ, ଏକ ପ୍ରକାର ସୁଷୁପ୍ତ ଅବସ୍ଥାରେ ରହିଥାଏ ।

କେବଳ ସାଧନା ବଳରେ ଏବଂ ଖୁବ୍ ନିରବଛିନ୍ନ ଶ୍ରମ ଦ୍ୱାରାହିଁ ଜଣେ ତା'ର ଚୈତ୍ୟସତ୍ତା ସହ ସଚେତନ ସଂପର୍କ ରଖିବାରେ ସଫଳ ହୋଇପାରେ । ...

ପ୍ରାୟ ସବୁ କ୍ଷେତ୍ରରେ ଚୈତ୍ୟସତ୍ତା ସମ୍ବନ୍ଧେ କେବଳ ଅବଗତ ହେବା ଲାଗି ଖୁବ୍ ଦୃଢ଼ ପ୍ରଚେଷ୍ଟାର ସହ ସାଧନା କରିବାକୁ ପଡ଼ିବ । ଏପରି ସିଦ୍ଧାନ୍ତ ନିଆଯାଇପାରେ ଯେ ଜଣେ ଯଦି କଠିନ ସାଧନା କରେ ଏବଂ ସେ ଯଦି ତିରିଶ ବର୍ଷ ଭିତରେ ଏହି ସଫଳତା ପାଏ, ତେବେ ସେ ବଡ଼ ଭାଗ୍ୟବାନ୍ ବୋଲି ମୁଁ କହିବି – ତିରିଶବର୍ଷ ଧରି ଅବ୍ୟାହତ ପ୍ରଚେଷ୍ଟା ! ଏହାଠାରୁ ଶୀଘ୍ର ମଧ୍ୟ ହୋଇପାରେ । କିନ୍ତୁ ଏହା ଏତେ ବିରଳ ଯେ, ଜଣେ ତତ୍‌କ୍ଷଣାତ୍ କହିବ – ''ଏ ଜଣେ ସାଧାରଣ ମଣିଷ ନୁହଁନ୍ତି ।'' ଏହିଭଳି ଲୋକମାନେ ସାଧାରଣତଃ ଊଣା ଅଧିକେ ଭାଗବତ ସତ୍ତା, ବିରାଟ ଯୋଗୀ ବା ମହାନ୍ ଦିବ୍ୟ ଦୀକ୍ଷାଧାରୀ ରୂପେ ବିବେଚିତ ହୁଅନ୍ତି ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ସୌନ୍ଦର୍ଯ୍ୟବୋଧର ଶିକ୍ଷା

## (୨)


### ଶେଖ ଅବଦୁଲ କାଶମ


ମାଆ କହନ୍ତି, ''ସୌନ୍ଦର୍ଯ୍ୟ ସ୍ଥାୟୀ ହୋଇ ରହି ପାରିବାକୁ ହେଲେ ତାହା ଲାଗି ଗୋଟିଏ ସୁନ୍ଦରତାପୂର୍ଣ୍ଣ ସଦନ ଯୋଗାଇ ଦେବାକୁ ହେବ ।'' ସେ ଏଠାରେ ବାହ୍ୟବସ୍ତୁଗୁଡ଼ିକ ବିଷୟରେ କହି ନାହାନ୍ତି । ତାଙ୍କ ମତରେ ଆମ ଅନ୍ତରରେ ଆମେ ଏପରି ଏକ ଦୃଷ୍ଟିକୋଣକୁ ସ୍ଥାନ ଦେବା ଉଚିତ ଯାହା ପ୍ରକୃତରେ ''ସୁନ୍ଦର, ଉଦାତ୍ତ, ସୌଷମ୍ୟଯୁକ୍ତ ଏବଂ ସ୍ୱାର୍ଥମୁକ୍ତ ହୋଇଥିବ ।'' (ମାତୃରଚନାବଳି, ୪ର୍ଥ ଖଣ୍ଡ, ପୃ. ୬୦୦) ତାହାହେଲେ ସେହିଠାରେହିଁ ପ୍ରେମ ଆସିବାର ଓ ସ୍ଥାୟୀ ହୋଇ ରହିବାର ଏକ ସମ୍ଭାବନା ରହିଛି । ଯେଉଁଠି ସ୍ୱାର୍ଥ, ଲୋଭ ଆଦି ଅଶୁଦ୍ଧତା ବିମିଶ୍ରିତ ହୋଇ ରହିଥାଏ ସେଠାକୁ ସୌନ୍ଦର୍ଯ୍ୟ କିଂବା ପ୍ରେମ ଆସିପାରେ ନାହିଁ କିଂବା ସେଠାରେ ସ୍ଥାୟୀ ଭାବରେ ବାସ କରିପାରେ ନାହିଁ ।

''ମାଆ'' ପୁସ୍ତକରେ ଶ୍ରୀଅରବିନ୍ଦ ମାଆଙ୍କ ମହାଲକ୍ଷ୍ମୀ ବିଭାବ ବର୍ଣ୍ଣନା କଲାବେଳେ ଯେଉଁ ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ଆମର ଲକ୍ଷ୍ୟ ତାହା ପ୍ରକାଶ କରିଛନ୍ତି – ''ମନ ଓ ଅନ୍ତରାତ୍ମାର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ଚିନ୍ତା ଓ ଅନୁଭବର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ପ୍ରତ୍ୟେକ ବାହ୍ୟ କର୍ମ ଓ ଗତିର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ଜୀବନ ଓ ପରିବେଶର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ – ଏହିସବୁ ହେଲା ମହାଲକ୍ଷ୍ମୀଙ୍କର ଦାବି ।''

ପରମ ସୌନ୍ଦର୍ଯ୍ୟକୁ ଉପଲବ୍ଧି କରିବା ପାଇଁ ପରମ ପ୍ରେମର ସାଧନା କରିବାକୁ ହେବ । ପରମ ପ୍ରେମ ଓ ପରମ ସୌନ୍ଦର୍ଯ୍ୟକୁ ଉପଲବ୍ଧି କରିପାରିଲେ ଆମେ ପରମ ଆନନ୍ଦକୁ ମଧ୍ୟ ଉପଲବ୍ଧି କରିପାରିବା । ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ମହାକାବ୍ୟରେ ପ୍ରେମର ପରାକାଷ୍ଠା ପ୍ରଦର୍ଶନ କରିଥିବା 'ସାବିତ୍ରୀ'ଙ୍କୁ "O beautiful slave of God" (Savitri, p. 702) ଏବଂ "O beautiful body of the incarnate Word," (Savitri, p. 698) ବୋଲି ସମ୍ବୋଧନ କରାଯାଇଛି । ସାବିତ୍ରୀ ଯେତେବେଳେ ସତ୍ୟବାନଙ୍କୁ ଯମଙ୍କ ପାଖରୁ ଉଦ୍ଧାର କରି ଆଣିଛନ୍ତି ସେତେବେଳେ ସେ ଦୁହିଁଙ୍କୁ ଖୋଜିବାକୁ ଆସିଥିବା ବ୍ୟକ୍ତିଗଣ ସାବିତ୍ରୀଙ୍କ ଅପୂର୍ବ ଜ୍ୟୋତିଃ ସନ୍ଦର୍ଶନ କରି ବିସ୍ମୟାଭିଭୂତ ହୋଇଛନ୍ତି । ସାବିତ୍ରୀ ପୂର୍ବାପେକ୍ଷା ଅଧିକ ଜ୍ୟୋତିଃ ଓ ସୌନ୍ଦର୍ଯ୍ୟରେ ବିଭୂଷିତା ହୋଇଛନ୍ତି । ସତ୍ୟବାନ୍ ମଧ୍ୟ ସାବିତ୍ରୀଙ୍କ ଏହି ପରିବର୍ତ୍ତନରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଅରଣ୍ୟରେ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ତପସ୍ୱୀ ସାବିତ୍ରୀଙ୍କୁ ଏହି ଅପରୂପ ଜ୍ୟୋତିଃ ଓ ଶକ୍ତିର ରହସ୍ୟ ଜିଜ୍ଞାସା କରିଛନ୍ତି । ସାବିତ୍ରୀ ଏହାର ଉତ୍ତରରେ କହିଛନ୍ତି –

"Awakened to the meaning of my heart
That to feel love and oneness is to live
And this the magic of our golden change,
Is all the truth I know or seek, O sage."

(Savitri, p. 724)

ଅର୍ଥାତ୍, ''ହେ ମୁନି, ପ୍ରେମର ଅନୁଭୂତି ଏବଂ ଏକାତ୍ମତା ଲାଭ କରିବାହିଁ ପୂର୍ଣ୍ଣ ଜୀବନ ଏବଂ ମୋ ହୃଦୟରେ ଏହି ଯେ ସାର୍ଥକତା ପ୍ରତି ମୋର ପ୍ରତୀତି ଜାଗ୍ରତ୍ ହୋଇଛି ଏବଂ ଏହାହିଁ ଆମ ଦିବ୍ୟ ରୂପାନ୍ତରର ଯାଦୁମୟ ମନ୍ତ୍ର, ଏହାହିଁ ପୂର୍ଣ୍ଣସତ୍ୟ ଯାହା ମୁଁ ଜାଣେ ଅଥବା ଏହାକୁହିଁ ଜୀବନରେ ବାସ୍ତବାୟିତ କରିବା ହେଉଛି ମୋର ଏକମାତ୍ର ସାଧନା ।''

ଏଥିରୁ ଜଣାଗଲା ଯେ ପ୍ରେମହିଁ ଜୀବନର ପ୍ରଧାନତମ ଅର୍ଥ, ଏକମାତ୍ର ସାର୍ଥକତା । ପ୍ରେମହିଁ ସୃଜିପାରେ ସୌନ୍ଦର୍ଯ୍ୟ ଓ ଆନନ୍ଦ । ଏକ ଚୂଡ଼ାନ୍ତ ଉପଲବ୍ଧିର ସ୍ତରରେ ପରମ ସୌନ୍ଦର୍ଯ୍ୟ ଓ ପରମ ଆନନ୍ଦ ପରସ୍ପର ସହିତ ଅବିଚ୍ଛେଦ୍ୟ ସମ୍ପର୍କ ସୂତ୍ରରେ ଆବଦ୍ଧ ହୋଇଥା'ନ୍ତି ।

ପରମ ଦିବ୍ୟସତ୍ତାଙ୍କ ଅବତାରମାନଙ୍କ କ୍ଷେତ୍ରରେ ସାଧାରଣତଃ ଆମେ ଦେଖୁ ଯେ ପ୍ରେମ, ସୌନ୍ଦର୍ଯ୍ୟ ଓ ଆନନ୍ଦ ତାଙ୍କ ମଧ୍ୟରେ ଅପୂର୍ବ ଭାବରେ ସମନ୍ୱିତ ହୋଇ ରହିଥାଏ । ଶ୍ରୀକୃଷ୍ଣ ଯିଏ କି ଭଗବାନଙ୍କ ଆନନ୍ଦମୟ ବିଭାବରୁ ଅବତୀର୍ଣ୍ଣ ହୋଇଥିଲେ ସେ ଥିଲେ ସର୍ବସୁନ୍ଦର, 'ଶ୍ୟାମସୁନ୍ଦର' । ଶ୍ରୀଅରବିନ୍ଦ ଶ୍ରୀକୃଷ୍ଣଙ୍କ ବିଷୟରେ କହନ୍ତି – "God as beauty, Sri Krishna in Brindavan, Syamasundara, is not only Beauty, He is also

Love, and without perfect love there cannot be perfect beauty, and without perfect beauty there cannot be perfect delight."

(SABCL : Vol. 17, 'The Hour of God', p. 241)

'ସାବିତ୍ରୀ' ମହାକାବ୍ୟର ମୁଖ୍ୟ ନାୟିକା ସାବିତ୍ରୀଙ୍କ ଭିତରେ ବି ଆମେ ଦେଖୁ ପ୍ରେମ, ସୌନ୍ଦର୍ଯ୍ୟ ଓ ଆନନ୍ଦର ଅପୂର୍ବ ସମନ୍ୱୟ । ଶ୍ରୀଅରବିନ୍ଦଙ୍କ ଭାଷାରେ –

"Beauty shall walk celestial on the earth,
Delight shall sleep in the cloud-net
of her hair,
And in her body as on his homing tree
Immortal Love shall beat his glorious wings."

(Savitri, p. 346)

ଅର୍ଥାତ୍,

''ଧରା 'ପରେ ବିଚରିବ ଦ୍ୟୁଲୋକ ସୁଷମା
ଆନନ୍ଦ ଲୋଟିବ ତା'ର ନୀରଦ କୁନ୍ତଳେ ।
ଶରୀରେ ତା' ନୀଡ଼ଧାରୀ ବୃକ୍ଷରେ ଯେସନ
ମହାପକ୍ଷ ଆଲୋଡ଼ିତ ମୃତ୍ୟୁଞ୍ଜୟ ପ୍ରେମ ।''

ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ହୁଏ ଯେ ଆମେ ସକଳ ଜଡ଼ବସ୍ତୁ, ତରୁଲତା, ପ୍ରାଣୀ ଓ ମଣିଷମାନଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରେମ ପୋଷଣ କରିବା ଦ୍ୱାରା ପୃଥିବୀରେ ସୌନ୍ଦର୍ଯ୍ୟ ପ୍ରତିଷ୍ଠା କରିପାରିବା ।

ପରମ ସୌନ୍ଦର୍ଯ୍ୟକୁ ସ୍ୱୟଂ ଭଗବାନଙ୍କ ସ୍ୱରୂପ ବୋଲି ଜାଣିବାକୁ ହେବ । କାରଣ ଭଗବାନଙ୍କ ଆନନ୍ଦ ଶକ୍ତିରୁହିଁ ଏଇ ପରମ ସୌନ୍ଦର୍ଯ୍ୟ ଉତ୍ପତ୍ତି ଲାଭ କରିଛି । ଭୌତିକ ଜଗତରେ ଯାବତୀୟ ବସ୍ତୁ ମଧ୍ୟରେ ସୌନ୍ଦର୍ଯ୍ୟହିଁ ଭଗବାନଙ୍କୁ ସର୍ବୋତ୍ତମ ଭାବରେ ପ୍ରକାଶ କରିବାକୁ ସମର୍ଥ ହୋଇଥାଏ । ମନୁଷ୍ୟ ଯୁଗେ ଯୁଗେ ଭୌତିକ ରୂପ ଭିତରେ ରୂପାତୀତଙ୍କର ଉପାସନା କରିବା ପାଇଁ ଚେଷ୍ଟା କରିଛି । ରୂପ ଯେତେବେଳେ ପରିପୂର୍ଣ୍ଣତା ଲାଭ କରେ ତାହା ସୌନ୍ଦର୍ଯ୍ୟ ରୂପେ ପ୍ରକଟିତ ହୁଏ । ସୌନ୍ଦର୍ଯ୍ୟ ହେଉଛି ଏକ ମହାନ୍ ଶକ୍ତି ଯାହା ସ୍ଥୂଳ ବା ସୂକ୍ଷ୍ମ ରୂପରେ ରହି ଆମକୁ ନିତ୍ୟ ଆକର୍ଷଣ କରୁଛି । ସୌନ୍ଦର୍ଯ୍ୟ ହେଉଛି ଏକ ଯାଜକ (Priest) ଯିଏ କି ଭଗବାନଙ୍କର ବ୍ୟାଖ୍ୟା କରିପାରେ । ମାଆଙ୍କ ଭାଷାରେ –

"... who interprets, expresses, manifests the Eternal. Its true role is to put the whole of manifested nature into contact with the Eternal through the perfection of form, harmony, and through a sense of the ideal which raises you towards something higher."

(CWM : Vol. 8, p. 215)

ଅର୍ଥାତ୍, ''... ଯିଏ ସୌନ୍ଦର୍ଯ୍ୟ ଶାଶ୍ୱତ (ଭଗବାନ୍)ଙ୍କର ବ୍ୟାଖ୍ୟା କରି ପାରୁଛି, ତାଙ୍କୁ ବ୍ୟକ୍ତ କରି ଆଣୁଛି ଓ ପ୍ରକାଶିତ କରି ଦେଉଛି । ରୂପ ସୌଷମ୍ୟ ଓ ପରିପୂର୍ଣ୍ଣତା ମଧ୍ୟଦେଇ ଏବଂ ଆମକୁ କୌଣସି ଏକ ଉଚ୍ଚତର ବସ୍ତୁ ଆଡ଼କୁ ଉତ୍ତୋଳିତ କରି ନେଉଥିବା ଆଦର୍ଶର ଏକ ବୋଧ ମଧ୍ୟ ଦେଇ ସମଗ୍ର ଅଭିବ୍ୟକ୍ତ ପ୍ରକୃତିକୁ ପରମ ଶାଶ୍ୱତଙ୍କର ସମ୍ପର୍କରେ ଆଣିବାହିଁ ସୌନ୍ଦର୍ଯ୍ୟର ଯଥାର୍ଥ ଭୂମିକା ବୋଲି କହିବାକୁ ହେବ ।''

(ମାତୃରଚନାବଳି, ୮ମ ଖଣ୍ଡ, ପୃ. ୩୧୮)

ସକଳ ବସ୍ତୁର ପଶ୍ଚାତରେ ଦିବ୍ୟ ସୌନ୍ଦର୍ଯ୍ୟ ରହିଅଛି । ବସ୍ତୁର ଆନ୍ତର ଓ ବାହ୍ୟରୂପ ପରିପୂର୍ଣ୍ଣତା ଲାଭ କଲେ ସେହି ଦିବ୍ୟ ସୌନ୍ଦର୍ଯ୍ୟ ଫୁଟିଉଠେ । ଏହି ସୌନ୍ଦର୍ଯ୍ୟ ମାଧ୍ୟମରେ ବସ୍ତୁଟି ଭଗବାନଙ୍କର ସଂସ୍ପର୍ଶରେ ଆସେ । ସୁତରାଂ ଚିତ୍ରକଳା ହେଉ ବା ସଙ୍ଗୀତ କଳା ହେଉ, ସେଥିରେ ପରିପୂର୍ଣ୍ଣତା ଆଣିବା ଦ୍ୱାରା ଆମେ ଭଗବାନଙ୍କ ସଂସ୍ପର୍ଶ ଲାଭ କରିପାରିବା ।

ପୃଥିବୀରେ ପ୍ରଚଳିତ କେତେକ ଧର୍ମରେ ନୈତିକତା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ଏବଂ ସୌନ୍ଦର୍ଯ୍ୟ ବିଷୟଟିକୁ ଉପେକ୍ଷା କରାଯାଏ । ମାତ୍ର ଭାରତବର୍ଷରେ ସୌନ୍ଦର୍ଯ୍ୟକୁ ଆଧ୍ୟାତ୍ମିକ ମୂଲ୍ୟ ଦିଆଯାଏ । ଏଠାରେ ଭଗବାନଙ୍କୁ ସର୍ବସୁନ୍ଦର ବୋଲି କୁହାଯାଏ । ଶ୍ରୀଅରବିନ୍ଦ କହନ୍ତି ଯେ ୟୁରୋପୀୟ କଳାର ମାନସିକ, ପ୍ରାଣଗତ ଓ ଦୈହିକ ପ୍ରବଣତା ରହିଛି ଏବଂ ଭାରତୀୟ କଳାରେ ରହିଛି ସୂକ୍ଷ୍ମାତିସୂକ୍ଷ୍ମ ଆଧ୍ୟାତ୍ମିକ ପ୍ରବଣତା । ଭାରତର କଳାର ମୂଳରେ ଆଧ୍ୟାତ୍ମିକ ଅଭିପ୍ରାୟ ବା ଚୈତ୍ୟର ବ୍ୟଞ୍ଜନା ହେଉଛି ପ୍ରଧାନ କଥା । ଏଠାରେ ସୌନ୍ଦର୍ଯ୍ୟବୋଧର ଯେଉଁ ବ୍ୟାପକତା ଦେଖିବାକୁ ମିଳେ ତାହା ଜାତୀୟ ସଂସ୍କୃତିର ମହାନତାକୁ ପ୍ରମାଣିତ କରେ । ଏକ ମହାନ୍ ସଂସ୍କୃତିର ଶ୍ରେଷ୍ଠ ଲକ୍ଷ୍ୟ ହେଲା ଆତ୍ମାର ବିଧାନ ଅନୁସାରେ ଜୀବନ ବଞ୍ଚିବା ଏବଂ ଅନ୍ୟତମ ଲକ୍ଷ୍ୟ ହେଲା ସୌନ୍ଦର୍ଯ୍ୟ ଓ ସମନ୍ୱୟର ବିଧାନ ଅନୁସାରେ ଜୀବନ ବଞ୍ଚିବା । ତେଣୁ ଜୀବନର ପ୍ରତିଟି କ୍ଷେତ୍ରରେ ଆଧ୍ୟାତ୍ମିକ ମୂଲ୍ୟବୋଧ ଏବଂ ସୌନ୍ଦର୍ଯ୍ୟ ଓ ସମନ୍ୱୟର ବିଧାନକୁ

କାର୍ଯ୍ୟକାରୀ କରିବାକୁ ପ୍ରୟାସ କରାଯିବା ଉଚିତ । ଏଥିପାଇଁ ଆମକୁ ଆମ ଅନ୍ତର୍ନିହିତ ଚୈତ୍ୟସତ୍ତାକୁ ଉପଲବ୍ଧି କରିବାକୁ ହେବ । ଚୈତ୍ୟସତ୍ତାର ଉପଲବ୍ଧି ଦ୍ୱାରା ଆମେ ସୌନ୍ଦର୍ଯ୍ୟକୁ ତା'ର ମୌଳିକ, ଗଭୀର, ବିଶ୍ୱଜନୀନ ଓ ସର୍ବକାଳୀନ ସ୍ୱରୂପରେ ପ୍ରାପ୍ତ ହୋଇ ପାରିବା ।

ଆତ୍ମାର ଉପଲବ୍ଧି ଦ୍ୱାରା ଯଥାର୍ଥ ସୌନ୍ଦର୍ଯ୍ୟବୋଧ ହାସଲ ହୋଇ ପାରିଲେ ପରମ ମଙ୍ଗଳ ଆଡ଼କୁ ବାଟ ଫିଟିଯିବ । ସେତେବେଳେ ଯାହା ବି କାର୍ଯ୍ୟ ଆମ ହାତରେ ହେବ ତାହା ସମସ୍ତଙ୍କର ମଙ୍ଗଳ ପାଇଁହିଁ ଉଦ୍ଦିଷ୍ଟ ହେବ । ବିଶ୍ୱକବି ରବୀନ୍ଦ୍ରନାଥ ଯଥାର୍ଥରେ କହିଛନ୍ତି –

''ସୌନ୍ଦର୍ଯ୍ୟର ପାଦପୀଠ ତଳେ କଲ୍ୟାଣର ଦୀପ ଜଳୁଛି ।'' 'ସାବିତ୍ରୀ' ମହାକାବ୍ୟରେ ମଧ୍ୟ କୁହାଯାଇଛି ଯେ ଆତ୍ମା ସର୍ବଦା ପରମ ମଙ୍ଗଳ ଓ ପରମ ସୌନ୍ଦର୍ଯ୍ୟକୁହିଁ ଅଭିଳାଷ କରିଥାଏ –

"It seeks for Good and Beauty and for God;"

(Savitri, p. 485)

ଆମ ସତ୍ତାର ସକଳ ଭାଗର ସୁସଂହତ ବିକାଶ ଓ ପରିପୂର୍ଣ୍ଣତା ଆବଶ୍ୟକ । ତେଣୁ ଚୈତ୍ୟସତ୍ତାର ବିକାଶ ସାଙ୍ଗକୁ ଆମ ଶରୀର ଓ ଇନ୍ଦ୍ରିୟଗୁଡ଼ିକର ସୌନ୍ଦର୍ଯ୍ୟ ଓ ସୁସଙ୍ଗତି ପାଇଁ କାର୍ଯ୍ୟ କରିବାକୁ ପଡ଼ିବ । କେତେକ ଯୋଗଦର୍ଶନରେ ଶରୀର ଓ ଇନ୍ଦ୍ରିୟଗୁଡ଼ିକୁ ଅବହେଳା କରାଯାଏ । ସେଗୁଡ଼ିକର ଗତିବୃତ୍ତି ଓ ପ୍ରକୃତି ଅପରିବର୍ତ୍ତନୀୟ ବୋଲି ବିଚାର କରାଯାଏ । ମାତ୍ର ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଯୋଗରେ ଦୈହିକ ସତ୍ତାର ସୁସଙ୍ଗତ ବିକାଶ ଓ ପରିପୂର୍ଣ୍ଣତା ସମ୍ଭବ ବୋଲି ବିଶ୍ୱାସ କରାଯାଏ ଏବଂ ଶରୀରଚର୍ଚ୍ଚା ଆଧ୍ୟାତ୍ମିକତାର ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି ଗ୍ରହଣ କରାଯାଏ । ମାଆ କହନ୍ତି – '' ... ପରମ ଦିବ୍ୟସତ୍ତା ଆମ ସତ୍ତାର ବିଭିନ୍ନ ଭୂମିରେ ଭିନ୍ନ ଭିନ୍ନ ପ୍ରକାରେ ରୂପାୟିତ ହୋଇଥାଏ । ଉଚ୍ଚତର ଅଂଶଗୁଡ଼ିକରେ ତାହା ପରମ ଶକ୍ତି ଓ ପରମ ପ୍ରେମ ରୂପେ ଆପଣାକୁ ରୂପାୟିତ କରେ, ମାତ୍ର ଶରୀର-ଭୂମିର ସତ୍ତାଟି ମଧ୍ୟରେ ତାହା ସମଞ୍ଜସତା ଓ ସୌନ୍ଦର୍ଯ୍ୟ ରୂପେ ପ୍ରକଟିତ ହୋଇଆସେ ।

''ତେଣୁ, ଶାରୀରିକ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ବିଷୟକ ସମସ୍ୟାଟି ହେଉଛି ପ୍ରକୃତରେ ଆଧ୍ୟାତ୍ମିକ ସମସ୍ୟା ।''

(ମାତୃରଚନାବଳି, ୪ର୍ଥ ଖଣ୍ଡ, ପୃ. ୮୫)

ଶିଶୁମାନଙ୍କ ଭିତରେ ଭଲମନ୍ଦର ବିଚାର (discrimination) ଏବଂ ସୌନ୍ଦର୍ଯ୍ୟବୋଧ (aesthetic sense) ଜାଗ୍ରତ୍ କରିବାକୁ ହେବ । ଯାହା ସୁନ୍ଦର ଓ ସୁସମଞ୍ଜସ, ସରଳ, ସ୍ୱାସ୍ଥ୍ୟକର ଓ ବିଶୁଦ୍ଧ ତାକୁ ଶିଶୁ ଯେମିତି ଚିହ୍ନିପାରିବ ଓ ଗ୍ରହଣ କରିପାରିବ ସେଥିପାଇଁ ପାଠ୍ୟକ୍ରମ ଭିତରେ ତଥା ପାଠ୍ୟକ୍ରମ ବହିର୍ଭୂତ ବିଷୟରେ ବ୍ୟବସ୍ଥା କରିବା ଆବଶ୍ୟକ । ଇନ୍ଦ୍ରିୟାନୁଭୂତିର ସୌନ୍ଦର୍ଯ୍ୟ ଓ ସାମଞ୍ଜସ୍ୟ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ହେବ । ଶିଶୁକୁ ଅଶ୍ଳୀଳତା, କୁରୁଚି, ନିମ୍ନମୁଖୀ ପ୍ରଭାବ ଓ ମନ୍ଦ ସଂସର୍ଗରୁ ଦୂରେଇ ରଖିବା ଉଚିତ । ଶିଶୁ ଯଦି ନିଜର ପ୍ରତିକ୍ରିୟା, ପ୍ରବୃତ୍ତି ଓ ଗତିବିଧିକୁ ଭଲଭାବରେ ପର୍ଯ୍ୟବେକ୍ଷଣ କରିବାକୁ ଶିଖିବ ତେବେ ସେ କ୍ରମଶଃ ନିଜ ଉପରେ କର୍ତ୍ତୃତ୍ୱଲାଭ କରିବାକୁ ସମର୍ଥ ହେବ । ତା' ଭିତରେ ଆତ୍ମ-ଜୟର ସଂକଳ୍ପ ଜାଗ୍ରତ୍ କରିପାରିଲେ ତା'ର ସାମର୍ଥ୍ୟ ବୃଦ୍ଧି ହେବା ସହିତ ସୌନ୍ଦର୍ଯ୍ୟବୋଧ ଓ ସୁରୁଚି ଆଡ଼କୁ ସେ ସ୍ୱତଃ ଆକର୍ଷିତ ହୋଇଆସିବ ।

ଏକ ପରିପୂର୍ଣ୍ଣ ସୌନ୍ଦର୍ଯ୍ୟର ସୃଷ୍ଟି ପାଇଁ ତିନୋଟି ଉପାଦାନ ଆବଶ୍ୟକ ହୋଇଥାଏ । ଯଥା – ୧. ସୌନ୍ଦର୍ଯ୍ୟର ଏକ ମୌଳିକ ଉପାଦାନ ଯାହା ସକଳ ବସ୍ତୁରେ ଅନ୍ତର୍ନିହିତ ଥାଏ; ୨. ପରିବ୍ୟାପ୍ତ ହୋଇ ରହିଥିବା ଗୁଣ; ୩. ଅଭିବ୍ୟକ୍ତି ବା ରୂପ । ଯେଉଁଠି ଏଇ ତିନୋଟି ଉପାଦାନ ମଧ୍ୟରେ ସଙ୍ଗତି ରହିଥାଏ ସେଠାରେ ପୂର୍ଣ୍ଣ ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଥାଏ ଏବଂ ପରମାନନ୍ଦର ପୂର୍ଣ୍ଣ ଅଭିବ୍ୟକ୍ତି ଘଟେ । ପ୍ରକୃତ ସୌନ୍ଦର୍ଯ୍ୟ ପରମାନନ୍ଦ ସ୍ତରରୁହିଁ ସୃଷ୍ଟି ହୋଇଥାଏ ।

('Evening Talks with Sri Aurobindo', p. 249)

ସୌନ୍ଦର୍ଯ୍ୟର ରସବୋଧ କ୍ଷେତ୍ରରେ ଆମେ ଦୁଇଟି ଉପାଦାନ ଲକ୍ଷ୍ୟ କରିପାରିବା । ଗୋଟିଏ ହେଲା ରୂପ ଏବଂ ଅନ୍ୟଟି ହେଲା ସୌନ୍ଦର୍ଯ୍ୟର ଆଧ୍ୟାତ୍ମିକ ଉପାଦାନ । ରୂପଗତ ସୌନ୍ଦର୍ଯ୍ୟ ମଧ୍ୟ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟର ଏକ ପରିପ୍ରକାଶ, ତାହା ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟଠାରୁ ସମ୍ପୂର୍ଣ୍ଣ ପୃଥକ୍ ନୁହେଁ । କଳାତ୍ମକ ସୃଷ୍ଟି ପାଇଁ ଆଧ୍ୟାତ୍ମିକତା ଭିତ୍ତି ହୋଇ ରହିଥାଏ । କାରଣ କଳାର ଯଥାର୍ଥ କାର୍ଯ୍ୟ ହେଲା ବସ୍ତୁସକଳ ମଧ୍ୟରେ ରହିଥିବା ଆତ୍ମାକୁହିଁ ଅଭିବ୍ୟକ୍ତ କରିବା ।

ଜଡ଼ର ସ୍ତରରେ ରୂପକୁ ସୌନ୍ଦର୍ଯ୍ୟାନୁଭବ ଠାରୁ ପୃଥକ୍ କରାଯାଇ ପାରିବ ନାହିଁ । ଏହି ସ୍ତରରେ ରୂପକୁ ଆଶ୍ରୟ କରି ସୌନ୍ଦର୍ଯ୍ୟର ଅନୁଭବ ହୁଏ । କିନ୍ତୁ ଜଡ଼ର ଊର୍ଦ୍ଧ୍ୱସ୍ଥ ସ୍ତରଗୁଡ଼ିକରେ ଏପରି ହୋଇ ନଥାଏ । ସେଠାରେ ସୌନ୍ଦର୍ଯ୍ୟ ରୂପହୀନ

ହୋଇପାରେ । କଳାର ସୃଜନ ପାଇଁ ରୂପ ଅପରିହାର୍ଯ୍ୟ ହୋଇଥାଏ । ଜଣେ ଶିଳ୍ପୀ ପ୍ରସ୍ତର ମୂର୍ତ୍ତି ଗଠନ କରିବାକୁ ଗଲାବେଳେ ପ୍ରସ୍ତରର ବାହ୍ୟ ଆକୃତି ମଧ୍ୟରେ ସେ ଏକ ନିର୍ଦ୍ଦିଷ୍ଟ ରୂପକୁ ଦର୍ଶନ କରେ । ସେହି ରୂପଟି ତା'ର ପରିବେଶ, ଅନୁଭୂତି, କଳ୍ପନାଶକ୍ତି ଓ ନିର୍ମାଣ-ଦକ୍ଷତା ଉପରେ ନିର୍ଭର କରେ ।

କଳାତ୍ମକ ସୃଷ୍ଟି ପାଇଁ ମଣିଷର ଶରୀର, ମନ ଓ ଇନ୍ଦ୍ରିୟରାଜି ଉପକରଣ ରୂପେ କାର୍ଯ୍ୟ କରିପାରେ । ସୁତରାଂ ଭୌତିକ, ପ୍ରାଣିକ, ଇନ୍ଦ୍ରିୟଗତ ଓ ମାନସିକ ଶକ୍ତିର ଉପଯୁକ୍ତ ପ୍ରଶିକ୍ଷଣ ଦ୍ୱାରା ଉତ୍ତମ କଳାର ସୃଷ୍ଟି କରାଯାଇପାରେ । ବିଦ୍ୟାଳୟରେ ପିଲାମାନଙ୍କ ଭିତରେ ସୌନ୍ଦର୍ଯ୍ୟବୋଧ ସୃଷ୍ଟି ପାଇଁ ସେମାନଙ୍କ ଆଗରେ ଉତ୍କୃଷ୍ଟ କଳାକୃତି, ମଧୁର ରସପୂର୍ଣ୍ଣ ସଙ୍ଗୀତ, ଉଚ୍ଚାଙ୍ଗ ସାହିତ୍ୟର ନମୁନା ଉପସ୍ଥାପିତ କରିବା ଉଚିତ । ସୁନ୍ଦର ବସ୍ତୁ, ସୁନ୍ଦର ପରିବେଶ, ସୁନ୍ଦର ସାଜସଜ୍ଜା, ସୁନ୍ଦର ଭାବନା ଓ ସୁନ୍ଦର କର୍ମକୁ ପିଲାମାନେ ଯେମିତି ପସନ୍ଦ କରିବେ ଏବଂ ତଦ୍ଦ୍ୱାରା ସେମାନଙ୍କ ନାନ୍ଦନିକବୋଧ (aesthetic sense) ଉଜ୍ଜୀବିତ ହେବ, ସେଥିପାଇଁ ବ୍ୟବସ୍ଥା କରିବା ଉଚିତ । ଜଣକର ନାନ୍ଦନିକ ବୋଧ ବା ରସବୋଧ ଯେତିକି ଶୁଦ୍ଧ ହୋଇଥିବ ସେ ସୌନ୍ଦର୍ଯ୍ୟ ମାଧ୍ୟମରେ ଭଗବାନଙ୍କର ସେତିକି ନିକଟତର ହୋଇପାରିବ – ଏହି କଥାଟି ପିଲାମାନଙ୍କୁ ବୁଝାଇ ଦିଆଯିବା ଉଚିତ ।

ସୌନ୍ଦର୍ଯ୍ୟ ସୃଷ୍ଟି କରିବାରେ ଆନନ୍ଦ ରହିଛି । କିନ୍ତୁ ପ୍ରକାଶନ ଧାରାରେ ଭଗବତ୍ ଶକ୍ତିର ଯନ୍ତ୍ର ହୋଇ କିଛି ସୃଷ୍ଟି କଲେ ଯେଉଁ ଆନନ୍ଦ ମିଳେ ତାହାହିଁ ବିଶୁଦ୍ଧ ଆନନ୍ଦ । ଯଦି ଜଣେ କୌଣସି କାର୍ଯ୍ୟକୁ ଭଲଭାବରେ ସମ୍ପାଦନ କରି ବା ସୁନ୍ଦର ଜିନିଷଟିଏ ସୃଷ୍ଟି କରି ନିଜକୁ ଜଣେ ବିଶିଷ୍ଟ ବ୍ୟକ୍ତି ବୋଲି ମନେ କରେ ତାହାହେଲେ ତାହା ହେବ ଅହଙ୍କାର-ପ୍ରସୂତ ଆନନ୍ଦ, ଶୁଦ୍ଧ ଆନନ୍ଦ ନୁହେଁ । ଶ୍ରୀଅରବିନ୍ଦ କହନ୍ତି – ''ଦିବ୍ୟାନନ୍ଦ ଏକ ବୃହତ୍ତର ଶକ୍ତିର ଅନୁପ୍ରବେଶରୁ ଆସେ, ତାହା ଦ୍ୱାରା ଅଧିକୃତ ହୋଇ ବ୍ୟବହୃତ ହେବାର ପୁଲକରୁ ଆସେ – ଆବେଶ ଚେତନାର ଉତ୍ତରଣରେ ଏକ ଉଜ୍ଜ୍ୱଳ ଉଲ୍ଲାସ ଅନୁଭୂତ ହୁଏ । ଆଉ ମଧ୍ୟ ଯାହା ସୃଷ୍ଟି କରାଯାଇଛି ତାହାର ସୌନ୍ଦର୍ଯ୍ୟ, ଶକ୍ତି ଓ ପରାକାଷ୍ଠାରୁ ମଧ୍ୟ ଆନନ୍ଦ ମିଳିଥାଏ । ଏହା ସେସମୟର ଚେତନାର ଅବସ୍ଥା ଉପରେ, ସ୍ୱଭାବ ଉପରେ ଓ ପ୍ରାଣଶକ୍ତିର କ୍ରିୟା ଉପରେ ନିର୍ଭର କରେ ।

''ସ୍ୱାଭାବିକ ଭାବେ ସମର୍ପଣର ଦିବ୍ୟାନନ୍ଦ ବା ଆଧ୍ୟାତ୍ମିକ ଉପଲବ୍ଧି ବା ଦିବ୍ୟପ୍ରେମର ଆନନ୍ଦ ଆହୁରି ମହତ୍ତର । କିନ୍ତୁ ସୃଷ୍ଟି କରିବାର ଆନନ୍ଦର ମଧ୍ୟ ଏକ ବିଶିଷ୍ଟ ସ୍ଥାନ ରହିଛି ।''

("Breath of Grace" ପୁସ୍ତକରୁ ଅନୂଦିତ)

ସୌନ୍ଦର୍ଯ୍ୟ ସୃଷ୍ଟି ବିଷୟରେ ଆଲୋଚନା କଲାବେଳେ ମହାକବି କାଳିଦାସଙ୍କ କଥା ମନକୁ ଆସେ । ବିଶ୍ୱାସ କରାଯାଏ କାଳିଦାସ ଦେବୀ ସରସ୍ୱତୀଙ୍କର କୃପା ଲାଭ କରି ସର୍ବୋତ୍କୃଷ୍ଟ ସାହିତ୍ୟ ସୃଷ୍ଟି କରିପାରିଥିଲେ । ତାଙ୍କ କବିତ୍ୱମୟ ଭାଷାର କଳାକୁଶଳତା ଅସାଧାରଣ ପୂର୍ଣ୍ଣତା ଲାଭ କରିଥିଲା । ଶ୍ରୀଅରବିନ୍ଦଙ୍କ ମତରେ କାଳିଦାସ ସୌନ୍ଦର୍ଯ୍ୟକୁ ପୂର୍ଣ୍ଣତମ ଭାବରେ ପ୍ରକାଶ କରିଛନ୍ତି । ସେ କହନ୍ତି – ''ତାଙ୍କ ପରି ଏତେ ପରମ କୁଶଳୀ କଳାକାର କେହି ନାହାନ୍ତି ଯେକି ସବୁଠୁ ଅମୂଲ୍ୟ ବର୍ଣ୍ଣ, ମାଧୁର୍ଯ୍ୟ, ଆବେଦନ ଏବଂ ମୂଲ୍ୟବୋଧ, ଶ୍ରେଷ୍ଠତ୍ୱ କିଂବା ମହତ୍ତ୍ୱ, ସାମର୍ଥ୍ୟ ଓ ସ୍ନିଗ୍ଧତାସବୁକୁ ଏକାଧାରରେ ଫୁଟେଇ ପାରିଛନ୍ତି ...''

('ଭାରତୀୟ ସଂସ୍କୃତିର ଆଧାର', ପୃ. ୩୯୯)

କାଳିଦାସଙ୍କ ଭଳି ପରିପୂର୍ଣ୍ଣ ଓ ସଙ୍ଗତିଭରା ଶୈଳୀ ସାହିତ୍ୟରେ କୁତ୍ରାପି ଦେଖିବାକୁ ମିଳେ ନାହିଁ । ସୁଲଳିତ ଭାଷାର ସ୍ୱଚ୍ଛତା ଭିତରେ କଳାମୟ ଚାତୁର୍ଯ୍ୟକୁ ସେ ଫୁଟାଇଛନ୍ତି । ତାଙ୍କ ରଚନାରେ ଭାବର ଅବ୍ୟର୍ଥ ପ୍ରାଚୁର୍ଯ୍ୟ ରହିଛି । ପରିପୂର୍ଣ୍ଣ ଅର୍ଥର ନିପୁଣ ସ୍ୱାଚ୍ଛନ୍ଦ୍ୟ ଓ ଦିବ୍ୟ ସମୃଦ୍ଧି କାଳିଦାସଙ୍କ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ଶ୍ରୀଅରବିନ୍ଦ ଆହୁରି କହନ୍ତି – '' କଳାତ୍ମକ, ଭୋଗ ବିଷୟକ ଏବଂ ଇନ୍ଦ୍ରିୟାନୁରାଗଭରା ଅନୁଭୂତିର ନାନା ବିଭାବକୁ ଚିତ୍ରଣ କରିବାରେ ସେ (କାଳିଦାସ) ଥିଲେ ସେ ଯୁଗର ବରପୁତ୍ର ଏବଂ ବିଶେଷତଃ ପ୍ରେମ ଓ ସୌନ୍ଦର୍ଯ୍ୟର, ଆନନ୍ଦମୟ ଜୀବନର କବି ।''

କାଳିଦାସଙ୍କ ଜୀବନ ଓ କାବ୍ୟ ସାଧନାରୁ ଆମେ ଦୁଇଟି ମୁଖ୍ୟ କଥା ଶିକ୍ଷା କରିପାରିବା । ତାହା ହେଲା – ଦିବ୍ୟଶକ୍ତି ଉପରେ ପ୍ରଗାଢ଼ ବିଶ୍ୱାସ ଏବଂ ତୀକ୍ଷ୍ଣ ବ୍ୟାପକ ପର୍ଯ୍ୟବେକ୍ଷଣ ଶକ୍ତି । ତାଙ୍କର ମନ ଥିଲା ''ଭାବବୈଚିତ୍ର୍ୟର ସମୃଦ୍ଧ ଗନ୍ତାଘର'' । ରାଜନୀତି, ଆଇନ, ସାମାଜିକ ଭାବଧାରା, ଧର୍ମ, ପୁରାଣ, ଦର୍ଶନ, ଶିଳ୍ପକଳା, ଜନଜୀବନ, ପ୍ରକୃତିର ପଶୁପକ୍ଷୀ, ବୃକ୍ଷଲତା, ଋତୁଚକ୍ରର ଆବର୍ତ୍ତନ, ଫୁଲର ଜୀବନ ଇତ୍ୟାଦିକୁ ଗଭୀର ଭାବରେ ପର୍ଯ୍ୟବେକ୍ଷଣ କରି ଅଦ୍ଭୁତ ଭାଷା, ରସ ଓ ଛନ୍ଦ ସହିତ ସେଗୁଡ଼ିକର ଟିକିନିଖି ବର୍ଣ୍ଣନା ସେ ପ୍ରଦାନ କରିଛନ୍ତି ।

କାଳିଦାସଙ୍କ ଭଳି ଅନ୍ୟ ଯେଉଁ ଶ୍ରେଷ୍ଠ ଲେଖକମାନେ

(ଭାରତୀୟ ତଥା ଅନ୍ୟଦେଶୀୟ) ରହିଛନ୍ତି ସେମାନଙ୍କ ସର୍ବୋତ୍କୃଷ୍ଟ ରଚନାସବୁ ଅଧ୍ୟୟନ ଓ ଆଲୋଚନା କରିବା ଦ୍ୱାରା ଆମର ସୌନ୍ଦର୍ଯ୍ୟବୋଧ ସମୃଦ୍ଧ ହୋଇପାରିବ । ସୌନ୍ଦର୍ଯ୍ୟ ସୃଷ୍ଟି ଲାଗି କଳାକୌଶଳ ଏକ ଆବଶ୍ୟକୀୟ ଉପାଦାନ । ଥରେ ସଙ୍ଗୀତପ୍ରେମୀ ସାଧିକା ସାହାନା ଦେବୀଙ୍କୁ ଲିଖିତ ଏକ ପତ୍ରରେ ଶ୍ରୀଅରବିନ୍ଦ ପ୍ରକାଶ କରିଥିଲେ – ''କଳାକୌଶଳ ବିଷୟରେ ଦୁଇଟି ଭିନ୍ନ କଥା ଅଛି – ଗୋଟିଏ ହେଲା ବୌଦ୍ଧିକ ଜ୍ଞାନ ଯାହାକି ବ୍ୟକ୍ତି ପ୍ରୟୋଗ କରେ, ଅନ୍ୟଟି ହେଲା ସହଜାତ ବୋଧଶକ୍ତି ଯାହାକି ନିଜର ଦାବି ଅନୁଯାୟୀ କାମ କରେ; ଯଦିଓ ପ୍ରକୃତରେ ବ୍ୟକ୍ତି ତାହାର ଅଧିକାରୀ ହୋଇ ନଥାଏ । ଉଦାହରଣସ୍ୱରୂପ ଅନେକ କବିଙ୍କର ଛନ୍ଦ ଓ ଭାଷାର କଳାକୌଶଳ ବିଷୟରେ ଖୁବ୍ କମ୍ ଜ୍ଞାନ ଥାଏ ଓ କିପରି ଭାବରେ ସେମାନେ ଲେଖିଲେ ସେମାନେ ତାହା ବୁଝାଇ କହିପାରିବେ ନାହିଁ ଅଥବା ସେମାନଙ୍କର ସଫଳତାର କ'ଣ ସବୁ ଉପାଦାନ ବା ଗୁଣ ରହିଛି ସେବିଷୟରେ ମଧ ସେମାନେ କିଛି କହି ପାରିବେ ନାହିଁ । ତାହା ହେଲେ ମଧ ସେମାନେ ଏପରି କାର୍ଯ୍ୟ କରନ୍ତି ଯାହାକି ଛନ୍ଦ ବା ଭାଷା ଦୃଷ୍ଟିରୁ ତ୍ରୁଟିହୀନ ହୋଇଥାଏ । ଅବଶ୍ୟ କଳାକୌଶଳର ବୌଦ୍ଧିକ ଜ୍ଞାନ ସହାୟତା କରେ । ... ଏପରି କେତେକ କଳାକୃତି ରହିଛି ଯାହାକି କିଛି ଔଦ୍ୟୋଗିକ ଜ୍ଞାନ ବିନା କରାଯାଇପାରେ ନାହିଁ । ଉଦାହରଣସ୍ୱରୂପ : ଚିତ୍ରକଳା ଓ ଭାସ୍କର୍ଯ୍ୟ ।''

('Breath of Grace' ପୁସ୍ତକରୁ ଅନୂଦିତ)

ଏଥିରୁ ସ୍ପଷ୍ଟ ହୁଏ ଯେ ଉଚ୍ଚକୋଟିର ସୁନ୍ଦର ସାହିତ୍ୟ ବା ସଂଗୀତ ସୃଷ୍ଟି ପାଇଁ ଆମକୁ ଏ ଦୁଇଟି ସାମର୍ଥ୍ୟ ହାସଲ କରିବାକୁ ହେବ । ପ୍ରଥମତଃ ବ୍ୟାପକ ଅଧ୍ୟୟନ, ଆଲୋଚନା ଓ ମନନ ଦ୍ୱାରା କଳାକୌଶଳଗତ ବୌଦ୍ଧିକ ଜ୍ଞାନର ବିକାଶ ସମ୍ଭବ ହୋଇପାରିବ ଏବଂ ଦ୍ୱିତୀୟତଃ ମନର ନୀରବତା, ଏକାଗ୍ରତା, ଅନ୍ତର୍ମୁଖିନତା ତଥା ପ୍ରାଣିକ ଗତିବୃତ୍ତିକୁ ଶାନ୍ତ କରିବା ଦ୍ୱାରା ସହଜାତ ବୋଧଶକ୍ତିର ବିକାଶ କରାଯାଇପାରିବ ।

ସୌନ୍ଦର୍ଯ୍ୟକୁ ଉପଲବ୍ଧି କରିବାକୁ ହେଲେ ଆସୁରିକ ପ୍ରବୃତ୍ତି ଓ ପ୍ରଭାବରୁ ଦୂରେଇ ରହିବାକୁ ହେବ । କୁବୁଜା ଚରିତ୍ର କଥା ଆମେ ଜାଣୁ । ଯେତେଦିନ ପର୍ଯ୍ୟନ୍ତ ସେ କଂସାସୁରର ସେବା କରୁଥିଲା ତା'ର ଶରୀର ଥିଲା କୁତ୍ସିତ କଦାକାର । କିନ୍ତୁ ଯେଉଁଦିନ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କର ସେବା କରିବା ପାଇଁ ଆଗେଇ ଆସିଲା ତା'ର ଶରୀର ଅନିନ୍ଦ୍ୟ ରୂପମାଧୁରୀରେ ଉଜ୍ଜ୍ୱଳ ହୋଇ ଉଠିଲା । ଦିବ୍ୟ ସ୍ପର୍ଶ ଦିବ୍ୟ ସୌନ୍ଦର୍ଯ୍ୟକୁ ଜନ୍ମ ଦେଇପାରେ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି –

''ଲାଗନ୍ତେ ଚକ୍ରଧର କର
ତକ୍ଷଣେ ହୋଇଲା ସୁନ୍ଦର
ତା' ତିନିକୁଜ କେଣେ ଗଲା
ରୂପେ ଅନଙ୍ଗକୁ ମୋହିଲା ।''

କୁବୁଜା ଚରିତ୍ରରୁ ଆମେ ଆଉ ଏକ କଥା ବି ଶିକ୍ଷାଲାଭ କରୁ ଯେ ବାହ୍ୟ ଆକୃତି ବା ଶାରୀରିକ ଗଠନ ଉପରେ ସୌନ୍ଦର୍ଯ୍ୟ ନିର୍ଭର କରେ ନାହିଁ । ସୌନ୍ଦର୍ଯ୍ୟ ଅବସ୍ଥାନ କରିପାରେ ମନରେ, ଅନ୍ତଃକରଣରେ ବା ଆତ୍ମାରେ । ଶ୍ରୀକୃଷ୍ଣ କୁବୁଜା ଭିତରେ ସୌନ୍ଦର୍ଯ୍ୟର ସମ୍ଭାବନା ଦେଖି ତା'ର ପ୍ରକଟନ ପାଇଁ ସାହାଯ୍ୟ କରିଥିଲେ । ଏ ସମ୍ପର୍କରେ ପ୍ରାଚୀନଯୁଗର ଅଷ୍ଟବକ୍ର ନାମରେ ଆଉ ଏକ ଚରିତ୍ରର ଅବତାରଣା କରାଯାଇପାରେ । ରାଜର୍ଷି ଜନକଙ୍କ ରାଜପ୍ରାସାଦରେ ମୁନିଋଷି ପଣ୍ଡିତମାନଙ୍କ ସମ୍ମିଳନୀ ଚାଲିଥାଏ । ସେହି ସ୍ଥାନକୁ ଋଷି ଅଷ୍ଟବକ୍ରଙ୍କର ଆଗମନ ଘଟିଲା । ତାଙ୍କ ଶରୀରରେ ଆଠଟି ବକ୍ରଥିବାରୁ ସେ ଥିଲେ କଦାକାର । ତେଣୁ ତାଙ୍କୁ ଦେଖି ସଭାରେ ଉପସ୍ଥିତ ବ୍ୟକ୍ତିମାନେ ହସିବାକୁ ଲାଗିଲେ । ସେହି ପରିସ୍ଥିତିରେ ଅଷ୍ଟବକ୍ର ଅପମାନିତ ବୋଧ ନକରି ସେମାନଙ୍କ ଅପେକ୍ଷା ଅଧିକ ଜୋର୍‌ରେ ହସିବାକୁ ଲାଗିଲେ । ଏଥିରେ ସମସ୍ତେ ବିସ୍ମିତ ହେଲେ । କାରଣ ସେମାନଙ୍କ ହସର ତ ଏକ କାରଣ ରହିଛି; ମାତ୍ର ଅଷ୍ଟବକ୍ର ହସିବାର କି କାରଣ ଥାଇପାରେ ? ନିଜ ଅଟ୍ଟହାସ୍ୟର କାରଣ ବୁଝାଇବାକୁ ଯାଇ ଋଷି ଅଷ୍ଟବକ୍ର କହିଲେ –''ମୁଁ ଭାବିଥିଲି ଏହା ମହାନ୍ ଋଷି ଓ ଜ୍ଞାନୀ ବ୍ୟକ୍ତିମାନଙ୍କର ସଭାମଣ୍ଡଳୀ । ମାତ୍ର ମୁଁ ଦେଖୁଛି ଏଠାରେ କେବଳ ଚର୍ମକାରମାନେହିଁ ଠୁଳ ହୋଇଛନ୍ତି ଯେଉଁମାନେ କେବଳ ଚର୍ମକୁ ବା ଶରୀରକୁ ଦେଖିପାରନ୍ତି, ଆତ୍ମାକୁ ନୁହେଁ ।''

ଆମେ ସୌନ୍ଦର୍ଯ୍ୟକୁ ସ୍ୱାଭାବିକ ଭାବରେ ଭଲ ପାଉ । କିନ୍ତୁ ସୌନ୍ଦର୍ଯ୍ୟର ସଂଜ୍ଞା ନିରୂପଣ କରିବା ବା ତା'ର ବ୍ୟାଖ୍ୟା କରିବା ଆମ ପାଇଁ କଷ୍ଟକର ହୋଇପଡ଼େ । କୌଣସି ବ୍ୟକ୍ତି ବା ବସ୍ତୁ କାହିଁକି ସୁନ୍ଦର ସେକଥା ସ୍ପଷ୍ଟଭାବରେ ଓ ପୂର୍ଣ୍ଣତଃ ବୁଝାଇ ହୁଏ ନାହିଁ । ସୌନ୍ଦର୍ଯ୍ୟକୁ ଚିନ୍ତା କରିବା ଅପେକ୍ଷା ଅନୁଭବ କରିବା ଅଧିକ ସହଜସାଧ୍ୟ ହୋଇଥାଏ । ପ୍ରସିଦ୍ଧ ଲେଖକ ଖଲିଲ୍ ଜିବ୍ରାନ୍ ତାଙ୍କ ପୁସ୍ତକ 'ମହାମାନବ' (The Prophet)ରେ ସୌନ୍ଦର୍ଯ୍ୟ ବିଷୟରେ ଖୁବ୍ କବିତ୍ୱପୂର୍ଣ୍ଣ ଭାଷାରେ ପ୍ରକାଶ କରିଛନ୍ତି –

''ସୌନ୍ଦର୍ଯ୍ୟ ଏକ ପ୍ରଜ୍ଜ୍ୱଳିତ ହୃଦୟ, ତାହା ଏକ ମନ୍ତ୍ରମୁଗ୍ଧ ଚିତ୍ତ । ତୁମ ଆଖିରେ ଦେଖିପାରିବା ଭଳି କୌଣସି ପ୍ରତିମା ଏ ନୁହେଁ; ଶୁଣିପାରିବା ଭଳି କୌଣସି ସଂଗୀତ ମଧ୍ୟ ନୁହେଁ । କିନ୍ତୁ ଏହା ଏପରି ଏକ ପ୍ରତିମା ଯାହାକୁ ଆଖି ବୁଜିଥିଲେ ମଧ୍ୟ ତୁମେ ଦେଖି ପାରିବ; ଏପରି ଏକ ସଂଗୀତ, କାନ ବନ୍ଦ କରି ମଧ୍ୟ ଯାହାକୁ ଶୁଣି ପାରିବ ।''

ସୌନ୍ଦର୍ଯ୍ୟ ହେଉଛି ଏକ ରହସ୍ୟ, ଏକ ମାଧୁର୍ଯ୍ୟ । ଏହା ଜୀବନକୁ ଅର୍ଥପୂର୍ଣ୍ଣ କରେ, ଆନନ୍ଦର ଅନୁଭବ ଘେନି ଆସେ । ସୌନ୍ଦର୍ଯ୍ୟ ଏକ ମହାନ୍ ଶକ୍ତି, ଏହା ସହଜରେ ଧରା ଦିଏ ନାହିଁ; ମାତ୍ର ଏହା ଆମ ଭିତରେ ଅଛି, ଆମ ଅନ୍ତର୍ଚେତନାରେ ରହିଛି । ତାକୁ ବିକଶିତ କରି ଆଣିବା, ଆମ ଶରୀରରେ ତଥା ବାହ୍ୟ ଜୀବନରେ ତାକୁ ପୂର୍ଣ୍ଣ ରୂପେ ପ୍ରକଟିତ କରିଦେବା ଆମ ସାଧନାର ଲକ୍ଷ୍ୟ । ଏହାକୁ ସମ୍ପୂର୍ଣ୍ଣ ଶକ୍ତିର ସହ ପୂର୍ଣ୍ଣରୂପେ ପୃଥିବୀରେ ଅଭିବ୍ୟକ୍ତ କରିବାକୁ ହେଲେ ଆମକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ନିଃଶେଷରେ ଆତ୍ମସମର୍ପଣ କରିବାକୁ ହେବ । ପ୍ରଥମେ ଏକ ମହାନ୍ ଶୁଦ୍ଧିକରଣର ତପସ୍ୟା ଦ୍ୱାରା ଆମେ ଏକ ଶୁଦ୍ଧ ସୌନ୍ଦର୍ଯ୍ୟବୋଧକୁ ହାସଲ କରିବା ଆବଶ୍ୟକ । ତା'ପରେ ଏହି ସୌନ୍ଦର୍ଯ୍ୟର ଆଦର୍ଶକୁ ପୂର୍ଣ୍ଣରୁ ପୂର୍ଣ୍ଣତର କରି ଗଢ଼ି ତୋଳିବାକୁ ହେବ ।

ଭବିଷ୍ୟତରେ ଯେଉଁ ପରମ ସୌନ୍ଦର୍ଯ୍ୟ ପୃଥିବୀରେ ଅଭିବ୍ୟକ୍ତ ହେବା ଲାଗି ନିୟତିନିର୍ଦ୍ଦିଷ୍ଟ ହୋଇ ରହିଛି, ତାହା ''ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଏବଂ ଦିବ୍ୟ ପରମସତ୍ତାଙ୍କ ଲାଗି ହିଁ'' ଅସ୍ତିତ୍ୱଧାରଣ କରି ରହିବ । ନିମ୍ନ ପ୍ରକୃତିଗତ ସମସ୍ତ ଆକାଂକ୍ଷା ଓ ଆତୁରତାରୁ ତାହା ମୁକ୍ତ ହୋଇ ରହିବ । ସେହିଦିନ ଶ୍ରୀମାଙ୍କ ''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକର ନିମ୍ନରେ ପ୍ରଦତ୍ତ ପ୍ରାର୍ଥନା ପଂକ୍ତିଟି ସତ୍ୟ ପ୍ରମାଣିତ ହୋଇ ବାସ୍ତବରୂପେ ଆମ ଆଗରେ ଉଦ୍ଭାସିତ ହେବ –

''ହେ ପ୍ରଭୁ, ହେ ଅଚିନ୍ତ୍ୟ ମହିମା, ତୋର ସୌନ୍ଦର୍ଯ୍ୟ ପୃଥିବୀକୁ ପରିପ୍ଲାବିତ କରୁ ।''

(ଜୁଲାଇ ୨୩, ୧୯୧୩)

ସେହିଦିନ ସୌନ୍ଦର୍ଯ୍ୟ ହେବ ସର୍ବଜୟୀ । ପୃଥିବୀର କୌଣସି ଶକ୍ତି ତା'ର ପ୍ରତିରୋଧ କରିପାରିବ ନାହିଁ । 'ସାବିତ୍ରୀ' ମହାକାବ୍ୟରେ କୁହାଯାଇଛି –

"And beauty conquer the resisting world,"
(ସୌନ୍ଦର୍ଯ୍ୟ କରିବ ଜୟ ବିରୋଧୀ ଜଗତକୁ)

(Savitri, p. 55)

ସତ୍ୟାତ୍ମକ ସୃଷ୍ଟି ହେଉଛି ପୃଥିବୀର ଭବିତବ୍ୟ । ଦିନେ ମନୁଷ୍ୟର ଶରୀର ହେବ ଦିବ୍ୟ ମହିମା ଓ ଦିବ୍ୟସୌନ୍ଦର୍ଯ୍ୟରେ ଉଦ୍ଭାସିତ । ଶ୍ରୀମା ଘୋଷଣା କରିଛନ୍ତି – ''ଆଗାମୀ ସୌନ୍ଦର୍ଯ୍ୟ ବିଷୟରେ ସ୍ଥିର ନିଶ୍ଚିତ ହେବାକୁ ପୃଥିବୀ ଚାହେଁ । ଶ୍ରୀଅରବିନ୍ଦ ସେହି ନିର୍ଭର ପ୍ରତିଶ୍ରୁତି ଦେଇ ଯାଇଛନ୍ତି ।''

(୨୭ ନଭେମ୍ବର, ୧୯୭୧) ❑

It is quite certain that to be able to tell the truth without difficulty, it is best always to act in such a way that we have no need to conceal anything we do. And for that, in our actions of every moment, we should remember that we are in the presence of the Divine.

(CWM, Vol. 2, p. 218) – The Mother

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବିନା ଆୟାସରେ ସତ୍ୟ କହିବା ପାଇଁ ସମର୍ଥ ହେବାକୁ ହେଲେ ପ୍ରକୃଷ୍ଟ ପନ୍ଥା ହେଉଛି ଯେ ଆମେ ସବୁବେଳେ ଏପରି କାର୍ଯ୍ୟ କରୁଥିବା, ଯେଉଁଥିରେ କି ଆମର କୌଣସି କାମକୁ ଗୋପନ କରି ରଖିବା ଲାଗି ଆଦୌ କିଛି ପ୍ରୟୋଜନହିଁ ନଥିବ । ଏବଂ ସେଥିଲାଗି, ଆମକୁ ପ୍ରତିଟି ମୁହୂର୍ତ୍ତର କାର୍ଯ୍ୟକ୍ରମ ମଧ୍ୟରେ ନିରନ୍ତର ମନେ ରଖିବାକୁ ପଡ଼ିବ ଯେ ଆମେ ପରମ ଦିବ୍ୟସତ୍ତାଙ୍କର ଦୃଷ୍ଟି ସମକ୍ଷରେହିଁ ଉପସ୍ଥିତ ରହିଛୁ ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୭)

### 'ଭାରତ ଉଦ୍ଧାର' ନିମିତ୍ତ ହସ୍ତକ୍ଷେପ (କ) :

ଏହି ଅଧ୍ୟାୟ ଓ ପରବର୍ତ୍ତୀ କେତୋଟି ଅଧ୍ୟାୟରେ ଆମେ ବର୍ଣ୍ଣନା କରିବାକୁ ପ୍ରୟାସ କରିବୁ କିପରି ଶ୍ରୀମାଶ୍ରୀଅରବିନ୍ଦ 'ଭାରତ ଉଦ୍ଧାର' କରିବାରେ ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ହସ୍ତକ୍ଷେପ କରିଥିଲେ । ଅବଶ୍ୟ ଏହି ବର୍ଣ୍ଣନା ମୁଖ୍ୟତଃ ଯୁଦ୍ଧକାଳୀନ ପରିସ୍ଥିତି ଉପରେ ପର୍ଯ୍ୟବସିତ ହୋଇ ରହିବ । ସେତେବେଳେ ଭାରତର ତଦାନୀନ୍ତନ ରାଜନୈତିକ ନେତୃବର୍ଗ ତଥା ବିବେକବୁଦ୍ଧି ସମ୍ପନ୍ନ ଗଣ୍ୟମାନ୍ୟ ବ୍ୟକ୍ତିଗଣ, କହିବାକୁ ଗଲେ ପ୍ରାୟ ଅଧିକାଂଶ ଦେଶବାସୀ ହିଟ୍‌ଲରର ସପକ୍ଷରେ ଥିଲେ । ଏହାର ମୁଖ୍ୟ କାରଣ ଭାରତ ବ୍ରିଟିଶ-ବିରୋଧୀ ଥିଲା ଏବଂ ଦେଶକୁ ସ୍ୱାଧୀନ କରିବାରେ ସତତ ବ୍ରତୀ ଥିଲା । ଏପରିକି ପଣ୍ଡିଚେରୀ ଆଶ୍ରମର ଅନେକ ସାଧକ ମଧ୍ୟ ହିଟ୍‌ଲରର ସପକ୍ଷରେ ଥିଲେ । କେବଳ ଶ୍ରୀମାଶ୍ରୀଅରବିନ୍ଦ ଏବଂ ତାଙ୍କର 'କଥୋପକଥନ'ରେ ଅଂଶଗ୍ରହଣ କରୁଥିବା କତିପୟ ସାଧକ ହିଟ୍‌ଲରର ଅସଲ ସ୍ୱରୂପର ପରିଚୟ ପାଇ ପାରିଥିଲେ ।

ବର୍ତ୍ତମାନ ଆମେ ଜାଣିବାକୁ ଚାହିଁବା ଯେ ହିଟ୍‌ଲର ଜଣେ ସାଧାରଣ ମଣିଷ ହୋଇ ମଧ୍ୟ କିପରି ଶକ୍ତି ସାମର୍ଥ୍ୟର ଏତେ ଊର୍ଦ୍ଧ୍ୱସ୍ତରକୁ ଉନ୍ନୀତ ହୋଇ ପାରିଥିଲା । (ଅବଶ୍ୟ ଏହାର ଅସଲ କାରଣ ସମ୍ବନ୍ଧେ ଇତିପୂର୍ବରୁ ଆମେ ବର୍ଣ୍ଣନା କରିଛୁ; ତଥାପି ଅଧିକ କିଛି କହିବୁ ।) ପ୍ରଶ୍ନ ଉଠୁଛି ସମସ୍ତ ଜର୍ମାନ୍ ଜାତିକୁ ସେ ନିଜର ନିୟନ୍ତ୍ରଣ ଓ ପ୍ରତିପତ୍ତିରେ କିପରି ବଶୀଭୂତ କରି ପାରିଥିଲା ? ଏପରିକି କହିବାକୁ ଗଲେ ହିଟ୍‌ଲର ଇଉରୋପ ତଥା ସମଗ୍ର ପୃଥିବୀର ପ୍ରଶଂସାର ପାତ୍ର ହୋଇ ପାରିଥିଲା । ଶ୍ରୀଅରବିନ୍ଦଙ୍କ ଉକ୍ତିରେ ଏହା ଥିଲା 'ଆସୁରିକ ମାୟା' ଯାହାକି ରାଷ୍ଟ୍ର ସକଳକୁ ବହୁ ମାତ୍ରାରେ ଏପରି ଅଭିଭୂତ କରି ପାରିଥିଲା ଯେ ସେ ସେତେବେଳେ ଆଲେକ୍‌ଜାଣ୍ଡାର୍ ଓ ନେପୋଲିଅନ୍‌ଙ୍କ ଠାରୁ ଅଧିକ ଉଚ୍ଚମାନର ବ୍ୟକ୍ତି ଭାବେ ବିବେଚିତ ହୋଇ ପାରିଥିଲା । କେବଳ ଶ୍ରୀମାଶ୍ରୀଅରବିନ୍ଦହିଁ ତା'ର ସେହି ପ୍ରତାରଣାର ମୁଖାକୁ ବିଦୀର୍ଣ୍ଣ କରିଦେଇ ଭୟଙ୍କର ସତ୍ୟର ପ୍ରଦର୍ଶନ କରାଇ ପାରିଥିଲେ । ଇତିହାସର ପୃଷ୍ଠାରେ ଏପରି ଏକ ଉନ୍ମତ୍ତତା ପ୍ରୟୋଗର ସମକକ୍ଷ ପରାକାଷ୍ଠା ଅନ୍ୟତ୍ର କେଉଁଠି ଲିପିବଦ୍ଧ ହୋଇ ନାହିଁ ଯାହାକି ଯାବତୀୟ ମିଥ୍ୟାଚାର, କପଟତା ଓ ଉଚ୍ଛୃଙ୍ଖଳତାର ବିନିଯୋଗ କରି ଜର୍ମାନୀ ସଦୃଶ ଏକ ସୁସଭ୍ୟ ଜାତିର ଚିନ୍ତାଧାରାକୁ ବଳପୂର୍ବକ ଆୟତ୍ତାଧୀନ କରି ପକାଇଥିଲା । ହିଟ୍‌ଲରର ପ୍ରସିଦ୍ଧ ଗ୍ରନ୍ଥ ଥିଲା 'Mein Kamph', ଯାହାକୁ ନାଜୀମାନଙ୍କର ବାଇବେଲ ବୋଲି କୁହାଯାଉଥିଲା । ଶ୍ରୀଅରବିନ୍ଦ ଏହି ବହିରୁ ଆବିଷ୍କାର କରିଥିଲେ ଯେ ଏହା ମିଥ୍ୟା ଓ ପ୍ରତାରଣାର ଏକ ମାୟା ଜାଲ ଏବଂ ଏହାକୁ ସେ କଦାପି ସ୍ପର୍ଶ କରିବେ ନାହିଁ ।*

(Twelve Years with Sri Aurobindo, pp. 136 - 137 ଦ୍ରଷ୍ଟବ୍ୟ)

ହିଟ୍‌ଲର ତା'ର ଦେଶବାସୀଙ୍କୁ ଦେଉଥିବା ତଦାନୀନ୍ତନ ଭାଷଣସବୁରେ ଏକ ଦୁର୍ଦ୍ଦାନ୍ତ, ଅଲୌକିକ ତଥା ପୈଶାଚିକ ଶକ୍ତିର ମନ୍ତ୍ରଣା ଅନବରତ ପାଉଥିଲା ଏବଂ ତଦନୁସାରେ ପ୍ରସ୍ତାବମାନ ଦେଉଥିଲା । ଆଗରୁ କହିଛୁ ସେ ସେହି ଶକ୍ତିର ଏକ ଅତି ବିଶ୍ୱସ୍ତ ଓ ଶକ୍ତିଶାଳୀ ମାଧ୍ୟମ ହୋଇ ଉଠିଥିଲା । ସେ ତା'ର ବକ୍ତୃତାରେ ଏପରି ଭାବରେ ଅକଳ୍ପନୀୟ ଯୋଜନା ସବୁକୁ ବ୍ୟକ୍ତ କରୁଥିଲା ଯେ, ଯେଉଁମାନେ ଦିନେ ତା'ର ଶତ୍ରୁଭାବାପନ୍ନ ଥିଲେ ସେସବୁ ଶ୍ରବଣ କରି ସେମାନେ ତତ୍‌କ୍ଷଣାତ୍ ତା'ର

---

* ଏହି ପରିପ୍ରେକ୍ଷୀରେ ଏକ ସତ୍ୟ ଘଟଣା ଉଲ୍ଲେଖ କରୁଛୁ : Maggi Lidchi-Grassi (ଯାହାଙ୍କ ପୁସ୍ତକରୁ ଆମେ ସଂଗ୍ରହ କରୁଛୁ)ଙ୍କର ପିତା ଉପରୋକ୍ତ ଗ୍ରନ୍ଥଟିକୁ ପାଠ କରି ତାଙ୍କର ଦୂର ଦୃଷ୍ଟିରେ ତତ୍‌କ୍ଷଣାତ୍ ହୃଦୟଙ୍ଗମ କରି ପାରିଥିଲେ ଯେ ହିଟ୍‌ଲର ତା'ର ଅମାନୁଷିକ ଅତ୍ୟାଚାରରେ ସମଗ୍ର ଦେଶକୁ କାବୁ କରି ନେବ । ସେହିସବୁ ଭୟାନକ ଦୃଶ୍ୟ ତାଙ୍କ ଆଖି ଆଗରେ ଭାସି ଉଠିଥିଲା । ତେଣୁ ସେ ଅବିଳମ୍ବେ ସପରିବାର ଜର୍ମାନୀ ଛାଡ଼ି ପଳାଇ ଆସିଥିଲେ ।

ସ୍ତାବକରେ ପରିଣତ ହୋଇ ଯାଉଥିଲେ । ଏକଦା ଜର୍ମାନୀରେ ଥିବା ଜନୈକ ଜାପାନୀ ରାଷ୍ଟ୍ରଦୂତ ହିଟ୍‌ଲର ସମ୍ବନ୍ଧେ କହିଥିଲେ : ''ଏହି ବ୍ୟକ୍ତି ଜଣକ ଏକ ପାଗଳ । ଏହା ସହିତ ମିତ୍ରତା ସ୍ଥାପନ କରିବା ହେଉଛି ସାଂଘାତିକ ବ୍ୟାପାର । ଏହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ କେମିତି ସମଗ୍ର ଜର୍ମାନ୍ ଜାତି ଏଡ଼େ ଗଣ୍ଡମୂର୍ଖ ସାଜି ତାକୁ ବିଶ୍ୱସ୍ତ ଭାବରେ ଅନୁସରଣ କରୁଛନ୍ତି । ଫ୍ରାନ୍ସ ବା ଅନ୍ୟ ରାଷ୍ଟ୍ରସବୁରେ ଏମିତି ହୋଇ ଉଠିବା ଏକେବାରେ ଅସମ୍ଭବ ।'' (ତତ୍ରୈବ : ପୃ. ୧୩୮ ଦ୍ରଷ୍ଟବ୍ୟ)

ହିଟ୍‌ଲର ହେଉଛି 'ହିଟ୍‌ଲରୀୟ ମାନୁଷୀ-ଦେବତା' (The Hitlerian Man-god)ର ପ୍ରତିଭୂ – ଏହି ସତ୍ୟୋକ୍ତିକୁ ଯେଉଁମାନେ ଅସ୍ୱୀକାର କରନ୍ତି, ସେମାନେ କେବେହେଲେ ନାଜୀବାଦର ଆଶ୍ଚର୍ଯ୍ୟଜନକ ଓ ଅସ୍ୱାଭାବିକ ସତ୍ୟତା (Nazi phenomenon) ସମ୍ବନ୍ଧେ ହୃଦୟଙ୍ଗମ କରିପାରିବେ ନାହିଁ । ପୁନଶ୍ଚ ଯେଉଁମାନେ ପୃଥିବୀପୃଷ୍ଠରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଆବିର୍ଭାବ ଓ ତାଙ୍କର ଦିବ୍ୟ କର୍ମ ସମ୍ବନ୍ଧେ ଅଜ୍ଞ ରହିଛନ୍ତି, ସେମାନେ ବି ଉପରୋକ୍ତ ସତ୍ୟୋକ୍ତି ସମ୍ବନ୍ଧେ କିଛି ବି ଧାରଣା କରିପାରିବେ ନାହିଁ ।

ହିଟ୍‌ଲର ଦୃଢ଼ତାର ସହିତ ବ୍ୟକ୍ତ କରୁଥିବା ଭାଷଣ ବା ଘୋଷଣାସବୁକୁ ଜଣେ ଅଧିକ ସ୍ପଷ୍ଟ ଭାବରେ ଗ୍ରହଣ କରିବାକୁ ସକ୍ଷମ ହେବ ଯଦି ସେ ଉପଲବ୍ଧି କରେ ଯେ ହିଟ୍‌ଲରର ପ୍ରତିଟି ପ୍ରକଳ୍ପ, ଯଥାର୍ଥରେ କହିବାକୁ ଗଲେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଦିବ୍ୟ ଉଦ୍ଦେଶ୍ୟର ଛାୟା (the shadow of the aim of Sri Auroboindo and the Mother) । ଶ୍ରୀଅରବିନ୍ଦଙ୍କ ଉକ୍ତିରେ ଏହା ଥିଲା 'ନିମ୍ନସ୍ତରର ଯୁକ୍ତିସଙ୍ଗତ ରହସ୍ୟବାଦ' (Infrarational mystic) । ହିଟ୍‌ଲର ଅସୁର ଦ୍ୱାରା ସମ୍ପୂର୍ଣ୍ଣ ରୂପେ ବଶୀଭୂତ ହୋଇ ତା'ର ସୂକ୍ଷ୍ମ ଦର୍ଶନରେ ଲାଭ କରିଥିଲା ଏକ ଅତିମାନବର ପ୍ରତିରୂପ । ତା'ର ଉଦ୍ଦେଶ୍ୟ ନଥିଲା ଏକ ମହାନ୍ ମନୁଷ୍ୟଜାତିର ପ୍ରତିଷ୍ଠା କରିବା ଅଥବା ସାରା ପୃଥିବୀକୁ ଜୟ କରିବା – ଏସବୁ ଥିଲା ତା'ର ତୀବ୍ର ଉଚ୍ଚାକାଙ୍କ୍ଷାର ଉପାୟ ମାତ୍ର । ତା'ର ପ୍ରକୃତ ଅଭିପ୍ରାୟ ଥିଲା ନିଜର ତଥାକଥିତ ମହାନ୍ ଭାବଧାରାରେ ଏକ ନବସୃଷ୍ଟିର କାର୍ଯ୍ୟ; ତା'ର ଅଭିପ୍ରାୟ ଥିଲା ଜଗତରେ ଏକ ମୌଳିକ ଜୈବିକ ରୂପାନ୍ତର (biological mutation) ଯାହା ବଂଶାନୁକ୍ରମେ ସଂକ୍ରମିତ ହୋଇ ପ୍ରସାରଣକ୍ଷମ ହୋଇଯିବ – ମଣିଷଜାତିର ଏକ ବିବର୍ତ୍ତିତ ଆକୃତିର ଅଭ୍ୟୁଦୟ ହେବ; ତା'ର ଭାବଧାରାରେ ଏପରି ଏକ ନବଜାତିର ଆବିର୍ଭାବ ହେବ ଯେଉଁମାନେ ବୀରଯୋଦ୍ଧା, ଅର୍ଦ୍ଧ-ଦେବତା ତଥା ମାନୁଷୀ-ଦେବତାଙ୍କର ଅପ୍ରତ୍ୟାଶିତ ଭିତ୍ତିସଞ୍ଚାରକ ।

ହିଟ୍‌ଲରର ନିଜସ୍ୱ ଉକ୍ତିରେ, ''... ମୁଁ ଯେଉଁ ମହାନ୍ କର୍ମ ସକାଶେ ତୀବ୍ର ପ୍ରଚେଷ୍ଟା କରୁଛି, ଯେଉଁ କର୍ମ ସକାଶେ ନିଜକୁ ଦୃଢ଼ ଭାବରେ ଯୋଗ୍ୟ ବୋଲି, ଅଗ୍ରଦୂତ ବୋଲି ବିବେଚନା କରୁଛି, ସେଇଟି ହେଲା ସ୍ୱଚ୍ଛ ଓ ଠିକ୍ ଭାବରେ ସୁସଂଗତ ଓ ପ୍ରକୃତ ପ୍ରଶାସନିକ ରୂପ ଦେବାର ପଦ୍ଧତିରେ ଏକ ନୂତନ ମଣିଷଜାତିର ସୃଷ୍ଟି । – ସୃଷ୍ଟିର ଅବସାନ ଘଟି ନାହିଁ । ଏହା ସୁସ୍ପଷ୍ଟ ଯେ ଅଧୁନାତନ ମଣିଷ ରୂପାନ୍ତରିତ ହୋଇ ଉଠିବାର ଏକ ପର୍ଯ୍ୟାୟରେ ଉପନୀତ ହୋଇଛି । ପୁରାତନ ମଣିଷ ପ୍ରଜାତିଟି ଇତି ମଧ୍ୟରେ ଏକ ବିନାଶପ୍ରାପ୍ତିର, ଏକ ଧ୍ୱଂସାବଶେଷ ସ୍ଥିତିରେ ଅନୁପ୍ରବେଶ କରି ସାରିଛି । ପ୍ରତି ସାତ ଶହ ବର୍ଷରେ ମଣିଷଜାତି ଊର୍ଦ୍ଧ୍ୱଗାମୀ ହେବାର ଏକ ଅଗ୍ରପଦକ୍ଷେପ ନେଇଥାଏ; ଏବଂ ଏହି ରୂପାନ୍ତର ଘଟିବାର ପ୍ରବଳ ବିପଦଗ୍ରସ୍ତ ପ୍ରଚେଷ୍ଟାରେ ଆମେ ତଥାପି ସୁଦୂରପ୍ରସାରୀ ଅଧିକ ସ୍ପଷ୍ଟ ଓ ନିର୍ଭୁଲ ଭାବରେ ଉଲ୍ଲେଖ କରିପାରୁ ଯେ ଏହା ହୋଇ ଉଠିବ ଦେବଶିଶୁ(Sons of God)ଙ୍କର ଉଦ୍ଭବ ହେବାର ମୁହୂର୍ତ୍ତ । ଏହି ନୂତନ ପ୍ରଜାତିର ସୃଷ୍ଟିରେ ଆମର ସମଗ୍ର ସୃଜନୀ ଶକ୍ତି ପୂର୍ଣ୍ଣମାତ୍ରାରେ କେନ୍ଦ୍ରୀଭୂତ ହେବ । ଖୁବ୍ ଶୀଘ୍ର ଦୁଇଟି ସ୍ଥିତିରେ ଥିବା ପରସ୍ପରଙ୍କ ମଧ୍ୟରେ ମୌଳିକ ବିଭିନ୍ନତାରେ ସ୍ୱାଭାବିକ ପ୍ରକ୍ରିୟାରେ ନିଷ୍କର୍ଷଣର ଉଦ୍ଭାବନ ହେବ । ପୁରାତନ ପ୍ରଜାତିର ବିନାଶ ଘଟିବ ଏବଂ ନୂତନ ପ୍ରଜାତିର ବିକାଶ ଘଟିବ । ଏହା ବର୍ତ୍ତମାନର ମଣିଷର ସ୍ଥିତିକୁ ପ୍ରଭୂତ ଭାବରେ ଅତିକ୍ରମ କରିଯିବ । ... ଏବେ ତୁମେମାନେ ଆମର 'ଜାତୀୟ ସମାଜବାଦୀ ଆନ୍ଦୋଳନ' ('National Socialistic Movement')ର ନିଗୂଢ଼ ଅର୍ଥକୁ ହୃଦୟଙ୍ଗମ କରିପାରୁଛ କି ? ଯେଉଁମାନେ ଆମର ଏହି ଜାତୀୟ ସମାଜତନ୍ତ୍ରକୁ ଏକ ରାଜନୈତିକ ଆନ୍ଦୋଳନ ବ୍ୟତୀତ ଅନ୍ୟକିଛି ନୁହେଁ ବୋଲି ଭାବୁଛନ୍ତି, ସେମାନେ ଆମର ଏହି ନିଗୂଢ଼ ଉଦ୍ଦେଶ୍ୟ ସମ୍ବନ୍ଧେ କିଛି ବି ଜାଣନ୍ତି ନାହିଁ । ...''

ହିଟ୍‌ଲର ତା'ର ଉପରୋକ୍ତ ଭାଷଣରେ ବିଜୟୋଲ୍ଲାସରେ କମ୍ପମାନ ହୋଇ ପାଗଳ ସଦୃଶ ଚିତ୍କାର କରି କହିଥିଲା, ''ନୂତନ ମଣିଷଟି ଆମ ଗହଣରେ ବାସ କରୁଛି ! ସେ ଏହି ସ୍ଥାନରେହିଁ ରହିଛି ! ତୁମମାନଙ୍କ ସକାଶେ ଏତିକି

ଯଥେଷ୍ଟ କି ? ମୁଁ ତୁମକୁ ଏକ ଗୁପ୍ତ ରହସ୍ୟ ସମ୍ବନ୍ଧେ କହିବି ଯେ ମୁଁ ନୂତନ ମଣିଷଟିକୁ ଦେଖିଛି । ସେ ଅତ୍ୟନ୍ତ ସାହସୀ ଓ ନିଷ୍ଠୁର । ମୁଁ ତା'ର ଉପସ୍ଥିତିରେ ଭୟଭୀତ ହୋଇ ଉଠିଛି । ...''

ଜର୍ମାନୀର ବିଖ୍ୟାତ ଦାର୍ଶନିକ ନିତ୍ସେଙ୍କର ଶାଳକଙ୍କ ସହିତ ହିଟ୍‌ଲର ଏକ ଘରୋଇ ଆଳାପରେ ଏହି ମର୍ମରେ ତାଙ୍କୁ କହିଥିଲା, ''... ମୁଁ ମୋ ଜୀବନର ଅସାମାନ୍ୟ ଉଦ୍ଦେଶ୍ୟର ଅନ୍ତିମ ପର୍ଯ୍ୟାୟରେ ଉପନୀତ ନହେବା ପର୍ଯ୍ୟନ୍ତ ଏ ସମ୍ବନ୍ଧେ କିଛି ବି କହିବି ନାହିଁ । ମୁଁ ଅଳ୍ପ କେତେକଙ୍କୁ ଏ ସମ୍ବନ୍ଧେ କିଛି ଆଭାସ ଦେବାକୁ ସମ୍ମତି ପ୍ରଦାନ କରିଛି ମାତ୍ର । ...'' ତାଙ୍କର ସେହି କିୟତ୍ ଆଭାସରୁ ପରେ ପ୍ରତୀୟମାନ ହୋଇଥିଲା ଯେ ଯାହା ବି ଘଟୁ ହିଟ୍‌ଲର ଉପଯୁକ୍ତ ସମୟରେ ପୃଥିବୀପୃଷ୍ଠରେ ଏକ ନୂତନ ଧର୍ମର ପ୍ରତିଷ୍ଠା କରିବ । ମହାନ୍ ବିଶ୍ୱଗତ ଜୀବନ ସହ ଏକତ୍ୱଲାଭପୂର୍ବକ ସେ ଅମର ଜୀବନର ଆଶୀର୍ବାଦପ୍ରାପ୍ତ ଚେତନାର ପରିପ୍ରକାଶ ଘଟାଇବ ଏବଂ ସେ ଅମରତ୍ୱ ଲାଭ କରିଥିବା ବ୍ୟକ୍ତିଗଣଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଉଠିବ । ଯଥାର୍ଥ ମୁହୂର୍ତ୍ତ ଆସିଲେ ସେ ସମଗ୍ର ପୃଥିବୀକୁ ତା'ର ଏହି ବାର୍ତ୍ତା ଘୋଷଣା କରିବ ଯେ ଏହି ସିଦ୍ଧିଲାଭ କରିବାରେ ସେ ନିଜେହିଁ ହେବ ପ୍ରଥମ ବ୍ୟକ୍ତି । ଖ୍ରୀଷ୍ଟଧର୍ମରେ ଏହାକୁ କୁହାଯାଏ ଏକ 'ଆନନ୍ଦଗର୍ଭକ ବାଣୀ' (a joyous message) ଯାହାକି ମଣିଷ ସମାଜକୁ ଉତ୍ପୀଡ଼ିତ ବା ଭାରାକ୍ରାନ୍ତ କରିପକାଉଥିବା ବିଷୟ-ଚିନ୍ତାରାଜିରୁ ମୁକ୍ତ କରିଦେବ । ଏହି ସିଦ୍ଧିଲାଭ ଫଳରେ ମଣିଷ ମଧ୍ୟରେ ମୃତ୍ୟୁର ଭୟ ଆଉ ରହିବ ନାହିଁ ଏବଂ ତଥାକଥିତ ଏକ ଅପ୍ରୀତିକର ଓ ହିତାହିତ ଜ୍ଞାନ ନଥିବା ଭୟାତୁର ସ୍ଥିତିରୁ ମଧ୍ୟ ସେ ବଞ୍ଚିତ ହେବ । ବିଶ୍ୱ-ପ୍ରକୃତି ମଣିଷଙ୍କ ଅନ୍ତରରେ ପ୍ରଦାନ କରିଥିବା ଆତ୍ମ-ପ୍ରତ୍ୟୟର ଦିବ୍ୟ ସାମର୍ଥ୍ୟକୁ ସେ ମଣିଷ ସମାଜରେ ପୁନଃ-ପ୍ରତିଷ୍ଠିତ କରାଇବ । ସେମାନେ ନିଜସ୍ୱ ସହଜାତ ପ୍ରବୃତ୍ତି ଉପରେ ଆସ୍ଥାଭାଜନ ହୋଇଉଠିବାକୁ ସକ୍ଷମ ହେବେ । ମଣିଷ ସମାଜ ଦୁଇ ସ୍ତରର ଅଧିବାସୀ ହୋଇ ଆଉ ଜୀବନଯାପନ କରିବ ନାହିଁ ବରଂ ପୃଥିବୀପୃଷ୍ଠରେ ଏକ ଏକକ ଓ ଶାଶ୍ୱତ ଜୀବନର ଦୃଢ଼ପ୍ରତିଷ୍ଠା ହେବ ।

ହିଟ୍‌ଲର ତା'ର ରାଜନୈତିକ ଓ ମନସ୍ତାତ୍ତ୍ୱିକ ବିଜୟ ଦ୍ୱାରା ସମ୍ମୋହିତ ହୋଇ ଆପଣାକୁ କଳ୍ପନା-ପ୍ରସୂତ ମାନୁଷୀ-ଦେବତାର ଏକ ଆଦ୍ୟ ନମୁନା ରୂପେ ତଥା ନିର୍ଦ୍ଧାରିତ ଭବିଷ୍ୟତର ପ୍ରଭୁ ବୋଲି ବିବେଚନା କରୁଥିଲା । ସେ ତା'ର ଅସାଧାରଣ ସୃଜନୀ ଶକ୍ତି ଓ ସଂକଳ୍ପ ଶକ୍ତିର ପ୍ରୟୋଗରେ ଯେକୌଣସି ଶତ୍ରୁକୁ ପରାଜୟ କରିପାରିବ । ସେ ହେଉଛି ମାନୁଷୀ ତନୁରେ ଏକମାତ୍ର ସର୍ବପ୍ରଥମ ଐଶ୍ୱରିକ ବ୍ୟକ୍ତି ଯିଏକି ତା'ର ତଥାକଥିତ ଅତିମାନବ ସ୍ଥିତିରେ ପରିଦୃଷ୍ଟ ହେଉଥିବା ସର୍ବପ୍ରଥମ ବ୍ୟକ୍ତି ସ୍ୱରୂପ ପୃଥିବୀରେ ଆବିର୍ଭୂତ ହୋଇଛି । ତେଣୁ ତା'ର ସହଜାତ ଗୁଣ ହେଉଛି 'ମଣିଷ ଅପେକ୍ଷା ଅଧିକ ଐଶ୍ୱରିକ' । ଏବଂ ଅତିମାନବ ଜାତିର ନିର୍ବାଚିତ ସର୍ବପ୍ରଥମ ବ୍ୟକ୍ତି ହୋଇଥିବାରୁ ମାନବିକ ନୈତିକତାରେ ପ୍ରଚଳିତ କୌଣସି ରୀତିର କଟକଣାରେ ସେ ଆବଦ୍ଧ ନୁହେଁ ଏବଂ ଆଇନ ବିଷୟକ ନିୟମକାନୁନର ସୀମାତୀତ ଏକ ଊର୍ଦ୍ଧ୍ୱତର ସ୍ଥିତିରେ ସେ ଆସୀନ । ...

ଯେଉଁ ସମୟରେ ଜର୍ମାନୀର ଭୋଟଦାନ ପାଇଁ ଏକ ଆଇନ ପ୍ରଣୟନ କ୍ଷେତ୍ରରେ ହିଟ୍‌ଲର କୂଟନୀତିର ଏକଚ୍ଛତ୍ର ଅଧିପତି ରୂପେ ବିବେଚିତ ହେଲା, ସେହି ମୁହୂର୍ତ୍ତରୁ ସେ ସମସ୍ତ ନିୟମ-କାନୁନର ଊର୍ଦ୍ଧ୍ୱରେ ସ୍ୱଦେଶରେ ଔପଚାରିକ ଭାବରେ ସର୍ବଶକ୍ତିବାନ୍ ପ୍ରତିଭୂ ରୂପେ ସର୍ବଜନସ୍ୱୀକୃତି ଲାଭ କଲା । ସେ ମୌଳିକ ଭାବରେ ନିଜକୁ ବିଶ୍ୱସ୍ରଷ୍ଟାଙ୍କର ପ୍ରତିନିଧି ରୂପେ ନିଯୁକ୍ତ କଲା ଏବଂ ତାଙ୍କ କାର୍ଯ୍ୟ ସମ୍ପାଦନ କରିବାର ଅଧିକାର ତା'ର ଥିବାର ଘୋଷଣା କଲା । ତା'ର ସେହି ଦିବ୍ୟକର୍ମଟି ଥିଲା – ମାନବସମାଜରେ ତିଷ୍ଠି ରହିଥିବା ଅପ୍ରୀତିକର ଓ କ୍ଷତିକାରକ ଉପାଦାନସବୁକୁ ସମୂଳେ ବିଲୋପ କରି ଅତିମାନବ ଜାତିର ସୃଷ୍ଟି କରିବା । ନାଜୀ ଜର୍ମାନ୍ ରାଷ୍ଟ୍ରର ନିରଙ୍କୁଶ କ୍ଷମତାସମ୍ପନ୍ନ ତୃତୀୟ ଶାସକ ବା ଅଧିନାୟକ (Third Reich) ସ୍ୱରୂପ ନିଜକୁ ଘୋଷଣା କରିଥିବା ହିଟ୍‌ଲରର ଅଜ୍ଞାତସାରରେ ତଥା ବିନାନୁମତିରେ କୌଣସି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେବା ଏକେବାରେ କଳ୍ପନାତୀତ ଥିଲା ।

(Georges : 'Beyond Man', pp. 227 - 230 ଦ୍ରଷ୍ଟବ୍ୟ)

କହିବା ବାହୁଲ୍ୟ ହିଟ୍‌ଲର ତା' ଜୀବନକାଳ ମଧ୍ୟରେ କେବେ ବି ତା'ର ପରିକଳ୍ପିତ ଅତିମାନବ ସ୍ଥିତିରେ ଉପନୀତ ହୋଇପାରି ନଥିଲା । ଆସୁରିକ ଶକ୍ତିର ଏକ ବଳିଷ୍ଠ ମାଧ୍ୟମ ସ୍ୱରୂପ ସେ ଅସାଧାରଣ ପରିକଳ୍ପନା ଓ ଭାଷଣମାନ ବଖାଣୁ ଥିଲା ମାତ୍ର । କେବଳ ଶ୍ରୀମାଶ୍ରୀଅରବିନ୍ଦହିଁ ହିଟ୍‌ଲର ସମ୍ବନ୍ଧେ ପ୍ରଥମରୁହିଁ ସଚେତନ ଥିଲେ ଏବଂ ତାକୁ ପରିଚାଳିତ କରୁଥିବା ଅତ୍ୟନ୍ତ ଶକ୍ତିଶାଳୀ ଘନକୃଷ୍ଣ ନିଗୂଢ଼ ଆସୁରିକ ଶକ୍ତି ସମ୍ବନ୍ଧେ ସ୍ପଷ୍ଟ ଭାବରେ ଅବଗତ ଥିଲେ । ୧୯୩୬ରୁହିଁ ସେ ତାଙ୍କ 'କଥୋପକଥନ'ରେ ଏ ସମ୍ବନ୍ଧେ ପ୍ରାୟ ସୂଚାଉ ଥିଲେ ।

ଜାନୁଆରୀ ମାସ ୧୯୩୯ରେ ଏକ 'କଥୋପକଥନ'ରେ ହିଟ୍‌ଲର ସମ୍ବନ୍ଧେ ସେ ଏହି ମର୍ମରେ କହିଥିଲେ, 'ଏକ ମଣିଷ ଯାହାର ରକ୍ତରେ ନିଷ୍ଠୁରତା ଭରି ରହିଛି' । ସାରା ଜଗତ୍ ଏହାର ଚାକ୍ଷୁଷ ପ୍ରମାଣ ପାଇବାକୁ ବେଶୀ ଦିନ ଲାଗି ନଥିଲା – ଯେତେବେଳେ ସେ 'ରାଜନୈତିକ ବନ୍ଦୀମାନଙ୍କ ଶିବିର' ('Concentration Camp') ସବୁ ସ୍ଥାପନ କଲା ।

[ଏହି ପରିପ୍ରେକ୍ଷୀରେ ଶ୍ରୀମା'ଙ୍କର (MCW, Vol. 4, ୯ ଏପ୍ରିଲ, ୧୯୫୧ର 'ପ୍ରଶ୍ନୋତ୍ତର' ଏବଂ ୨୫ ସେପ୍‌ଟେମ୍ବର, ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାର ଠିକ୍ ପରେ ପରେ ଶ୍ରୀଅରବିନ୍ଦଙ୍କ ରଚିତ 'In The Battle' ସନେଟ୍‌ଟି ଅବଶ୍ୟ ପଠନୀୟ । (Collected Poems)]

ଶ୍ରୀଅରବିନ୍ଦ ଆଶ୍ରମର ସାଧକ ନାରାୟଣ ପ୍ରସାଦଙ୍କ ଉକ୍ତିରେ : ''ସେତେବେଳେ ଭାରତବର୍ଷର ଜାତୀୟ ଭାବଧାରା ବ୍ରିଟିଶ ବିରୋଧରେ ଏମିତି ତିକ୍ତ ଥିଲା ଯେ ହିଟ୍‌ଲରର ପ୍ରତ୍ୟେକଟି ବିଜୟକୁ ସେମାନେ ସେମାନଙ୍କର ନିଜସ୍ୱ ବିଜୟ ବୋଲି ସାଦରେ ଅଭିନନ୍ଦନ ଜଣାଉ ଥିଲେ ।''

ସମଗ୍ର ପୃଥିବୀ ତଥା ଭାରତବର୍ଷରେ ଉପରୋକ୍ତ ଭାବଧାରା ସଦାଜାଗ୍ରତ୍ ମହଜୁଦ ଥିବା ବେଳେ ଶ୍ରୀମାଶ୍ରୀଅରବିନ୍ଦ ଆଶ୍ରମରୁ ପ୍ରକାଶ୍ୟ ଭାବରେ ମିତ୍ରପକ୍ଷଙ୍କ ସପକ୍ଷରେ ଥିବାର ଘୋଷଣାପୂର୍ବକ 'ଭାଇସ୍‌ରୟଙ୍କର ଯୁଦ୍ଧପାଣ୍ଠି' ('Viceroy's War Purpose Fund')କୁ ମହାନୁଭବତାର ସହିତ ଅର୍ଥଦାନ କଲେ । ସେତେବେଳେ ୧୦,୦୦୦ ଫରାସୀ ମୁଦ୍ରା(ଫ୍ରାଙ୍କ୍) ଦାନ କରିବାର ଅର୍ଥ ନିଶ୍ଚିତ ରୂପେ ଏକ ଅତ୍ୟନ୍ତ ବଦାନ୍ୟତାର ପରିଚୟ; ବିଶେଷ କରି ଆଶ୍ରମ ପରିଚାଳନାରେ ଭୀଷଣ ଅର୍ଥାଭାବର ପରିସ୍ଥିତି ରହିଥିବା ସତ୍ତ୍ୱେ । ପୁନଶ୍ଚ ଶ୍ରୀଅରବିନ୍ଦ କେବଳ 'ଯୁଦ୍ଧପାଣ୍ଠି'କୁ ପ୍ରଭୂତ ପରିମାଣରେ ଅର୍ଥଦାନ ନୁହେଁ, ଅଧିକନ୍ତୁ ମାଡ୍ରାସର ଗଭର୍ଣ୍ଣରଙ୍କୁ ନିମ୍ନ ପତ୍ରଟି ମଧ୍ୟ ଲେଖିଥିଲେ ଏବଂ ସେଥିରେ ବିଶେଷ ଦ୍ରଷ୍ଟବ୍ୟରେ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ ଆବଶ୍ୟକସ୍ଥଳେ ଗଭର୍ଣ୍ଣର ମହୋଦୟ ଏଇଟିକୁ ବିଜ୍ଞାପନ ସ୍ୱରୂପ ପ୍ରକାଶ କରିପାରନ୍ତି । ଶ୍ରୀମାଶ୍ରୀଅରବିନ୍ଦଙ୍କର ଅଚାନକ ଏହି ପଦକ୍ଷେପ ଭାରତରେ ଏବଂ ଆଶ୍ରମର ସାଧକଗଣଙ୍କ ମଧ୍ୟରେ ବି ତୀବ୍ର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଆଲୋଡ଼ନ ସୃଷ୍ଟି କଲା ।

୧୯.୯.୧୯୪୦ରେ ଶ୍ରୀଅରବିନ୍ଦଙ୍କ ଲିଖିତ ପତ୍ରଟି ଥିଲା ନିମ୍ନମତେ :

''ଗଭର୍ଣ୍ଣର ମହୋଦୟ,

ଆମେ ହୃଦୟଙ୍ଗମ କରୁ ଯେ ଏହି ଯୁଦ୍ଧଟି କେବଳ ଆତ୍ମରକ୍ଷା ନିମିତ୍ତ ଏବଂ ସମଗ୍ର ପୃଥିବୀରେ ଜର୍ମାନୀର ପ୍ରଭୁତ୍ୱ ବିସ୍ତାର କରିବା ତଥା ତା'ର ନାଜୀ ଢାଞ୍ଚାରେ ଜୀବନଯାପନ କରିବା ଉଦ୍ଦେଶ୍ୟରେ ଧମକାଇ ଥିବା ରାଷ୍ଟ୍ରସବୁକୁ ସୁରକ୍ଷା ଦେବା ନିମିତ୍ତ ସୃଷ୍ଟ ହୋଇଛି ଏବଂ ଚାଲୁ ରହିଛି । କିନ୍ତୁ ଏହା ହେଉଛି ମନୁଷ୍ୟ ସଭ୍ୟତାର ସୁରକ୍ଷା ନିମିତ୍ତ – ଏହି ସଭ୍ୟତାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ସର୍ବୋଚ୍ଚମାନର ପ୍ରାପ୍ୟ ତଥା ସମଗ୍ର ମନୁଷ୍ୟଜାତିର ଭବିଷ୍ୟତକୁ ସୁରକ୍ଷା ଦେବା ନିମିତ୍ତ ଚାଲୁ ରହିଛି । ଏହି ଉଦ୍ଦେଶ୍ୟରେ ଯାହାବି ଘଟୁ ନା କାହିଁକି ଆମର ପୂର୍ଣ୍ଣ ସମର୍ଥନ ଓ ସହାନୁଭୂତି ସ୍ଥିର ଓ ଅଟଳ ରହିବ; ଆମେ ବ୍ରିଟେନ୍‌ର ବିଜୟ ନିମିତ୍ତ ଆନ୍ତରିକ ଆଶା ଓ ଭରସା ରଖିଛୁ ଏବଂ ପରିଶେଷରେ ଏହାର ଫଳସ୍ୱରୂପ ପୃଥିବୀର ରାଷ୍ଟ୍ରସବୁ ମଧ୍ୟରେ ଶାନ୍ତି ଓ ଐକ୍ୟର ଏକ ନବଯୁଗ ସ୍ଥାପିତ ହେବ ଏବଂ ସୁବ୍ୟବସ୍ଥିତ ଭାବରେ ପୃଥିବୀରେ ଏକ ଅଧିକତର ଓ କ୍ରମବର୍ଦ୍ଧିଷ୍ଣୁ ସ୍ୱାଭାବିକ ସ୍ଥାୟୀ ସୁରକ୍ଷା ସ୍ଥାପିତ ହେବ ।''

(SABCL, Vol. 26, pp 393 - 394)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ତୁମେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିବା ବେଳେ ନିଜର ଚତୁଃପାର୍ଶ୍ୱର ଜୀବନ୍ତ ଦିବ୍ୟ ଉପସ୍ଥିତି ଓ ଦିବ୍ୟ ରକ୍ଷାକାରୀ ଶକ୍ତିକୁ ଧରି ରଖିବାକୁ ସର୍ବଦା ଯଥେଷ୍ଟ ସଜାଗ ହୁଅ; ଯେତେଦୂର ସମ୍ଭବ କମ୍ କଥାବାର୍ତ୍ତା କର ।

– ଶ୍ରୀମା

# ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ

## ରାମକୃଷ୍ଣ ଦାସ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ପରଂବ୍ରହ୍ମଙ୍କ ବିଗ୍ରହ

ପ୍ରଶ୍ନ : ପରାତ୍ପର ସଚ୍ଚିଦାନନ୍ଦ ପରଂବ୍ରହ୍ମଙ୍କର ମୂର୍ତ୍ତି ବା ବିଗ୍ରହ ଅଥବା ପ୍ରତୀକ ଶ୍ରୀଜଗନ୍ନାଥ, ଏହାର ପ୍ରମାଣ କ'ଣ ?

ଉତ୍ତର : ଏହାର ପ୍ରମାଣ ହେଉଛି ଶ୍ରୀଜଗନ୍ନାଥଙ୍କ ବିଗ୍ରହର ନାମ ଏବଂ ଧାମର ନାମ । ଏହାକୁ ସମର୍ଥନ କରୁଛି ପ୍ରତ୍ୟକ୍ଷ ବ୍ୟାବହାରିକ କର୍ମ ତଥା ଶାସ୍ତ୍ର ।

ଶ୍ରୀଜଗନ୍ନାଥଙ୍କୁ କୁହାଯାଏ ଦାରୁବ୍ରହ୍ମ; ସେ ଯେଉଁ ସ୍ଥାନରେ ବିରାଜମାନ କରି ଅଛନ୍ତି ସେ ସ୍ଥାନର ନାମ 'ପୁରତ୍ତମ' । ଅର୍ଥାତ୍, ପୁରୁଷୋତ୍ତମ କ୍ଷେତ୍ରର ଅପଭ୍ରଂଶ ପୁରତ୍ତମ ବା ପୁରୀକ୍ଷେତ୍ର ।

ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣ, ଶିବ – ଏସବୁ ବ୍ରହ୍ମଙ୍କ ସଗୁଣ ରୂପ; ଏହିସବୁ ସଗୁଣ ଭଗବାନଙ୍କ ବିଗ୍ରହକୁ ବ୍ରହ୍ମ କୁହାଯାଏ ନାହିଁ । ଶ୍ରୀଜଗନ୍ନାଥ ଭଗବାନଙ୍କର କୌଣସି ସଗୁଣ ରୂପର ପ୍ରତୀକ ବା ରୂପ ନୁହନ୍ତି, ସାକ୍ଷାତ୍ ସଚ୍ଚିଦାନନ୍ଦ ପୁରୁଷୋତ୍ତମଙ୍କର ମୂର୍ତ୍ତି ବା ବିଗ୍ରହ, ସେହି ସକାଶେ ତାଙ୍କୁ ଦାରୁବ୍ରହ୍ମ କୁହାଯାଏ ।

ଦ୍ୱିତୀୟ ହେଲା, ଶ୍ରୀଜଗନ୍ନାଥଙ୍କ ବିଗ୍ରହ । ବ୍ରହ୍ମଙ୍କର ରୂପ ମନରେ କଳ୍ପନା କରିହୁଏ ନାହିଁ । କେବଳ ଅତିମାନସ ଚେତନାରେ ଉପଲବ୍ଧି କରିହୁଏ । ବ୍ରହ୍ମସ୍ୱରୂପ – ଏକହିଁ ସମୟରେ ନିରାକାର ଏବଂ ତାହାର ବିପରୀତ ସାକାର, ସେହି ଏକହିଁ ସମୟରେ ସେ ସାକାର ଓ ନିରାକାର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ପରଂବ୍ରହ୍ମ । ମନ ସୀମିତ ଥିବା ସତ୍ତ୍ୱେ ବସ୍ତୁ ନିରୂପଣ କରିବା ତା'ର ଧର୍ମ । ମନ-ଚେତନାରେ ଆମ୍ଭେ ବ୍ରହ୍ମ ବିଚାର କରିବାକୁ ଗଲେ କହିବା, ବ୍ରହ୍ମଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ; ତାଙ୍କୁ ସାକାର ବି କହିବା, ନିରାକାର ବି କହିବା । ଯଥାର୍ଥରେ ସେ ଏହି ଉଭୟ ରୂପାରୂପର ଊର୍ଦ୍ଧ୍ୱରେ । ଶ୍ରୀଜଗନ୍ନାଥ ବ୍ରହ୍ମଙ୍କ ସ୍ୱରୂପ ଥିବାରୁ ତାଙ୍କ ବିଗ୍ରହର ରୂପ ପୂର୍ଣ୍ଣ ନୁହେଁ । ଅର୍ଥାତ୍, ହସ୍ତ ଓ ପଦ ନ ଥିବାରୁ ତାଙ୍କୁ କୌଣସି ନିର୍ଦ୍ଦିଷ୍ଟ ରୂପ କହିପାରିବା ନାହିଁ, କିନ୍ତୁ ସ୍ଥୂଳ ମୂର୍ତ୍ତି ଥିବାରୁ ତାଙ୍କୁ ଅରୂପ ବି କହିପାରିବା ନାହିଁ । ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ପରଂବ୍ରହ୍ମଙ୍କ ବିଗ୍ରହ ଥିବାରୁ ସେ ରୂପ ଏବଂ ଅରୂପର ଊର୍ଦ୍ଧ୍ୱରେ । ଶ୍ରୀଜଗନ୍ନାଥଙ୍କ ବିଗ୍ରହ, ନାମ ତଥା ଧାମରୁ ପ୍ରମାଣ ହୁଏ ଯେ ଶ୍ରୀଜଗନ୍ନାଥ ପରଂବ୍ରହ୍ମଙ୍କ ମୂର୍ତ୍ତି ।

ତୃତୀୟ ହେଲା,ଏକ ବ୍ରହ୍ମ ସୃଷ୍ଟିରୂପ ହୋଇଛନ୍ତି ଏବଂ ସୃଷ୍ଟିକୁ ପରାର୍ଦ୍ଧ ଓ ଅପରାର୍ଦ୍ଧ ଦୁଇ ଭାଗରେ ବିଭକ୍ତ କରିଛନ୍ତି, ଅପରାର୍ଦ୍ଧ ଠିକ୍ ଅବିକଳ ପରାର୍ଦ୍ଧର ବିକୃତ ରୂପ । ଏହାକୁ ଶାସ୍ତ୍ର, ପୁରାଣ, ବେଦ, ଉପନିଷଦ୍ ପ୍ରତିପାଦନ କରିଛି; ଏହାକୁ ସନ୍ଥ, ମହାତ୍ମା, ମହାପୁରୁଷ ତଥା ଅବତାର ମଧ୍ୟ ସମର୍ଥନ କରିଛନ୍ତି । ଏହା ଯଥାର୍ଥ ସତ୍ୟ । ଏହାକୁ ପ୍ରତ୍ୟକ୍ଷରୂପେ ପ୍ରମାଣ କରୁଛି କ୍ରମବିକାଶ । ଏହିସବୁ ସତ୍ୟ ଏବଂ ପ୍ରତ୍ୟକ୍ଷ ଘଟନା ଦୃଷ୍ଟିରୁ ପରାର୍ଦ୍ଧର ସମସ୍ତ ବସ୍ତୁ ଏହି ଅପରାର୍ଦ୍ଧରେ ପ୍ରତୀକରୂପେ ବିଦ୍ୟମାନ । ଏହିସବୁ କାରଣରୁ ସ୍ପଷ୍ଟ ହୁଏ ଯେ ଶ୍ରୀଜଗନ୍ନାଥ ପରଂବ୍ରହ୍ମଙ୍କ ପ୍ରତୀକ ଏବଂ ପୁରୀ ସଚ୍ଚିଦାନନ୍ଦ ଲୋକର ପ୍ରତୀକ ।

ଯଦି ବେଦ, ଉପନିଷଦ୍ ତଥା ଏହିସବୁ ପ୍ରତ୍ୟକ୍ଷ ଘଟଣା ବିଶ୍ୱାସ ନ କର, ତେବେ ଆସିବ ଅନୀଶ୍ୱରବାଦ । 'ଅନୀଶ୍ୱର' ଶବ୍ଦହିଁ ପ୍ରମାଣ କରେ 'ଈଶ୍ୱର' । 'ଈଶ୍ୱର' ଯଦି କୌଣସି ସତ୍ୟ ନୁହନ୍ତି, ତେବେ ତାଙ୍କୁ ଅସତ୍ୟ କହିବାର ଆବଶ୍ୟକତା କ'ଣ ? ଅସତ୍ୟ କହିବାହିଁ ହେଲା ସତ୍ୟର ପ୍ରମାଣ ।

ଏହି ବିଷୟଟିକୁ ସଂକ୍ଷେପରେ କହିବା ଉଦ୍ଦେଶ୍ୟରେ ଏତିକିରେ ସମାପ୍ତ କରାହେଲା ।

ଏହିସବୁ ଆଲୋଚନାରୁ ସ୍ପଷ୍ଟ ହେଲା, ଉତ୍କଳବାସୀଙ୍କର ଜଗନ୍ନାଥ ଧର୍ମ ସେମାନଙ୍କ ଚେତନାରେ ପ୍ରତିଷ୍ଠିତ ହୋଇଛି । ସେହି କାରଣରୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଧ୍ୟାତ୍ମ-ସିଦ୍ଧାନ୍ତ କ୍ରମବିକାଶକୁ ସାହାଯ୍ୟ କରିବା ସକାଶେ ପୃଥିବୀରେ କ୍ରିୟାଶୀଳ ହେବା ସମୟରେ ସେମାନେ ତାହା ଗ୍ରହଣ କରିଛନ୍ତି; କିନ୍ତୁ ସେଥିରେ ଆବଦ୍ଧ ହୋଇ ନାହାନ୍ତି । ଅଜ୍ଞାତରୂପେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛନ୍ତି । ବର୍ତ୍ତମାନ ଜୀବନର ଲକ୍ଷ୍ୟ ସ୍ପଷ୍ଟ ଭାବେ ଜାଣିବା ତଥା ପ୍ରାପ୍ତ ହେବାର ସମୟ ଆସିଛି । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଯାହାଙ୍କୁ ଦାରୁବ୍ରହ୍ମ

ରୂପେ ପୂଜା କରି ଆସୁଅଛନ୍ତି ତାଙ୍କରି ଯେଉଁ ଯଥାର୍ଥ ସ୍ୱରୂପ ସାକ୍ଷାତ୍ ପୁରୁଷୋତ୍ତମ ପରଂବ୍ରହ୍ମ ତତ୍ତ୍ୱ ତାହା ଉପଲବ୍ଧି କରିବେ । ଏହାରି ଉପଲବ୍ଧିରେହିଁ ହେବ ନୂତନ ସତ୍ୟଯୁଗ । ସେଥିରେ ପ୍ରତିଷ୍ଠା ହେବେ ଅତିମାନବଜାତି । ସାକ୍ଷାତ୍‌ଭାବେ ପ୍ରକାଶ ହେବେ ସଚ୍ଚିଦାନନ୍ଦ ପରଂବ୍ରହ୍ମ ।

ପ୍ରଶ୍ନ : ତୁମ୍ଭର ଉତ୍ତର ଯୁକ୍ତିଯୁକ୍ତ ପ୍ରତୀତ ହେଉଛି । କିନ୍ତୁ ରାଜାଙ୍କର ଉଦ୍ଦେଶ୍ୟ ଥିଲା ସର୍ବାଙ୍ଗସୁନ୍ଦର ପରିପୂର୍ଣ୍ଣ ମୂର୍ତ୍ତି ପ୍ରତିଷ୍ଠା କରିବା ସକାଶେ । କିନ୍ତୁ ମୂର୍ତ୍ତି ତିଆରି କରୁଥିବା କାରିଗର ବା ବଢ଼େଇଙ୍କ କହିବା ଅନୁସାରେ ମୂର୍ତ୍ତି ତିଆରି ହେବା କାଷ୍ଠ ସହିତ କାରିଗରଙ୍କୁ ଗୋଟିଏ ବନ୍ଦ ଗୃହରେ ରଖାହେଲା ଏବଂ ନିର୍ଦ୍ଦିଷ୍ଟ ଦିନରେ ଗୃହର ଦ୍ୱାର ଖୋଲିବାର ନିର୍ଦ୍ଧାରଣ କରାହେଲା । ମହାରାଣୀ ତଥା ଅନ୍ୟ ଲୋକଙ୍କ କହିବା ଯୋଗୁଁ ବୃଦ୍ଧ କାରିଗରର ମୃତ୍ୟୁ ହୋଇଥିବା ଆଶଙ୍କାରେ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ରାଜା ଦ୍ୱାର ଖୋଲି ଦେଲେ । ସେଠାରେ କାରିଗରକୁ ପାଇଲେ ନାହିଁ, କିନ୍ତୁ ବିଗ୍ରହଙ୍କର ହସ୍ତ, ପଦ, ଅଙ୍ଗୁଳି ନିର୍ମାଣ ହୋଇ ନ ଥିଲା । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ରାଜା ଅଧୈର୍ଯ୍ୟ ହୋଇ ଦ୍ୱାର ଖୋଲାଇ ଦେବାରୁ ମୂର୍ତ୍ତି ଅପୂର୍ଣ୍ଣ ରହିଲେ; ଜଗନ୍ନାଥଙ୍କୁ ସଚ୍ଚିଦାନନ୍ଦଙ୍କ ପ୍ରତୀକ କହିବାର ସୁଯୋଗ ତୁମ୍ଭଙ୍କୁ ମିଳିଲା ।

ଉତ୍ତର : ଏହାର କାରଣ ରାଜାଙ୍କ ଅଧୀରତା ନୁହେଁ କିଂବା ଜଗନ୍ନାଥଙ୍କୁ ସଚ୍ଚିଦାନନ୍ଦଙ୍କ ପ୍ରତୀକ ବା ମୂର୍ତ୍ତି କହିବାର ସୁଯୋଗ ନୁହେଁ । ମୂର୍ତ୍ତି ଅପୂର୍ଣ୍ଣ ରହିବା ଭଗବତ୍ ଅଦୃଶ୍ୟ ଶକ୍ତିର ପ୍ରେରଣା ଏବଂ ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହେବା ଯଥାର୍ଥ, ଯୁକ୍ତିଯୁକ୍ତ ତଥା ଶାସ୍ତ୍ରସମ୍ମତ । ଏହା ଯେପରି ଅକାଟ୍ୟ ଯୁକ୍ତି, ସେହିପରି ଶାସ୍ତ୍ରର ପ୍ରମାଣ ।

ପ୍ରଶ୍ନ : ପୁରୀ ପୁରୁଷୋତ୍ତମ ଧାମ, ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତିମା ବିଷୟ କେଉଁ ଶାସ୍ତ୍ରରେ ବର୍ଣ୍ଣନା କରାହୋଇଛି ?

ଉତ୍ତର : ତନ୍ତ୍ରଯାମଳ, ବାୟୁପୁରାଣ, ଅଗ୍ନିପୁରାଣ, ବ୍ରହ୍ମପୁରାଣ, କୂର୍ମପୁରାଣ, ଶିବପୁରାଣ, କପିଳସଂହିତା, ଗରୁଡ଼ପୁରାଣ, ବୃହତ୍ ବିଷ୍ଣୁପୁରାଣ, ସ୍କନ୍ଦପୁରାଣ, ବ୍ରହ୍ମାଣ୍ଡପୁରାଣ, ଭବିଷ୍ୟପୁରାଣ ଏବଂ ଶ୍ରୀଜଗନ୍ନାଥ ମାହାତ୍ମ୍ୟରେ । ଏହିସବୁ ଶାସ୍ତ୍ରମାନଙ୍କରେ ତଥା ଅନ୍ୟାନ୍ୟ ଶାସ୍ତ୍ରରେ ପୁରୁଷୋତ୍ତମ କ୍ଷେତ୍ର ତଥା ଶ୍ରୀଜଗନ୍ନାଥ ପରଂବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱଙ୍କ ପ୍ରତିମା ପ୍ରତିପାଦିତ ହୋଇଛି । ଏହିସବୁ ପୁରାଣରୁ ଶ୍ଳୋକ ସଂଗ୍ରହ କରିଛନ୍ତି ପଣ୍ଡିତ ଶ୍ରୀ ସଦାଶିବ ରଥଶର୍ମା । ତାଙ୍କରି ସଂଗୃହୀତ ଶ୍ଳୋକ ମଧ୍ୟରୁ ଅଳ୍ପ କେତେକ ଶ୍ଳୋକ ଏଠାରେ ଉଦ୍ଧୃତ କରାହୋଇଛି । ଯଥା –

**ତନ୍ତ୍ରଯାମଳ –**

''ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମଂ ।
ଦାରୁରୂପୀ ଜଗନ୍ନାଥଃ ଭକ୍ତାନାମଭୟପ୍ରଦଃ ॥''

ଅର୍ଥାତ୍, ''ଭାରତର ଉତ୍କଳ ପ୍ରଦେଶ ପୁରୁଷୋତ୍ତମ କ୍ଷେତ୍ରରେ ଯେଉଁ ଦାରୁରୂପୀ ସମସ୍ତ ଜଗତର ଈଶ୍ୱର ସେ ଭକ୍ତଙ୍କୁ ଜନ୍ମମରଣ ଦୁଃଖକଷ୍ଟରୁ ଅଭୟ କରି ଦିଅନ୍ତି ।''

**ବ୍ରହ୍ମପୁରାଣ –**

''ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମଃ ।
ଆସ୍ତେ ପୁଣ୍ୟଂ ପରଂ କ୍ଷେତ୍ରଂ ମୁକ୍ତିଦଂ ପାପନାଶକଂ ॥''

ଅର୍ଥାତ୍, ''ସମୁଦ୍ରର ଉତ୍ତର ତଟରେ ଯେଉଁ ମହାନ୍, ପବିତ୍ର କ୍ଷେତ୍ର ଅବସ୍ଥିତ, ହେ ବ୍ରାହ୍ମଣ, ସେ କ୍ଷେତ୍ର ମୁକ୍ତି ଦିଏ ଏବଂ ପାପ ନାଶ କରେ ।''

**ଶିବପୁରାଣ –**

''ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟନ୍ୟତ୍ ଭବମୋଚନଂ ।
ତତ୍ର ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ରହ୍ମ ଶରୀରଭୃତ୍ ॥''

ଅର୍ଥାତ୍, ''ମୁକ୍ତିଲାଭ କରିବା ସକାଶେ ପୁରୁଷୋତ୍ତମ କ୍ଷେତ୍ର ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ । ଏହି କ୍ଷେତ୍ରରେ ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ରହ୍ମରୂପେ ଶରୀର ଧାରଣ କରିଛନ୍ତି ।''

**କପିଳସଂହିତା –**

''ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।
ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ॥''

ଅର୍ଥାତ୍, ''ସମସ୍ତ ତୀର୍ଥ ବା କ୍ଷେତ୍ର ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ସର୍ବଶ୍ରେଷ୍ଠ, ସମସ୍ତ ଦେବତା ମଧ୍ୟରେ ପୁରୁଷୋତ୍ତମ ଜଗନ୍ନାଥ ସର୍ବଶ୍ରେଷ୍ଠ ।''

**ବୃହତ୍ ବିଷ୍ଣୁପୁରାଣ –**

''ଯୋଗୀନାଂ ହି ହୃଦାକାଶେ ବିଦ୍ୟୁଦ୍‌ବର୍ଣ୍ଣ ପ୍ରକାଶତେ ।
ସ ଏବ ଦାରୁରୂପେଣ ଆସ୍ତେ ନୀଳାଚଲୋ ମହି ॥''

ଅର୍ଥାତ୍, ''ଯୋଗୀମାନଙ୍କ ହୃଦୟରେ ଯେପରି ମୁଁ ବିଦ୍ୟୁତ୍‌ବତ୍ ପ୍ରକାଶ ହୋଇଛି ସେହିପରି ନୀଳାଚଳ ବା ପୁରୁଷୋତ୍ତମ କ୍ଷେତ୍ରରେ ଦାରୁରୂପେ ବିଦ୍ୟମାନ ଅଛି ।''

ପ୍ରଶ୍ନ : ତୁମ୍ଭର ଉଦ୍ଧୃତ ଶ୍ଳୋକରେ ପୁରୁଷୋତ୍ତମ ଧାମ ଏବଂ ପରଂବ୍ରହ୍ମ ପୁରୁଷୋତ୍ତମ ଶବ୍ଦ ପ୍ରୟୋଗ ହୋଇଛି । କିନ୍ତୁ

ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କ ପ୍ରତୀକ ବା ପ୍ରତିମା, ପୁରୀ ପୁରୁଷୋତ୍ତମ ଧାମର ପ୍ରତୀକ ବୋଲି କେଉଁଠି କୁହାହୋଇଛି ?

ଉତ୍ତର : ଶିବପୁରାଣରେ ଶ୍ଳୋକର ପ୍ରଥମ ପଦରେ ସ୍ପଷ୍ଟରୂପେ କୁହାହୋଇଛି – ''ଜନ୍ମମରଣରୁ ମୁକ୍ତି ଲାଭ କରିବା ସକାଶେ ପୁରୁଷୋତ୍ତମ କ୍ଷେତ୍ର ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ ।''

ଦ୍ୱିତୀୟ ପଦରେ କୁହାହୋଇଛି – ''ଏହି କ୍ଷେତ୍ରରେ ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ରହ୍ମ ରୂପେ ଶରୀର ଧାରଣ କରିଅଛନ୍ତି ।''

ଏହି ଶ୍ଳୋକରୁ ସ୍ପଷ୍ଟ ବୁଝାଯାଉଛି, ଏହି ପୃଥିବୀରେ ଅବସ୍ଥିତ ପୁରୀ ପୁରୁଷୋତ୍ତମ ଧାମର ପ୍ରତୀକ ଏବଂ ଦାରୁରୂପେ ଶ୍ରୀଜଗନ୍ନାଥ ପରଂବ୍ରହ୍ମ ପୁରୁଷୋତ୍ତମଙ୍କ ପ୍ରତୀକ ।

ପ୍ରଶ୍ନ : ପୂର୍ବେ ସରଳ ଅନ୍ଧବିଶ୍ୱାସୀ ଲୋକ ପୁରାଣବାକ୍ୟକୁ ବେଦ ବୋଲି ମାନି ନେଉଥିଲେ । କିନ୍ତୁ ଆଜିକାଲି ବିଜ୍ଞାନ ଯୁଗରେ ଆମ୍ଭେମାନେ ବୁଦ୍ଧିବାଦୀ ବ୍ୟକ୍ତି ପୁରାଣର ଅତିରଞ୍ଜିତ ଏବଂ ବିରୋଧାତ୍ମକ ଶବ୍ଦକୁ ବିଶ୍ୱାସ କରିବୁ କିପରି ? ଅତିରଞ୍ଜିତ ବାକ୍ୟ ହେଲା, ''ପୁରୀରେ ମୁକ୍ତିଲାଭ ହୁଏ'' । କିନ୍ତୁ ଏହା ସତ୍ୟ ନୁହେଁ, ଯଦି ଏହା ସତ୍ୟ ହୋଇଥା'ନ୍ତା ତେବେ ଯେତେ ପାପୀ ଦୁରାଚାରୀ ଲୋକ ମନଇଚ୍ଛା ପାପ କରି ପୁରୀରେ ବାସ କରନ୍ତେ, ମୃତ୍ୟୁ ପରେ ସିଧା ବୈକୁଣ୍ଠକୁ ଚାଲିଯା'ନ୍ତେ ଅଥବା ପୁରୀରେ ବାସ କରି ମନଇଚ୍ଛା ପାପ କରି ମୁକ୍ତି ପ୍ରାପ୍ତ ହୁଅନ୍ତେ । ଏହା ସମ୍ଭବ ନୁହେଁ । ଏହି ବାକ୍ୟକୁ କୌଣସି ବ୍ୟକ୍ତି ବିଶ୍ୱାସ କରିପାରିବ ନାହିଁ ।

ବିରୋଧାତ୍ମକ ବାକ୍ୟ ହେଲା, ''ମୁକ୍ତିଲାଭ କରିବା ସକାଶେ ପୁରୀ ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ ।'' ସଂସାରକୁ ଛାଡ଼, ଭାରତବର୍ଷରେ କାଶୀ, ଅଯୋଧ୍ୟା, ବୃନ୍ଦାବନ, ପ୍ରୟାଗ, ହରିଦ୍ୱାର, ବଦ୍ରିନାରାୟଣରେ ବାସ କରି ମୃତ୍ୟୁ ପ୍ରାପ୍ତ ହେବା ବ୍ୟକ୍ତିଙ୍କୁ ମୁକ୍ତି ମିଳିବା କଥା ଅନ୍ୟାନ୍ୟ ଶାସ୍ତ୍ରରେ ଋଷିମୁନିମାନେ କହିଛନ୍ତି । ଏହି ପୁରାଣର ବାକ୍ୟ ସତ୍ୟ ମାନିଲେ ''ମୁକ୍ତି ସକାଶେ ପୁରୀ ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ'' ଏହାକୁ ମିଥ୍ୟା ମାନିବାକୁ ହେବ । ଅତଏବ ଏହା ବିରୋଧାତ୍ମକ ବାକ୍ୟ । କେଉଁ ଋଷିଙ୍କ ବାକ୍ୟ ସତ୍ୟ, କେଉଁ ଋଷିଙ୍କ ବାକ୍ୟ ମିଥ୍ୟା ?

ଉତ୍ତର : କୌଣସି ଋଷିଙ୍କ ବାକ୍ୟ ମିଥ୍ୟା ନୁହେଁ କିଂବା ବିରୋଧାତ୍ମକ ନୁହେଁ, କିନ୍ତୁ ସେମାନଙ୍କ ବାକ୍ୟର ଅନ୍ତର୍ନିହିତ ସତ୍ୟ ବା ରହସ୍ୟ ଆୟମାନଙ୍କ ଚେତନାରେ ପ୍ରକାଶ ନ ହେବାରୁ ଆମ୍ଭେମାନେ ସାମଞ୍ଜସ୍ୟ କରିପାରୁ ନାହିଁ ।

ଦୁଇଟି ପଥର ଗୋଟାଳି ସହିତ ଆଉ ଗୋଟିଏ ପଥର ଗୋଟାଳି ମିଶାଇ ଦେଲେ ତିନି ହେବା ଯେପରି ସତ୍ୟ ସେହିପରି ଗୋଟାଏ ପାତ୍ରରେ ଥିବା ଦୁଇ ଜଳବିନ୍ଦୁ ସହିତ ଆଉ ଗୋଟାଏ ଜଳବିନ୍ଦୁ ମିଶାଇ ଦେଲେ ଏକ ହେବା ସେହିପରି ସତ୍ୟ ।

ଦୁଇଟିଯାକ ବିରୋଧାତ୍ମକ ଘଟନା, କିନ୍ତୁ ପ୍ରତ୍ୟେକ ଘଟନା ସତ୍ୟ । ଏହା ମଧ୍ୟରେ ଯେପରି ବସ୍ତୁର ଗୁଣ ଧର୍ମର ରହସ୍ୟ ରହିଛି ସେହିପରି ଗୂଢ଼ ରହସ୍ୟ ଅଛି ଆମମାନଙ୍କୁ ବିରୋଧାତ୍ମକ ପ୍ରତୀତ ହେଉଥିବା ଋଷିମାନଙ୍କର ବାକ୍ୟରେ ।

ଅଯୋଧ୍ୟା, କାଶୀ, ବୃନ୍ଦାବନ, ପ୍ରୟାଗ, ହରିଦ୍ୱାର, ବଦ୍ରିକାଶ୍ରମରେ ଶେଷଜୀବନ ପର୍ଯ୍ୟନ୍ତ ବାସ କଲେ ବ୍ୟକ୍ତିକୁ ଭଗବତ୍ ପ୍ରାପ୍ତି ହୁଏ । ସେ ଆଉ ପୃଥିବୀରେ ଜନ୍ମଗ୍ରହଣ କରେ ନାହିଁ । କିନ୍ତୁ ସେ ସ୍ଥାନର ପ୍ରଭାବରେ ତା'ର ମନ, ପ୍ରାଣ, ଶରୀର ରୂପାନ୍ତର ହୁଏ ନାହିଁ । ପୁରୀ ବା ପୁରୁଷୋତ୍ତମ କ୍ଷେତ୍ରରେ ବାସ କଲେ ବ୍ୟକ୍ତିର ମୃତ୍ୟୁ ପରେ କେବଳ ମୁକ୍ତି, ନିର୍ବାଣ ବା ଭଗବତ୍ ପ୍ରାପ୍ତି ହୁଏ ନାହିଁ, ବ୍ୟକ୍ତିର ଏହି ସ୍ଥୂଳ ଶରୀର, ମନ, ପ୍ରାଣ ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଏ; ସେ ରୂପାନ୍ତର ଶରୀରରେ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରେ । ସେ ଆଉ ମାତୃଗର୍ଭରେ ଜନ୍ମ ହୁଏ ନାହିଁ, ସେ ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ ହୁଏ । ଏହି ଯେଉଁ ଶରୀର ରୂପାନ୍ତର, ପୁରୀ ଛଡ଼ା ଅନ୍ୟ ସ୍ଥାନରେ ସମ୍ଭବ ନୁହେଁ । ଏହି ରୂପାନ୍ତରର ଅନ୍ୟ ନାମ ମୁକ୍ତି । ସେ ସମୟରେ ରୂପାନ୍ତର କହିଥିଲେ କେହି ବୁଝିପାରି ନ ଥା'ନ୍ତେ । ସେହି କାରଣରୁ ରୂପାନ୍ତର ଶବ୍ଦ ପରିବର୍ତ୍ତେ ମୁକ୍ତି ଶବ୍ଦ ବ୍ୟବହାର କରା-ହୋଇଅଛି ।

ପ୍ରଶ୍ନ : ତୁମର ଉତ୍ତର ହେଲା ପୁରୀବାସରେ ମନ-ପ୍ରାଣ-ଶରୀର ରୂପାନ୍ତର ହୁଏ ଏବଂ ବ୍ୟକ୍ତି ଜନ୍ମ ମରଣରୁ ମୁକ୍ତ ହୁଏ; କାଶୀ, ଅଯୋଧ୍ୟା, ବୃନ୍ଦାବନ ଆଦି ଧାମରେ ବ୍ୟକ୍ତିର ଶରୀର ରୂପାନ୍ତର ହୁଏ ନାହିଁ । ମୃତ୍ୟୁପରେ କାଶୀରେ ବାସ କରିଥିବା ବ୍ୟକ୍ତି କୈଳାସ, ଅଯୋଧ୍ୟାରେ ବାସ କରିଥିବା ବ୍ୟକ୍ତି ସାକେତ, ବୃନ୍ଦାବନରେ ବାସ କରିଥିବା ବ୍ୟକ୍ତି ଗୋଲୋକ ଆଦି ଦିବ୍ୟ ଧାମରେ ଭଗବତ୍ ପ୍ରାପ୍ତ ହୁଅନ୍ତି । ଏହି ଉତ୍ତରରେ ଋଷିମାନଙ୍କ ବିରୋଧାତ୍ମକ ବାକ୍ୟର ସମାଧାନ ହେଲା ।

କିନ୍ତୁ ମୋର ପୂର୍ବ ପ୍ରଶ୍ନ ଥିଲା, ପାପୀ, ଦୁରାଚାରୀ

ଲୋକ କେବଳ ଏହିସବୁ ଧାମରେ ବାସକଲେ ଯଦି ମୁକ୍ତି ପାଆନ୍ତେ ତେବେ ପୁରୀରେ ବାସ କରିବା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର ହେବା ଅନିବାର୍ଯ୍ୟ ହୁଅନ୍ତା । ପୁରୀରେ ବରାବର ବ୍ୟକ୍ତି ବାସ କରି ଆସୁଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ବ୍ୟକ୍ତିର ଶରୀର ରୂପାନ୍ତର ହେବା କେହି ଦେଖି ନାହାନ୍ତି । ତୁମ୍ଭର ଉତ୍ତର ବିରୋଧରେ ଏହି ପ୍ରତ୍ୟକ୍ଷ ଘଟଣା ବିଦ୍ୟମାନ ଅଛି । ଅତଏବ ତୁମ୍ଭର ଉତ୍ତର ବିଶ୍ୱାସଯୋଗ୍ୟ ହେବ କିପରି ?

ଉତ୍ତର : ଦୃଶ୍ୟମାନ ବସ୍ତୁର ଅଭ୍ୟନ୍ତରରେ ଥିବା ସତ୍ୟର ସନ୍ଧାନ ନ ପାଇବା ଯୋଗୁଁ ଯଥାର୍ଥ ଉତ୍ତରକୁ ତୁମ୍ଭେ ବିଶ୍ୱାସ କରିବାରେ ଅସମର୍ଥ ହେଉଛ । ପୂର୍ବ ପ୍ରଶ୍ନର ଉତ୍ତରରେ ପୁରାଣର କେବଳ ବାହ୍ୟଶବ୍ଦ କୁହା ହୋଇଥିଲା । ତା'ର ଆଭ୍ୟନ୍ତରୀଣ ରହସ୍ୟ ଥିଲା ପ୍ରତ୍ୟକ୍ଷ, ଦୃଶ୍ୟମାନ ଭୌତିକ ଜଗତର ପୁରୀକ୍ଷେତ୍ର ମଧ୍ୟରେ ନିହିତ ଥିବା ଦିବ୍ୟ ସଚ୍ଚିଦାନନ୍ଦ ଧାମ, ଶ୍ରୀଜଗନ୍ନାଥଙ୍କ କାଷ୍ଠ ବିଗ୍ରହ ମଧ୍ୟରେ ପ୍ରଚ୍ଛନ୍ନ ଥିବା ସଚ୍ଚିଦାନନ୍ଦ ପରଂବ୍ରହ୍ମ ପୁରୁଷୋତ୍ତମ ସତ୍ୟ । ବ୍ୟକ୍ତି ଏହି ସତ୍ୟକୁ ଉପଲବ୍ଧି ନ କରିବା ଯୋଗୁଁ ଆଜି ପର୍ଯ୍ୟନ୍ତ ପୁରୀରେ ବାସ କରିଥିବା କୌଣସି ବ୍ୟକ୍ତିର ମନ, ପ୍ରାଣ ତଥା ଶରୀର ରୂପାନ୍ତର ହୋଇ ନାହିଁ କିଂବା ସେ ଅଜ୍ଞାନ, ରୋଗ, ବୃଦ୍ଧତ୍ୱ ଏବଂ ମୃତ୍ୟୁରୁ ମୁକ୍ତ ହୋଇ ନାହିଁ ।

ଯେପରି କାଷ୍ଠ ମଧ୍ୟରେ ଅଗ୍ନି ଥାଏ, ଅଣୁ ମଧ୍ୟରେ ଶକ୍ତି ବିଦ୍ୟମାନ ଥାଏ, ଶରୀର ମଧ୍ୟରେ ଆତ୍ମା ନିବାସ କରେ, କିନ୍ତୁ ଏସବୁକୁ ବ୍ୟକ୍ତି ଆବିଷ୍କାର ବା ଉପଲବ୍ଧି ନ କଲେ ତା'ର ଅଭୀଷ୍ଟ ପୂର୍ଣ୍ଣ ହୁଏ ନାହିଁ, ଠିକ୍ ସେହିପରି ପୁରୁଷୋତ୍ତମ କ୍ଷେତ୍ର ।

ଏହି ସତ୍ୟ ଉପଲବ୍ଧ ହୁଏ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ-ପ୍ରଣାଳୀରେ ସାଧନା କରି ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ଭଗବତ୍ ତତ୍ତ୍ୱରେ ରୂପାନ୍ତର କଲେ । ଯେପରି କାଷ୍ଠ ମଧ୍ୟରେ ଅଗ୍ନି ଥାଏ, ମନୁଷ୍ୟ ମଧ୍ୟରେ ଆତ୍ମା ବିଦ୍ୟମାନ ଥାଏ । କାଷ୍ଠକୁ କାଷ୍ଠ ସହିତ ଘର୍ଷଣ କରି ଅଗ୍ନି ଆବିଷ୍କାର ନ କଲେ ଯେପରି ରାନ୍ଧିବା ହୋଇପାରେ ନାହିଁ, ସେହିପରି ସାଧନା ଦ୍ୱାରା ଆତ୍ମ-ଉପଲବ୍ଧି ନ କଲେ ବ୍ୟକ୍ତି ଅଜ୍ଞାନରୁ ମୁକ୍ତ ହୁଏ ନାହିଁ; ଜନ୍ମମରଣ, ଦୁଃଖକଷ୍ଟ ଭୋଗୁଥାଏ । ଠିକ୍ ସେହିପରି ପୁରୀ, ଅଯୋଧ୍ୟା, କାଶୀ, ବୃନ୍ଦାବନାଦି ଭଗବତ୍ ଧାମରେ ବାସ କରିବା ଅର୍ଥ ତା'ର ସତ୍ୟସ୍ୱରୂପ ଉପଲବ୍ଧି କରିବା ।

ପ୍ରଶ୍ନ : ଜଗନ୍ନାଥଙ୍କ ଦାରୁ ବିଗ୍ରହରେ ସଚ୍ଚିଦାନନ୍ଦତତ୍ତ୍ୱ, ପୁରୀରେ ପୁରୁଷୋତ୍ତମ ଦିବ୍ୟ ସଚ୍ଚିଦାନନ୍ଦ ଧାମର ତତ୍ତ୍ୱ, ଅଯୋଧ୍ୟାରେ ସାକେତ, ବୃନ୍ଦାବନରେ ଗୋଲୋକ, କାଶୀରେ କୈଳାସ ପ୍ରଚ୍ଛନ୍ନ ରହିଲା କାହିଁକି ?

ଉତ୍ତର : ଏହା ଭଗବାନଙ୍କ ବିଧାନ ।

ଭଗବାନ୍ ଅନାଦି ଏବଂ ଏକ । ତାଙ୍କ ଛଡ଼ା ମାୟା, ମିଥ୍ୟା ବା ଅନ୍ୟ କିଛି ନ ଥିଲା । ସେ ନିଜକୁ ବହୁରୂପେ ପ୍ରକାଶ କରିବା ଉଦ୍ଦେଶ୍ୟରେ ସୃଷ୍ଟି କରିବାକୁ ସଂକଳ୍ପ କଲେ । ସଂକଳ୍ପ ମାତ୍ରେହିଁ ଭଗବାନଙ୍କ ପରା ଏବଂ ଅପରା ଶକ୍ତି ବା ପରା, ଅପରା ମାୟା ପ୍ରଘଟ ହେଲେ । ତାଙ୍କରି ଦ୍ୱାରା ସୃଷ୍ଟି ହେଲା ଏବଂ ପରାର୍ଦ୍ଧ ତଥା ଅପରାର୍ଦ୍ଧ ଏହି ଦୁଇଭାଗରେ ବିଭକ୍ତ ହେଲା । ପରାର୍ଦ୍ଧ ରହିଲା ଦିବ୍ୟ, ଅପରାର୍ଦ୍ଧ ହେଲା ପରାର୍ଦ୍ଧର ବିକୃତ, ମାୟା-ମୋହଗ୍ରସ୍ତ । ସେହି ଦିବ୍ୟଲୋକର ଅଧିଷ୍ଠାତ୍ରୀ ଦେବୀ ହେଲେ ଭଗବାନଙ୍କ ପରାଶକ୍ତି । ସେଥିରେ ସଚ୍ଚିଦାନନ୍ଦ ପରଂବ୍ରହ୍ମ ଯେ କି ଏକସଙ୍ଗେ ସାକାର ଏବଂ ନିରାକାର, ସକ୍ରିୟ ଏବଂ ନିଷ୍କ୍ରିୟ । ଏହିସବୁକୁ ଧାରଣ କରି ଏହାର ଊର୍ଦ୍ଧ୍ୱରେ ରହିଲେ ସେହି ସଚ୍ଚିଦାନନ୍ଦ ପରଂବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱ । ଯେଉଁ ତତ୍ତ୍ୱରେ ମନ ବା ଶବ୍ଦ ପହଞ୍ଚିପାରେ ନାହିଁ, କେବଳ ଅତିମାନସ ଚେତନାରେ ଉପଲବ୍ଧି କରାହୁଏ । ଏହି ସଚ୍ଚିଦାନନ୍ଦ ପରଂବ୍ରହ୍ମ ସୃଷ୍ଟି ଉଦ୍ଦେଶ୍ୟରେ ପରାର୍ଦ୍ଧଲୋକର ଭିନ୍ନ ଭିନ୍ନ ସ୍ତର – ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଆଦି ଦିବ୍ୟଧାମରେ – ସାକାର ବା ସଗୁଣରୂପେ (ସାକେତରେ ଶ୍ରୀ ସୀତାରାମ, ଗୋଲୋକରେ ରାଧାକୃଷ୍ଣ, ବୈକୁଣ୍ଠରେ ଲକ୍ଷ୍ମୀନାରାୟଣ, କୈଳାସରେ ଗୌରୀଶଙ୍କରରୂପେ) ବିଦ୍ୟମାନ ହେଲେ ।

ଅପରାର୍ଦ୍ଧ ହେଲା ଠିକ୍ ପରାର୍ଦ୍ଧର ବିପରୀତ ଏବଂ ବିକୃତ ରୂପ । ଏଥିରେ ପ୍ରକାଶ ହେଲେ ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ହିଂସା, ସ୍ୱାର୍ଥ ଏବଂ ଅହଂ । ଅଜ୍ଞାନତାହିଁ ବିକାଶ ଏବଂ ଧ୍ୱଂସର କାରଣ । ଏହି ଅପରାର୍ଦ୍ଧ ସୃଷ୍ଟି ଅଜ୍ଞାନତା ଦ୍ୱାରା ନାଶ ହେବାରୁ ରକ୍ଷା କରିବା ତଥା ତାହାର ମୂଳ ଦିବ୍ୟତତ୍ତ୍ୱରେ ଉପନୀତ କରିବା ସକାଶେ ବିକାଶକୁ ଧାରଣ କରି ଏହା ପଶ୍ଚାତରେ ରହିଲା ପରାର୍ଦ୍ଧର ସମସ୍ତ ସତ୍ୟାସତ୍ୟ ।

ମନୁଷ୍ୟର ଅଜ୍ଞାନ ଆବରଣର ପଶ୍ଚାତରେ ଯେପରି ଭଗବାନ୍ ଏବଂ ଭଗବତ୍ ଦିବ୍ୟଗୁଣ ସତ୍ୟ, ନ୍ୟାୟ, ଜ୍ଞାନ, ଆନନ୍ଦ ଆବୃତ ହୋଇ ରହି ବ୍ୟକ୍ତିସତ୍ତାକୁ ଧାରଣ କରି ରହିଲା, ସେହିପରି ଭଗବତ୍ ଦିବ୍ୟଧାମସବୁ ଏହି ପୃଥିବୀରେ ବିକୃତ ହୋଇ ପ୍ରତୀକରୂପେ ସାକେତ, ଅଯୋଧ୍ୟା, ଗୋଲୋକ,

ବୃନ୍ଦାବନ, ବୈକୁଣ୍ଠ, ବଦ୍ରିକାଶ୍ରମ, କୈଳାସ, କାଶୀ ଏବଂ ସଚ୍ଚିଦାନନ୍ଦ ପୁରୁଷୋତ୍ତମକ୍ଷେତ୍ର ନାମରେ ଏହି ମୃତ୍ୟୁ-ପୁରୀରେ ବିଦ୍ୟମାନ ରହିଲା । ବାହାରେ ପ୍ରକାଶ ହେଲା ବିକୃତରୂପ ଭିନ୍ନ ଭିନ୍ନ ନାମରେ ଧାମ ଏବଂ ସେହି ଧାମରେ କାଷ୍ଠ, ପାଷାଣ, ଧାତୁ ପ୍ରତିମା । ଏହାର ପଶ୍ଚାତରେ ବା ଅଭ୍ୟନ୍ତରରେ ରହିଲା ନିଜକୁ ପ୍ରକାଶ କରିବା ସକାଶେ ଭଗବାନଙ୍କ ଦିବ୍ୟତତ୍ତ୍ୱ ଏବଂ ଭଗବାନଙ୍କ ପରାର୍ଦ୍ଧର ଦିବ୍ୟଲୋକ ।

ପ୍ରଶ୍ନ : ପୁରୀ ଏବଂ ଶ୍ରୀଜଗନ୍ନାଥ ବହୁକାଳରୁ ଅଛନ୍ତି । ପୁରୀ, ପୁରୁଷୋତ୍ତମ ଧାମ ଏବଂ ଶ୍ରୀଜଗନ୍ନାଥ, ସଚ୍ଚିଦାନନ୍ଦ ତତ୍ତ୍ୱ ଶାସ୍ତ୍ରରେ ମଧ୍ୟ ପ୍ରତିପାଦ୍ୟ ହୋଇଛି । ତଥାପି ଆଜି ପର୍ଯ୍ୟନ୍ତ ତାହା ପ୍ରକାଶ ହୋଇ ନାହିଁ କାହିଁକି ?

ଉତ୍ତର : ତା'ର ସମୟ ଆସି ନ ଥିଲା । ବର୍ତ୍ତମାନ ତା'ର ସମୟ ଆସିଛି । ମନର ବିକାଶ ଶେଷ ସୀମାରେ ପହଞ୍ଚିଥିବାରୁ ମନଗଠିତ ନୈତିକତା ଭାଙ୍ଗି ଯାଇଛି । ଏହାପରେ ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ-ସତ୍ୟ । ଏହାହିଁ ଭଗବାନଙ୍କ ସଂକଳ୍ପ । ଏହି ସତ୍ୟ ପୃଥିବୀରେ ପ୍ରତିଷ୍ଠା କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅଧ୍ୟାତ୍ମ-ସାଧନା ଦ୍ୱାରା ଅତିମାନସ ସତ୍ୟକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କଲେ ତା'ର ସମସ୍ତ ସତ୍ତା ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବ, ସେ ପୂର୍ଣ୍ଣରୂପେ ନିବାସ କରିବ ଭଗବାନଙ୍କ ଚେତନାରେ, ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା, ପୃଥିବୀ ହେବ ସ୍ୱର୍ଗ; ଧାମମାନଙ୍କରେ ପ୍ରକାଶ ହେବ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଏବଂ ସଚ୍ଚିଦାନନ୍ଦ ଲୋକ, ଏହା ହେବ ପ୍ରଥମେ ଭାରତବର୍ଷରେ । ଏହି ଭାରତବର୍ଷ ପଥପ୍ରଦର୍ଶକ ହେବ ସମସ୍ତ ସଂସାରର । ଭଗବାନ୍ ଏହି ସୌଭାଗ୍ୟ ଦେଇଛନ୍ତି ଭାରତବର୍ଷକୁ ।

ପୃଥିବୀରେ ଯେବେ ଯେବେ ଭଗବାନଙ୍କର କାର୍ଯ୍ୟ ସିଦ୍ଧ ହୁଏ, ଭଗବାନ୍ ମନୁଷ୍ୟ ଶରୀରରେ ଏହି ପୃଥିବୀକୁ ଆସନ୍ତି । ସେସମୟରେ ମନୁଷ୍ୟକୁ ସେବାର ଗୋଟିଏ ସୁଯୋଗ ମିଳେ । ଯେଉଁମାନେ ସଚେତ ହୁଅନ୍ତି, ସେମାନେ ସେଥିରେ ଅଂଶଗ୍ରହଣ କରନ୍ତି । ତାହାଦ୍ୱାରା ହୁଏ ସେମାନଙ୍କ ଆତ୍ମକଲ୍ୟାଣ ଏବଂ ଜଗତରୂପ ଜନାର୍ଦନଙ୍କ ସେବା ।

ଯେଉଁମାନେ ଏହି ସତ୍ୟକୁ ହୃଦୟଙ୍ଗମ କରିବେ,– ତ୍ରେତାରେ ଶ୍ରୀରାମଙ୍କ ସେତୁବନ୍ଧରେ ଗୁଣ୍ଡୁଚିମୂଷା ପାଣିରେ ବୁଡ଼ି, ବାଲିରେ ଗଡ଼ି, ଧୂଳି ଝାଡ଼ି ଭଗବାନଙ୍କ ସେବା କରିବା ସଦୃଶ ସେମାନେ ଗ୍ରାମ, ସହରମାନଙ୍କରେ ପାଠଚକ୍ର, ଭିନ୍ନ ଭିନ୍ନ କାର୍ଯ୍ୟକ୍ଷେତ୍ରରେ ଯୁବ ସମାଜ, ସ୍କୁଲ କଲେଜମାନଙ୍କରେ ଶ୍ରୀଅରବିନ୍ଦ ଛାତ୍ର ସମାଜ ଗଠନ କରନ୍ତୁ । ବିଶେଷ ସମୟରେ ସମ୍ମିଳନୀ କରନ୍ତୁ । ଏହିସବୁ କର୍ମ ଦ୍ୱାରା କ୍ରମଶଃ ପୃଥିବୀରେ ସତ୍ୟ ପ୍ରତିଷ୍ଠା ହେବ ଏବଂ ଅସତ୍ୟ, ଅନ୍ୟାୟ ସଂସାରରୁ ତଥା ନିଜ ମଧ୍ୟରୁ ଦୂର ହେବ । ଆମ୍ଭମାନଙ୍କର ଚିର ଅଭିଳଷିତ ଯେଉଁ ପରମାନନ୍ଦ ପରମଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ, ସେହି ଦିଗରେ ଆମ୍ଭେମାନେ ଅଗ୍ରସର ହୋଇପାରିବା ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୫୦୬ - ୫୧୧)

❑❑❑

## ଶିକ୍ଷକ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଢେଙ୍କାନାଳ, ଗାନ୍ଧି ମନ୍ଦିର ରୋଡ଼, ସା/ପୋ. ଢେଙ୍କାନାଳ, ଜି. ଢେଙ୍କାନାଳ, ପିନ୍ – ୭୫୯ ୦୦୧, ମୋବାଇଲ ନମ୍ବର : ୭୯୭୮୨୯୫୭୨୪, ୭୯୭୮୮୪୩୧୬୫ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ Bsc. B.Ed (PCM) ଓ BA. B.Ed ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷକ ଆବଶ୍ୟକ । ମାତୃପ୍ରେମୀ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ଇଚ୍ଛୁକ ପ୍ରାର୍ଥୀ ଉପରୋକ୍ତ ଠିକଣା ତଥା ମୋବାଇଲ ନମ୍ବର ଯୋଗେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ସତ୍‌କର୍ମରେ ରହୁ ମତି


## ସୁନାମଣି ରାଉତ


"Never worry. Do with sincerity all you do and leave the results to the Divine's care."

(MCW, Vol. 14, p. 222) – The Mother

''କେବେହେଲେ ଚିନ୍ତିତ ହୁଅ ନାହିଁ । ଯାହାକିଛି କରୁଛ ଆନ୍ତରିକତା ସହିତ କର ଏବଂ ତାହାର ଫଳାଫଳକୁ ଦିବ୍ୟ ପରମଙ୍କ ଦାୟିତ୍ୱରେ ଛାଡ଼ିଦିଅ ।''

– ଶ୍ରୀମା

[ଶ୍ରୀମା'ଙ୍କ ଉପରୋକ୍ତ ଉକ୍ତିକୁ ଆଧାର କରି '**ସତ୍‌କର୍ମରେ ରହୁ ମତି**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଜୀବନ ତ ନୁହେଁ ତୂଳିତଳ୍ପ ଶଯ୍ୟା
ବର୍ଣ୍ଣିଳ ମଧୁମାସ,
ଜୀବନ ନୁହଁଇ ସ୍ୱପ୍ନ ମଦିରା
ରଜନୀଗନ୍ଧାର ବାସ ॥୧॥

କେତେ ଝଡ଼ଝଞ୍ଜା, ବାଆ ବଇଶାଖ
ଉଆଁସ ରାତିର ଡର,
ଜୀବନ ଅଟଇ ମରୁ ମରୀଚିକା
ଯନ୍ତ୍ରଣାର ଜଉଘର ॥୨॥

ଜୀବନରେ ଆସେ କେତେ ଅଘଟଣ
ଦୁଃଖ ଶୋକ ରୋଗ ଭୀତି,
ଜୀବନ ଯୁଦ୍ଧରେ ପରାଜୟ ଆଣେ
ସନ୍ତାପର ଶୋକ ଗୀତି ॥୩॥

ଦୁଃଖ ପରେ ସୁଖ, ରାତ୍ରି ଅନ୍ତେ ଦିବା –
ହେଉଛି ହୋଇଲେ ବେଳ,
ସେପାଇଁ ମଣିଷ ! ଚିନ୍ତା କର ନାହିଁ
ସବୁ ବିଧାତାଙ୍କ ଖେଳ ॥୪॥

କର୍ମ-ଫଳାଫଳ ମଣିଷ ହାତରେ
ରଖି ନାହାନ୍ତି ତ ପ୍ରଭୁ,
ସତ୍‌କର୍ମ ପାଇଁ ଶୁଭ ଫଳ ଥୁଆ
ଅସତ୍ୟେ ଅଶୁଭ ସବୁ ॥୫॥



ଚିନ୍ତା କର ନାହିଁ ହେ ମଣିଷ ଭାଇ !
ସତ୍‌କର୍ମରେ ରହୁ ମତି,
ଆନ୍ତରିକ କର୍ମ ଘୁଞ୍ଚାଇବ ତବ
ଘୋର ଦୁର୍ଦ୍ଦିନର ରାତି ॥୬॥

କର୍ମରେ ତୋହର ଅଧିକାର ଅଛି
ଫଳ ତ ପରମ ହସ୍ତେ,
ଦିବ୍ୟ ପରମଙ୍କୁ ଅର୍ପିଦେ ଦାୟିତ୍ୱ
ତୁଲାଇବେ ସିଏ ସୁସ୍ଥେ ॥୭।

ଏଇ ସଂସାରରେ ପୂରି ରହିଛନ୍ତି
ଏକ ବ୍ରହ୍ମ ଦୁଜେ ନାସ୍ତି,
ତାଙ୍କରି ହସ୍ତରେ ନ୍ୟସ୍ତ ରହିଅଛି
ଶୁଭାଶିଷ ଆଉ ଶାନ୍ତି ॥୮॥

ଚିନ୍ତିତ ନହୋଇ, ଚିନ୍ତାମଣିଙ୍କୁ
ଅର୍ପିଦିଅ ସବୁ କର୍ମ,
ଦୁଷ୍ଟ ନିବାରି ସନ୍ଥ ପାଳିବା
ଯୁଗେ ଯୁଗେ ତାଙ୍କ ଧର୍ମ ॥୯॥

ଯେତେ ଯାତନାର ଯବନିକା ସିଏ
କର୍ମର ଫଳଦାତା,
ସବୁ ଶୋଚନାର ଆଶ୍ୱାସନା ସେ ଯେ
ସିଏ ମୁକ୍ତି, ତ୍ରାଣକର୍ତ୍ତା ॥୧୦॥ ❑

# ମା' ଆପଣ ଏମିତି କହିଛନ୍ତି ...

## (୪)


## ହୁତା ହିନ୍ଦୋଚା


[ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଉଛି। – ସମ୍ପାଦନା]

ଲୋକମାନେ ଅନେକ କଥା ଜାଣନ୍ତି ନାହିଁ। ମାତ୍ର ସେମାନେ ନିଶ୍ଚିତଭାବେ କିଛି କଥା ବୁଝିବା, ଜାଣିବା ଏବଂ ତାହା କାର୍ଯ୍ୟରେ ପ୍ରୟୋଗ କରିବା ବାଞ୍ଛନୀୟ। ଯେଉଁ ପ୍ରକାରର ବିରୋଧୀ ଶକ୍ତି ବା ଦୁଷ୍ଟ ଶକ୍ତିର ଆକ୍ରମଣ ଆସୁ, ସଙ୍ଗେ ସଙ୍ଗେ ସେମାନେ ଭଗବାନଙ୍କ ବାହୁଛାୟାରେ ଆଶ୍ରୟ ନେବା ଉଚିତ। ଅବଶ୍ୟ ଲୋକମାନେ ଏହିପରି ଭାବରେ କଳ୍ପନା କରିବା ଉଚିତ – ''ବର୍ତ୍ତମାନ ଆମେ ମା'ଙ୍କର ବାହୁଛାୟାରେ ଆଶ୍ରୟ ନେଇଛୁ, ତେଣୁ ଆମର ପ୍ରକୃତ ସତ୍ତାକୁ କିଛି ବି ସ୍ପର୍ଶ କରିପାରିବ ନାହିଁ।''

ଲୋକମାନେ ପ୍ରକୃତରେ ଜାଣନ୍ତି ନାହିଁ ଯେ ମୋର ଶରୀରକୁ ସେମାନେ ଯେପରି ଦେଖୁଛନ୍ତି ତାହା ସେପରି ନୁହେଁ, ଅନେକ ବିଭାବ ସହିତ ଏହା ଖୁବ୍ ବିଶାଳ ଓ ପ୍ରଶସ୍ତ। ପ୍ରତ୍ୟେକଙ୍କୁ ମୁଁ ସର୍ବଦା ମୋ ବାହୁଛାୟା ଭିତରକୁ ନେଉଛି। ପାର୍ଥିବ ଚକ୍ଷୁରେ ଏହା ଦେଖାଯାଇ ପାରିବ ନାହିଁ, ମାତ୍ର ଲୋକମାନେ ସେମାନଙ୍କ ହୃଦୟ ମଧ୍ୟରେ ନିଶ୍ଚିତ ଭାବେ ଅନୁଭବ କରି ପାରିବେ। ତଥାପି, ଯେତେବେଳେ ସୂକ୍ଷ୍ମଦୃଷ୍ଟି ଖୋଲିଯିବ, ଏହା ଦେଖାଯାଇ ପାରିବ।

ଲୋକମାନଙ୍କର ସତ୍ତାଗୁଡ଼ିକ ମଧ୍ୟରେ ସର୍ବଦା ଏକ ଟଣା ଓଟରା ଚାଲିଛି – ସେମାନଙ୍କ ଭିତରୁ କେତେକ ସାମାନ୍ୟ ଖୁସୀ ଏବଂ କ୍ଷଣସ୍ଥାୟୀ ପାର୍ଥିବ ପଦାର୍ଥର କାମନା କରୁଥିବା ବେଳେ ଆଉ କେତେକ କେବଳ ଭଗବାନଙ୍କୁ ଚାହାଁନ୍ତି।

ଯଦି ଲୋକମାନେ ନିମ୍ନମାନର କଥାଗୁଡ଼ିକ ଶୁଣନ୍ତି ଏବଂ ଅନୁରୂପ ବ୍ୟବହାର ଦେଖାନ୍ତି, ତେବେ ସ୍ୱାଭାବିକ ଭାବରେ ସେମାନେ ଛୋଟ ଛୋଟ କଥାରେ ଆବଦ୍ଧ ହୋଇ ପଡ଼ନ୍ତି। ଫଳରେ ଏହି ସବୁ ତୁଚ୍ଛ ବିଷୟ ଯୋଗୁଁ ସେମାନେ ଅନ୍ଧକାରର ଗର୍ତ୍ତ ମଧ୍ୟରେ ପତିତ ହୁଅନ୍ତି। ନିରବଚ୍ଛିନ୍ନ ପ୍ରଚେଷ୍ଟା ଏବଂ ପ୍ରାର୍ଥନା ଦ୍ୱାରା ସେମାନେ ସେମାନଙ୍କର ଯଥାର୍ଥ ସତ୍ତାକୁ ସେହି ଅନ୍ଧକାରର ଗହ୍ୱର ମଧ୍ୟରୁ ନିଶ୍ଚିତ ଭାବେ ଉଦ୍ଧାର କରିବାକୁ ହେବ।

ଆତ୍ମା ଏବଂ ପ୍ରକୃତ ସତ୍ୟ-ଚେତନା ମଝିରେ ଗୋଟିଏ ପରଦା ରହିଛି। ତେଣୁ ଲୋକମାନେ ଦୁଃଖରେ ରହିଥା'ନ୍ତି ଏବଂ ପ୍ରକୃତ ଆନନ୍ଦ, ଶାନ୍ତି ଓ ସୁଖରୁ ବଞ୍ଚିତ ହୁଅନ୍ତି।

ଯଦି ଲୋକମାନେ ନିମ୍ନମାନର ବିଷୟକୁ ସମର୍ଥନ କରନ୍ତି ତେବେ ସେମାନେ ନିଶ୍ଚିତ ରୂପେ ଅଜ୍ଞତା ଓ ଅନ୍ଧକାର ଭିତରେ ରହି ଯାଆନ୍ତି। ନିମ୍ନ ସତ୍ତାଗୁଡ଼ିକ ନିଜେ ପରିବର୍ତ୍ତନ ହେବାକୁ ଚାହାଁନ୍ତି ନାହିଁ। ଲୋକମାନେ ଦିବ୍ୟ ଆନନ୍ଦ ଲାଭ କରନ୍ତୁ ତାହା ସେମାନେ (ନିମ୍ନ ସତ୍ତାଗୁଡ଼ିକ) ଚାହାଁନ୍ତି ନାହିଁ, ଏବଂ ସର୍ବଦା ଲୋକଙ୍କୁ ଉତ୍ପୀଡ଼ିତ କରିଥା'ନ୍ତି। ତେଣୁ ସେମାନେ ସେହିସବୁ ପରମ ଆନନ୍ଦ କିଂବା ଅନ୍ୟ କିଛି ବି ଗ୍ରହଣ କରି ପାରନ୍ତି ନାହିଁ। କିନ୍ତୁ, ଅବଶ୍ୟ ନିରବଚ୍ଛିନ୍ନ ପ୍ରାର୍ଥନା ଓ ନିଷ୍ଠାପର ଅଭୀପ୍ସା ଦ୍ୱାରା ସେମାନେ ମିଥ୍ୟାଚାର ଉପରେ ବିଜୟ ହାସଲ କରିପାରନ୍ତି।

ଏଠାରେ ଜଣେ ଉତ୍ତମ ଫରାସୀ ଭଦ୍ରମହିଳା ଥିଲେ। ତାଙ୍କର ଆତ୍ମା ତାଙ୍କୁ ଏଠାକୁ ଆଣିଥିଲା, ମାତ୍ର କିଛି ସମୟର ବ୍ୟବଧାନ ପରେ ସେ ଏହି ସ୍ଥାନ ଏବଂ ଏଠାକାର ଜୀବନ-ଯାତ୍ରାରେ କ୍ଳାନ୍ତିବୋଧ କଲେ ଏବଂ ଫେରିଯିବାକୁ ଚାହିଁଲେ।

ତେଣୁ ସେ ଫେରିଗଲେ । ମାତ୍ର, ତା'ପରେ ସେ ଭୟଙ୍କର ଭାବେ ଅସ୍ୱସ୍ତି ଅନୁଭବ କଲେ ଏବଂ ଏହି ସ୍ଥାନକୁ ସ୍ମରଣ କଲେ । ସେ ଏବେ ବି ମୋତେ ଚିଠି ଲେଖନ୍ତି ଏବଂ ପୁନର୍ବାର ଏଠାକୁ ଫେରି ଆସିବାକୁ ଚାହାଁନ୍ତି; ମାତ୍ର ମୁଁ ତାଙ୍କୁ ମନା କରିଛି, କାରଣ ଯଦି ସେ ଫେରି ଆସନ୍ତି, ସେହି ଏକା କଥାହିଁ ଆଉଥରେ ଆରମ୍ଭ ହେବ । ବାସ୍ତବରେ, ନିମ୍ନ ପ୍ରକୃତିକୁ ନିର୍ମୂଳ କରିବା ପାଇଁ ସମୟ ଦରକାର ।

୧.୭.୫୬

କୌଣସି ବିଷୟରେ ତୁମେ ଭୟଭୀତ ହେବା ଉଚିତ ନୁହେଁ । ଏହା ହେଉଛି ରୂପାନ୍ତରର ପ୍ରଥମ ଶିକ୍ଷା । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭୟକୁ ଜୟ କରିବାକୁ ହେବ ।

ଯେତେବେଳେ ତୁମେ ଭୟଭୀତ ହୁଅ, ତତ୍‌କ୍ଷଣାତ୍ ଭଗବାନଙ୍କ ଆଶ୍ରୟ ଗ୍ରହଣ କର ଏବଂ ବିଚାର କର ଯେ ପ୍ରତ୍ୟେକ ବସ୍ତୁରେ ଭଗବାନ୍ ଅଛନ୍ତି । ସବୁକିଛି ଖୁବ୍ ସହଜରେ ସୁନ୍ଦର ଏବଂ ଆଶ୍ଚର୍ଯ୍ୟଜନକ ବୋଧ ହେବ, କାରଣ ବାସ୍ତବରେ ପ୍ରତ୍ୟେକ ବସ୍ତୁହିଁ ଦିବ୍ୟ; ଭୟ କରିବାର କିଛି ନାହିଁ ।

ଥରେ ଶ୍ରୀରାମକୃଷ୍ଣ ଗୋଟିଏ ବିରାଟ ବୃକ୍ଷତଳେ ଧ୍ୟାନ କରୁଥିଲେ । ସେଠାକୁ ଏକ ବଡ଼ ନାଗ ସାପ ଆସିଲା ଏବଂ ତାଙ୍କର ମଣିବନ୍ଧକୁ ଦଂଶନ କଲା । ଶ୍ରୀରାମକୃଷ୍ଣ ଜାଗ୍ରତ୍ ହୋଇଗଲେ ଏବଂ ସେ ତାଙ୍କର ମଣିବନ୍ଧକୁ ଘର୍ଷଣ କଲେ ଏବଂ ନାଗକୁ ପଚାରିଲେ, ''ହେ ମା' କାଳୀ, ତୁମେ ମୋତେ କାହିଁକି ଦଂଶନ କଲ ?'' – ତତ୍‌କ୍ଷଣାତ୍ ଶ୍ରୀରାମକୃଷ୍ଣ ସୁସ୍ଥ ହୋଇଗଲେ ।

ତୁମେ କୌଣସି କଥାରେ ଭୟ କରିବା ଉଚିତ ନୁହେଁ ।

୧୬.୭.୫୬

ଏପରିକି ମହତ୍ତମ ଦେବତା ମଧ୍ୟ ମୋର ସନ୍ତାନ ଅଟନ୍ତି – କୃଷ୍ଣ ମଧ୍ୟ ମୋର ସନ୍ତାନ – ମୋ ସମ୍ମୁଖରେ ସେମାନେ ସମସ୍ତେ ମୋର ସନ୍ତାନ ସଦୃଶ । ଅବଶ୍ୟ ମୋର ଦୁଇଟି କର୍ଣ୍ଣ, ଗୋଟିଏ ନାସା ଏବଂ ଏକ ମଣିଷର ଆକୃତି ଅଛି, କିନ୍ତୁ ମୋର ଦିବ୍ୟ ଚେତନା ଓ ଶକ୍ତି ପ୍ରତ୍ୟେକ ସ୍ଥାନରେ ବିଦ୍ୟମାନ । ମୋର ଚେତନା ବିଶ୍ୱଠାରୁ ବ୍ୟାପକତର । ସବୁ ପ୍ରକାର ସ୍ଥାନରେ ଥିବା ବ୍ୟକ୍ତିମାନଙ୍କ ପାଖକୁ ମୁଁ ବିଭିନ୍ନ ଉପାୟରେ ସୂକ୍ଷ୍ମ ଶରୀରରେ ଯାଏ, ମୁଁ ଲୋକଙ୍କୁ ଆଦର କରେ ଓ ଆଲିଙ୍ଗନ କରେ ଏବଂ ସେମାନେ ମୋର ଦିବ୍ୟ ଉପସ୍ଥିତି, ମୋର ସାନ୍ନିଧ୍ୟରେ ଯାହା ଅନୁଭବ କରନ୍ତି ତାହା ପୂର୍ଣ୍ଣତଃ ଠିକ୍ । ସେମାନେ ସେମାନଙ୍କର ହୃଦୟରେ ଏକାଗ୍ର ହେବା ଆବଶ୍ୟକ ଏବଂ ସେଠାରେ ସେମାନେ ମୋତେ ନିଶ୍ଚୟ ପାଇବେ, ଯେହେତୁ ମୁଁ ସର୍ବଦା ସେଠାରେ ରହିଛି ।

୧୭.୭.୫୬

ଲୋକେ ଭାବନ୍ତି ଯେ ସେମାନେ ଖୁବ୍ ଦୁଃଖରେ ଅଛନ୍ତି, କିନ୍ତୁ ସେମାନେ ଜାଣିବା ଉଚିତ ଯେ ଲକ୍ଷ ଲକ୍ଷ ଲୋକ ସେମାନଙ୍କ ଠାରୁ ଅଧିକ ଦୁଃଖ ଦୁର୍ଦ୍ଦଶାରେ ଅଛନ୍ତି । ସେମାନଙ୍କର ଖାଦ୍ୟ ନାହିଁ, ବସ୍ତ୍ର ନାହିଁ, ସେମାନଙ୍କର କିଛି ବି ନାହିଁ, ତଥାପି ସେମାନେ ସେମାନଙ୍କର ଜୀବନ ନିର୍ବାହ କରୁଛନ୍ତି ।

ବାସ୍ତବରେ ଦୁଃଖ ବେଳେବେଳେ ଆସେ, କାରଣ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଦୁଇଟି ପରସ୍ପର ବିରୋଧୀ ବସ୍ତୁ ରହିଛି – ବ୍ୟକ୍ତିର ଗୋଟିଏ ଅଂଶ ଏହା ଚାହେଁ ଏବଂ ଅନ୍ୟ ଅଂଶଟି ଅନ୍ୟକିଛି ଏବଂ ସେମାନେ ପରସ୍ପର ମଧ୍ୟରେ କଳହ କରନ୍ତି, ଯେପରି ବେଳେବେଳେ ସ୍ୱାମୀ-ସ୍ତ୍ରୀ କରିଥା'ନ୍ତି । ଯଦି ଜଣେ ବ୍ୟକ୍ତି ଏହି ପ୍ରକାରର ପରସ୍ପର ବିରୋଧାତ୍ମକ ବିଷୟ ଉପରେ ବିଜୟ ହାସଲ କରିବାକୁ ଚାହେଁ, ତେବେ ସେଠାରେ ପରିତ୍ୟାଗର ବାଞ୍ଛନୀୟତା ଅଛି । ତା'ପରେ ଅଧିକ ସଂଘର୍ଷ ଲାଗିବ ନାହିଁ ।

୨୦.୭.୫୬

୨୫.୭.୫୬

ଶୁଭ ସକାଳ

ମୋର ପ୍ରିୟ ସନ୍ତାନ

ମୋ ଆଦରର ହୃତାକୁ

ମୁଁ ତୁମ ନିକଟକୁ ଦୁଇଟି ଡାଏରି ପଠାଉଛି ତୁମେ ତାହାକୁ ନୋଟ୍‌ବୁକ୍ ଭାବରେ ବ୍ୟବହାର କରିପାରିବ ।

ସର୍ବଦା ମୋର ପ୍ରେମ ଓ ଆଶୀର୍ବାଦ ସହ ।

ଶ୍ରୀମା

ଭବିଷ୍ୟତ୍ ସମ୍ପର୍କରେ ତୁମେ ପୂର୍ବରୁ କିଛି ଭାବିବା ଉଚିତ ନୁହେଁ । ସବୁ ଘଟଣା ସମ୍ପର୍କରେ ସେହି ପରମ ପ୍ରାଜ୍ଞହିଁ ଭାବନ୍ତି, ଯେତେବେଳେ ସେସବୁ ଘଟେ, ଅନ୍ୟଥା ନୁହେଁ ।

ଯଦି ଲୋକମାନେ ବହୁତ ଚିନ୍ତା କରନ୍ତି ଏବଂ ସେମାନଙ୍କ ସମ୍ମୁଖରେ ସମସ୍ୟାଗୁଡ଼ିକୁ ପର୍ବତାକାରରେ ସ୍ତୂପୀକୃତ କରନ୍ତି, ତେବେ ସେମାନେ ଭୟଙ୍କର ଭାବରେ ଯନ୍ତ୍ରଣା ଭୋଗ କରନ୍ତି ଏବଂ କହନ୍ତି, ''ହାୟ ! ବର୍ତ୍ତମାନ କ'ଣ ଘଟିବ ?''

ଲୋକମାନେ ସେମାନଙ୍କର ଅତୀତ ଓ ଭବିଷ୍ୟତ୍

ସମ୍ପର୍କରେ ଭାବିବା ଉଚିତ ନୁହେଁ । ସେମାନେ କେବଳ ବର୍ତ୍ତମାନ ସମୟ ସମ୍ପର୍କରେ ଭାବିବା ଉଚିତ ଏବଂ ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ । ତେବେଯାଇ ନିଶ୍ଚିତ ଭାବରେ ସେମାନେ ସତ୍ୟକୁ ଉପଲବ୍ଧି କରିପାରିବେ । ଭଗବାନଙ୍କ ବ୍ୟତୀତ ଭବିଷ୍ୟତକୁ କେହି ଜାଣନ୍ତି ନାହିଁ ।

୧୨.୮.୫୬

ମହାନୁଭବ ହେବାକୁ ହେଲେ ପ୍ରତ୍ୟେକଙ୍କ ପ୍ରତି ବଦାନ୍ୟ ହୁଅ – କେବଳ ବସ୍ତୁଗତ ଭାବରେ ନୁହେଁ, ବରଂ ହୃଦୟ ଏବଂ ମନରେ ମଧ୍ୟ । ଅର୍ଥାତ୍ ସର୍ବଦା ସମସ୍ତଙ୍କ ପ୍ରତି ଉତ୍ତମ ଭାବନା ରଖ । ଏପରିକି କୌଣସି ବ୍ୟକ୍ତି କିଂବା ବସ୍ତୁ ସମ୍ପର୍କରେ ମନ୍ଦ ଚିନ୍ତା ବା ଭାବନା ରଖ ନାହିଁ ।

ଜଣେ ଉଦାର ହୃଦୟର ବ୍ୟକ୍ତି ହେବା ନିମନ୍ତେ ସର୍ବଦା ଅନ୍ୟର ଆନନ୍ଦ, ସୁଖରେ ଆନନ୍ଦିତ ଓ ସୁଖୀ ହୁଅ ଏବଂ ସମସ୍ତଙ୍କ ସହ ସଙ୍ଗତି ରକ୍ଷା କର ଏବଂ ସମସ୍ତଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କର । ଏହି ମନୋଭାବ ଚେତନାକୁ ଅଧିକ ପ୍ରସାରିତ କରେ ଏବଂ ହୃଦୟ ଓ ମନକୁ ଭଗବାନଙ୍କ ପ୍ରଭାବ ଆଡ଼କୁ ଖୋଲି ଧରିବାରେ ସାହାଯ୍ୟ କରେ । ଏହିପରି ଭାବେ ତୁମେ ସବୁ ବସ୍ତୁରେ ଆନନ୍ଦ ଓ ସୁଖ ପାଇପାରିବ ।

ଏହି ଉପାୟରେ ଉଦାରତା ଓ ମହାନୁଭବତା ଅନେକ ଅସୁବିଧାର ସମାପ୍ତି ଘଟାଇପାରେ ।

୨୧.୮.୫୬

*ସ୍ନାପ୍ ଡ୍ରାଗନ୍ (Snap-dragon) ପୁଷ୍ପର ଚିତ୍ରଥିବା ଏକ କାର୍ଡ଼ରେ କିଛି ହୃଦୟସ୍ପର୍ଶୀ ଶବ୍ଦ ଲେଖି ମା' ମୋତେ ପୁନଃ ଆଶ୍ୱସ୍ତି ପ୍ରଦାନ କଲେ ।*

୨୪.୮.୫୬

ଶୁଭସକାଳ

ମୋର ପ୍ରିୟ ଶିଶୁ ସନ୍ତାନ,

ମୋ ଆଦରର ହୁତାକୁ

ତୁମ ଲେଖାରେ ସାହାଯ୍ୟ ପାଇଁ ଏଠାରେ ଅଛି ଅଭିବ୍ୟକ୍ତିର ଶକ୍ତି । ହଁ, ଯାହା ପ୍ରସ୍ତୁତ ଅଛି, ପ୍ଲେ-ଗ୍ରାଉଣ୍ଡକୁ ନେଇ ଆସ – ସେସବୁକୁ ଅଳ୍ପ ଅଳ୍ପ କରି ଦେଖିବା ଉତ୍ତମ ହେବ ।

ମୋର ପ୍ରେମ, ଆଶୀର୍ବାଦ ଓ ନିରନ୍ତର କରୁଣା ସହ

ଶ୍ରୀମା

୨୫.୮.୫୬

ସୁପ୍ରଭାତ

ମୋର ପ୍ରିୟ ଶିଶୁ ସନ୍ତାନ,

ମୋ ଆଦରର ହୁତାକୁ

ବାସ୍ତବରେ ମୁଁ କହିଥିବା କଥାଗୁଡ଼ିକୁ ତୁମେ ଯେପରି ଭାବରେ ମନେ ରଖିଛ, ଗତକାଲି ତାହା ଜାଣି ମୁଁ ସନ୍ତୁଷ୍ଟ ହେଲି ଏବଂ ତୁମେ ଯାହା ଲେଖୁଛ ତାହାକୁ ସଂଶୋଧନ କରି ମୁଁ ଆନନ୍ଦିତ ହେବି – ସୁତରାଂ ସେଗୁଡ଼ିକୁ ସାଧାରଣ ଭାବେ ସଜ୍ଜିତ କରିବା ପାଇଁ ତୁମେ ଯେଉଁ ପ୍ରସ୍ତାବ ରଖିଛ, ତାହା ଭଲ ହେବ ।

ଏହା ଭଲ ଯେ ତୁମର ଉତ୍ତମ ଏବଂ ଯଥାର୍ଥ ସ୍ମରଣ ଶକ୍ତି ରହିଛି, – ଏହାକୁ ପୂର୍ଣ୍ଣଭାବେ ବ୍ୟବହାରଯୋଗ୍ୟ କରାଯାଇ ପାରିବ ।

ମୋର ପ୍ରେମ, ଆଶୀର୍ବାଦ ଓ କରୁଣା ତୁମ ସହିତ ସର୍ବଦା ରହିଛି ।

ଶ୍ରୀମା

୫.୯.୫୬

ଶୁଭସକାଳ

ମୋର ପ୍ରିୟ ସନ୍ତାନ,

ମୋ ଆଦରର ହୁତାକୁ

ତୁମର ନୋଟ୍‌ବୁକ୍ ସଂଶୋଧନ କରି ପଠାଉଛି । ଏଥର ଏହା ଭଲ ଥିଲା କାରଣ ମୁଁ ଯାହାସବୁ କହିଥିଲି ସେସବୁ ଠିକ୍ ଏବଂ ସୁନ୍ଦର ଭାବରେ ବ୍ୟକ୍ତ ହୋଇଥିଲା ।

ତୁମ ସହିତ ମୋର କରୁଣା, ପ୍ରେମ ଓ ଆଶୀର୍ବାଦ ନିରନ୍ତର ରହିଛି ।

ଶ୍ରୀମା

୬.୯.୫୬

ଶୁଭସକାଳ

ମୋର ପ୍ରିୟ ସନ୍ତାନ,

ମୋ ଆଦରର ହୁତାକୁ

ମୁଁ ତୁମର ବହିଟି ସଂଶୋଧନ କରି ପଠାଉଛି । ଏହା ଭଲ ହୋଇଛି ।

ମୋର କରୁଣା, ପ୍ରେମ ଓ ଆଶୀର୍ବାଦ ସହ ।

ଶ୍ରୀମା

୮.୯.୫୬

ଶୁଭସକାଳ

ମୋର ପ୍ରିୟ ସନ୍ତାନ

ମୋ ଆଦରର ହୁତାକୁ

ମୁଁ ତୁମ ବହିର ସଂଶୋଧନ ଶେଷ କରି ପାରି ନାହିଁ । ମୁଁ ଏହାକୁ ଆଜି ଅପରାହ୍ଣ କିଂବା ଆସନ୍ତାକାଲି ସକାଳେ ଦେବି ।

ମୋ କରୁଣାର ନିରନ୍ତର ଉପସ୍ଥିତି, ପ୍ରେମ ଓ ଆଶୀର୍ବାଦ ତୁମ ସହ ରହିଛି ।

ଶ୍ରୀମା

୧୦.୯.୫୬

ସୁପ୍ରଭାତ

ମୋର ପ୍ରିୟ ଶିଶୁ ସନ୍ତାନ

ମୋ ସ୍ନେହର ହୁତାକୁ

ମୁଁ ତୁମର ବହିଟିକୁ ପଠାଉଛି – ଦିନକୁ ଦିନ ଏହା ଭଲ ହେଉଛି ।

ମୋର ପ୍ରେମ ଓ ଆଶୀର୍ବାଦ ସହିତ ମୋ କରୁଣାର ନିରବଚ୍ଛିନ୍ନ ଉପସ୍ଥିତି ତୁମ ସହ ରହିଛି ।

ଶ୍ରୀମା

ଧରାଯାଉ ଗୋଟିଏ ଗ୍ଲାସରେ ପାଣି ପୂର୍ଣ୍ଣ ହୋଇ ରହିଛି, ତୁମେ ଯଦି ଗ୍ଲାସଟିକୁ ହଲାଇ ଦିଅ, ନିଶ୍ଚିତ ଭାବେ ପାଣି ପଡ଼ିଯିବ ଏବଂ କିଛି ସମୟ ପରେ ଗ୍ଲାସ ଭିତରେ ପାଣି ଆଦୌ ରହିବ ନାହିଁ । ମାତ୍ର ଗ୍ଲାସଟି ଯଦି ସ୍ଥିର ରହେ, ସେଥିରୁ ପାଣି କେବେ ବି ଚହଲି ତଳେ ପଡ଼ିବ ନାହିଁ । ସମାନ ଭାବରେ ତୁମେ ଯେତେବେଳେ ସ୍ଥିର ଓ ନିଶ୍ଚଳ ହୋଇ ରହି ନଥାଅ, ତୁମେ ତୁମର ଶକ୍ତି ଏବଂ ସବୁକିଛିକୁ ହରାଇଥାଅ । ତୁମେ ତୁମର ମନ ଓ ମସ୍ତିଷ୍କକୁ ମାଙ୍କଡ଼ ଭଳି ନାଚିବାକୁ ଛାଡ଼ି ଦେବା ଉଚିତ ନୁହେଁ – ତୁମେ ଅତ୍ୟଧିକ ଚିନ୍ତା କର ନାହିଁ ଏବଂ ମସ୍ତିଷ୍କ ଉପରେ ଚାପ ଦିଅ ନାହିଁ । ଅନ୍ୟଥା ତୁମେ ସମସ୍ୟାରେ ପଡ଼ିପାର କିଂବା ବିଭିନ୍ନ ଅସୁସ୍ଥତାରେ ଆକ୍ରାନ୍ତ ହୋଇପାର ।

୧୨.୯.୫୬

ମୁଁ ଚିନ୍ତା କରୁ ନାହିଁ ଏବଂ ମୋର ସ୍ମୃତିଶକ୍ତିକୁ ବ୍ୟବହାର କରୁ ନାହିଁ, ଊର୍ଦ୍ଧ୍ୱରୁ ମୋ ହୃଦୟକୁ ଯାହା ଆସୁଛି, ଠିକ୍ ସେହି ଅନୁସାରେ ମୁଁ କାର୍ଯ୍ୟ କରୁଛି; ସ୍ୱୟଂକ୍ରିୟ ଭାବରେ, ଆଶ୍ଚର୍ଯ୍ୟଜନକଭାବେ କାର୍ଯ୍ୟସବୁ ହୋଇ ଯାଇଥାଏ । କିଛି ସ୍ମରଣ କରିବାକୁ ନଥାଏ ଏବଂ କୌଣସି ବିଷୟରେ ବିବ୍ରତ ହେବାର ନଥାଏ ।

ଯଦି ମସ୍ତିଷ୍କ ସମ୍ପୂର୍ଣ୍ଣ ଶୂନ୍ୟ, ସ୍ଥିର ଏବଂ ଶାନ୍ତ ରହିଛି ଏବଂ ଯଦି ଲୋକେ ଆପଣାକୁ ଦିବ୍ୟ ଜ୍ୟୋତିଃ ଆଡ଼କୁ ଖୋଲି ଧରନ୍ତି, ସେମାନେ ଦିବ୍ୟ ଜ୍ୟୋତିଃକୁ ଗ୍ରହଣ କରିପାରିବେ । ତା'ପରେ ମସ୍ତିଷ୍କର କିଛି କାର୍ଯ୍ୟ ରହିବ ନାହିଁ, ମୁଣ୍ଡବ୍ୟଥା ହେବ ନାହିଁ, ମନ ହେବ ଭାବନାଶୂନ୍ୟ । ଊର୍ଦ୍ଧ୍ୱରୁ ଯାହା ଆସେ ତାହା ସତ୍ୟ ଅଟେ ଏବଂ ବିନା ଦ୍ୱନ୍ଦ୍ୱରେ ତାହା ଘଟେ; ଏହା ମଧ୍ୟ ପ୍ରତି ମୁହୂର୍ତ୍ତରେ ଘଟିପାରେ । ଫଳରେ ସ୍ୱୟଂକ୍ରିୟ ଭାବେ ଦିବ୍ୟ ଆଲୋକ ମସ୍ତିଷ୍କ ଉପରେ କାର୍ଯ୍ୟ କରେ ଏବଂ ବିଷୟସବୁ ସହଜ ହୋଇଯାଏ ।

୧୨.୯.୫୬

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

ବାକ୍-ନିବୃତ୍ତି ଅପେକ୍ଷା ବାକ୍-ସଂଯମ ଅଧିକ ମହାନ୍ ଓ ଫଳପ୍ରଦ ତପସ୍ୟା । ସମଗ୍ର ପୃଥିବୀ ଅତ୍ୟଧିକ କଥନ ଦ୍ୱାରା ଭାରାକ୍ରାନ୍ତ ଓ ଶ୍ରବଣଶକ୍ତି-ରହିତ ହୋଇ ପଡ଼ିଛି । ଏବଂ ସେଥିପାଇଁ ସମୟ ସମୟରେ ମନେ ହୁଏ, ଏହି ସୁନ୍ଦର ପ୍ରକୃତିର ଏକ ସଂଗତିପୂର୍ଣ୍ଣ ନୀରବତାକୁ ଅନୁଭବ କରିହୁଏ ନାହିଁ । ଏହା ଏକ ଜଣାଶୁଣା ସତ୍ୟ ଯେ ମାନସିକ ଶକ୍ତି ଯେତେ କମ୍ ହେବ, ସେତେ ବେଶୀ କଥା କହିବା ପ୍ରବୃତ୍ତିର ଆବଶ୍ୟକତା ହେବ ।

– ଶ୍ରୀମା

# ବିବର୍ତ୍ତନର ଗତିଧାରା

## ପ୍ରପତ୍ତି

ବିବର୍ତ୍ତନର ଗତିଧାରା ସର୍ବଦା ବଙ୍କାଟଙ୍କା, କୁଟିଳ ଓ ଜଟିଳ । ଏହି ଗତିଧାରାକୁ କଚ୍ଛପର ଗତି ସଙ୍ଗେ ତୁଳନା କରାଯାଇପାରେ । ଲକ୍ଷ ଲକ୍ଷ, କୋଟି କୋଟି ବର୍ଷ ଧରି ଏହି ଗତି ଚାଲିଛି । ସେଥିରେ ତିନୋଟି ସ୍ତର ପ୍ରକାଶ ହୋଇଛି । ଏହି ସ୍ତରଗୁଡ଼ିକ ହେଲା ବିବର୍ତ୍ତନର ତିନୋଟି ଗ୍ରନ୍ଥି (Knots of evolution) । ଏହାର ପ୍ରତ୍ୟେକ ସ୍ତରରେ ଏକ ମୌଳିକ ତଥା ଗୁଣାତ୍ମକ ପରିବର୍ତ୍ତନ ହୋଇଛି । ବିବର୍ତ୍ତନର ମୂଳରେ ରହିଛି ନିଶ୍ଚେତନା (Inconscient) । ଏହି ନିଶ୍ଚେତନାର ସ୍ତରରେ ଚେତନାର ପୂର୍ଣ୍ଣ ବିଲୁପ୍ତି ଘଟିଛି । ଏହା ଘୋର ଅନ୍ଧକାରମୟ ନିଥର ପ୍ରଦେଶ । ଏହାରି ମଧ୍ୟରୁ ଏକ ଚେତନାର ଚାପ ଦ୍ୱାରା କ୍ରମେ ବିବର୍ତ୍ତନର ଧାରା ଅଗ୍ରସର ହୋଇଛି । ଏହି ବିବର୍ତ୍ତନର ଅନ୍ତଃସ୍ଥଳରେ ରହିଛି ଏକ ଅସ୍ପଷ୍ଟ, ବିକ୍ଷୁବ୍ଧ, ବିପର୍ଯ୍ୟୟଗ୍ରସ୍ତ ଚେତନା । ଏହାର ପ୍ରକାଶର ସର୍ବପ୍ରଥମ ସ୍ତର ହେଲା ଜଡ଼ (Matter) । ଏହି ଜଡ଼ ପୃଥିବୀରେ ବିବର୍ତ୍ତନର ପ୍ରାଥମିକ ସ୍ତର ରୂପେ ଆସ୍ଥାନ ଜମେଇ ରହିଛି । ଯଦିଓ ଏହା ନିଶ୍ଚେତନାର ଗର୍ଭରୁ ଉଦ୍ଭୂତ ହୋଇଛି ତଥାପି ଏହା ମଧ୍ୟରେ ରହିଛି ଏକ ଚେତନା । ଏହାର ପୁନର୍ବିକାଶ ଘଟିଛି – ଚେତନାର ଅନ୍ୟ ଏକ ସ୍ତରରେ, ପ୍ରାଣର ଅଭ୍ୟୁଦୟ ଫଳରେ । ପ୍ରାଣହିଁ ବିବର୍ତ୍ତନର ଦ୍ୱିତୀୟ ମୌଳିକ ସ୍ତର । ପ୍ରାଣଭୂମିରୁ ପ୍ରାଣ ଅବତରଣ କରିଛି ଏବଂ ଜଡ଼ ମଧ୍ୟରେ ଯେଉଁ ପ୍ରାଣ ସୁଷୁପ୍ତ ଓ ନିଦ୍ରିତ ଥିଲା ତାହାକୁ ଖୋଲି ଦେଇଛି । କିନ୍ତୁ ଏହି ଜଡ଼କୁ ଆଶ୍ରୟ କରି ପ୍ରାଣର ପ୍ରତିଷ୍ଠା ହୋଇଛି । ବିବର୍ତ୍ତନର ତୃତୀୟ ସ୍ତରରେ ଆଉ ଗୋଟିଏ ଗୁଣାତ୍ମକ ଓ ମୌଳିକ ଚେତନା ଦେଖାଦେଲା । ତାହା ହେଲା ମନୋମୟ ଚେତନା । ଏହି ଚେତନା ମନୋଭୂମିରୁ ଅବତରଣ କରି ପ୍ରାଣ ମଧ୍ୟରେ ଥିବା ଅସ୍ପଷ୍ଟ, ଅବିକଶିତ ଓ ଅର୍ଦ୍ଧଜାଗ୍ରତ୍ ମନକୁ ଖୋଲି ଦେଇଛି । ଏହି ତ୍ରିବିଧ ସ୍ତରଗୁଡ଼ିକୁ ଧାରଣ କରି ମଣିଷଜାତିର ଆବିର୍ଭାବ ହୋଇଛି । ସୁତରାଂ ଆମେମାନେ କହିପାରିବା ଯେ ପ୍ରତ୍ୟକ୍ଷ ରୂପେ ବିବର୍ତ୍ତନର ଧାରାରେ ତିନୋଟି ମୌଳିକ ସ୍ତର ଫୁଟି ଉଠିଛି – ଜଡ଼, ପ୍ରାଣ ଓ ମନ । ବର୍ତ୍ତମାନ ପ୍ରଶ୍ନ ହେଉଛି ଏହି ସ୍ତରରେ ବିବର୍ତ୍ତନର ଧାରା ଅଟକି ଯିବ କି ? ମନର ବିକାଶହିଁ ଚେତନାର ସର୍ବୋତ୍କୃଷ୍ଟ ସ୍ତର କି ? ଏହିଠାରେ ଚେତନାର ପୂର୍ଣ୍ଣ ବିକାଶ ଘଟିବ କି ? ଯଦି ତାହାହିଁ ସତ୍ୟ ହୁଏ ତା'ହେଲେ ଏ ସୃଷ୍ଟି ସମ୍ପୂର୍ଣ୍ଣତା ପ୍ରାପ୍ତ ହୋଇଛି ବୋଲି କୁହାଯାଇ ପାରିବ । କିନ୍ତୁ ଏହା କଦାପି ସେପରି ନୁହେଁ । ମନ ଚେତନାର ପରିପୂର୍ଣ୍ଣ ବିକାଶ ନୁହେଁ । କାରଣ ଚେତନା ଏହି ସ୍ତରରେ ଖଣ୍ଡିତ, ସଂକୀର୍ଣ୍ଣ ଓ ଅର୍ଦ୍ଧବିକଶିତ ହୋଇ ରହିଛି । ଏହି ଚେତନାରେ ପୂର୍ଣ୍ଣ ଜ୍ୟୋତିର୍ମୟତା, ଅଖଣ୍ଡ ଜ୍ଞାନର ପ୍ରକାଶ ଘଟି ନାହିଁ । ସୁତରାଂ ଯେଉଁ ବିବର୍ତ୍ତନର ଧାରା ଜଡ଼ ଓ ପ୍ରାଣକୁ ଅତିକ୍ରମ କରି ମନୋମୟ ସ୍ତରରେ ପହଞ୍ଚିଛି ତାହା ସେହି ସ୍ତରରେ ଅଟକି ନଯାଇ ଆଗକୁ ଚାଲିବାକୁ ଚାହେଁ । ପ୍ରକୃତିର ବିବର୍ତ୍ତନର ଧାରା କଦାପି ଏହି ସ୍ତରରେ ରହିଯିବ ନାହିଁ । ଏକଥା କୁହାଯାଇପାରେ ଯେ ମନୋମୟ ସ୍ତରରୁ ବିବର୍ତ୍ତନର ଧାରା କିଛି ପରିମାଣରେ ସଚେତନତା ପ୍ରାପ୍ତ ହୋଇଛି । ଯେଉଁ ବିବର୍ତ୍ତନର ଧାରା ବହୁ ଜଟିଳ ଓ କୁଟିଳ ପଥ ଦେଇ ଗତି କରି ଆସିଛି ତାହା ମନୋମୟ ସ୍ତରରେ ସଚେତନ ହୋଇ ଅଗ୍ରସର ହେବାକୁ ଚାହେଁ । ପୂର୍ବରୁ ଏହି ବିବର୍ତ୍ତନର ଧାରା ଅଚେତନଭାବେ କୋଟି କୋଟି ବର୍ଷ ଧରି ଚାଲିଥିଲା । ଏହି ବିବର୍ତ୍ତନ ମଧ୍ୟ ସଂଘଟିତ ହୋଇଥିଲା ପ୍ରକୃତିର ନିଜସ୍ୱ ବୃତ୍ତି ଉପରେ । କିନ୍ତୁ ବର୍ତ୍ତମାନ ମନୁଷ୍ୟ ମଧ୍ୟଦେଇ ତାହା ସଚେତନତା ପ୍ରାପ୍ତ ହୋଇଥିବାରୁ ମନୁଷ୍ୟ ଇଚ୍ଛା କଲେ କୋଟି କୋଟି ବର୍ଷର ପ୍ରାକୃତିକ ବିବର୍ତ୍ତନକୁ ଅଳ୍ପ କେତେ ବର୍ଷରେ ଅଗ୍ରଗତିର ପଥରେ ନେଇ ଯାଇପାରେ । ସୁତରାଂ ମାନବିକ ସ୍ତରରେ ବିବର୍ତ୍ତନର ଧାରା ସ୍ୱ-ନିୟନ୍ତ୍ରିତ ଏବଂ ସ୍ୱୟଂ ପରିଚାଳିତ (self controlled and self directed) ହୋଇ ପାରିଛି ।

ବର୍ତ୍ତମାନ ପୃଥିବୀରେ ଯେଉଁ ସଙ୍କଟ ଦେଖା ଦେଇଛି ତାହାହିଁ ବିବର୍ତ୍ତନଗତ ସଙ୍କଟ । ମଣିଷ ଚେତନାର ଊର୍ଦ୍ଧ୍ୱାୟନ ଗତି ହେବ ଏବଂ ଚେତନା ଚତୁର୍ଥ ସ୍ତରକୁ ଆରୋହଣ କରିବ । ଯେହେତୁ ମନୁଷ୍ୟର ସହଯୋଗ ବିନା ଏହି କାର୍ଯ୍ୟ ହୋଇ ପାରିବ ନାହିଁ ସେଥିପାଇଁ ଏକ ବିଶ୍ୱବ୍ୟାପୀ ବିକ୍ଷୋଭ ଦେଖା ଦେଇଛି । ପ୍ରକୃତିର ବିବର୍ତ୍ତନକୁ ତ୍ୱରାନ୍ୱିତ, କ୍ଷିପ୍ର, ସରଳ ଓ ସହଜ କରାଯାଇପାରେ । ଏହାହିଁ ବିବର୍ତ୍ତନର ଆହ୍ୱାନ (challenge of evcolution) । ଚେତନାର ଯେଉଁ ଭୂମି ଉନ୍ମୁକ୍ତ ହେବାକୁ

ଅପେକ୍ଷା କରି ରହିଛି ତାହାହେଲା ଚତୁର୍ଥ ଭୂମି । ପ୍ରତ୍ୟେକ ସ୍ତରରେ ଯେଉଁ ଗୁଣାତ୍ମକ ମୌଳିକ ପରିବର୍ତ୍ତନ ଅତୀତରେ ଦେଖା ଯାଇଛି ସେହିପରି ଏହି ଚତୁର୍ଥ ସ୍ତରରେ ମଧ୍ୟ ଏକ ଅତି ମୌଳିକ ଓ ଗୁଣାତ୍ମକ ପରିବର୍ତ୍ତନ ଦେଖାଦେବ । ଏହା ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।

ଏକ ଚତୁର୍ଥ ଭୂମିର ଉନ୍ମୋଚନ ଦ୍ୱାର ରୂପେ ଯେଉଁ ମୌଳିକ ପରିବର୍ତ୍ତନ ଦେଖାଦେବ ତାହାର ପରିଣାମସ୍ୱରୂପ ମଣିଷ ଜୀବନଧାରାର ଆମୂଳଚୂଳ ପରିବର୍ତ୍ତନ ହେବ । ସୁତରାଂ ବର୍ତ୍ତମାନ ଯେଉଁ ସମସ୍ୟା ଦେଖା ଦେଇଛି ତାହା ଚେତନାର ଏକ ସମସ୍ୟା ।

ଏହିପରି ଏକ ବିଶାଳ, ମହାନ୍, ପୂର୍ଣ୍ଣ ଚୈତନ୍ୟମୟ, ପୂର୍ଣ୍ଣ ଜ୍ଞାନମୟ ଚେତନାକୁ ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଅବତରଣ କରାଇ ମାନବଜାତିର ଆଶୁ ପରିଣାମକୁ କ୍ଷିପ୍ରତର ଏବଂ ଦ୍ରୁତତର କରିଛନ୍ତି । ମନୁଷ୍ୟ ଇଚ୍ଛା କଲେ ଏବଂ ଏପରି ଇଚ୍ଛା କରିବାକୁ ସେ ବାଧ୍ୟ ହେବ ବର୍ତ୍ତମାନ ସଙ୍କଟର ସମାଧାନ କରିବାରେ । ଚତୁର୍ଥ ଭୂମି ହେଲା ଦିବ୍ୟଭୂମି, ଆତ୍ମାର ଭୂମି, ଚୈତ୍ୟପୁରୁଷଙ୍କର ଭୂମି । ଏହି ଭୂମି ମଣିଷ ହୃଦୟରେ ମଧ୍ୟ ରହିଛି । ଏହି ଭୂମିରେ ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ ଓ ପ୍ରେମ ସ୍ୱାଭାବିକ ରୂପେ ବିଦ୍ୟମାନ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରକୁ ପ୍ରାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ସେ ନାନା ଦୁଃଖ, କଷ୍ଟ, ବିପଦ ଓ ବିପର୍ଯ୍ୟୟ, ହତାଶା ଓ ନୈରାଶ୍ୟ ମଧ୍ୟ ଦେଇ ଗତି କରିବ । ଏହି ଚେତନାର ରୂପାନ୍ତରହିଁ ଚତୁର୍ଥ ଭୂମିକୁ ଉଠିଯିବାରେ ସାହାଯ୍ୟ କରିବ । ଏଥିପାଇଁ ଏହାକୁହିଁ 'Yoga of Transformation' ବୋଲି କୁହାଯାଏ ।

**ଯୋଗହିଁ ନବଜନ୍ମ :**

'All yoga in its essence is a new birth.' ଚେତନାର ନବଜନ୍ମର ଅର୍ଥ ମନୁଷ୍ୟ ବର୍ତ୍ତମାନ ଯେଉଁ ଚେତନାରେ ରହିଛି ସେହି ଚେତନାକୁ ଅତିକ୍ରମ କରି ଆଉ ଏକ ଚେତନା ସ୍ତରରେ ଉପନୀତ ହେବା । ବର୍ତ୍ତମାନର ଚେତନା ହେଲା ଖଣ୍ଡିତ, ସଂକୀର୍ଣ୍ଣ, ଅହଂଯୁକ୍ତ ତଥା ସଂଘର୍ଷମୂଳକ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରରେ ରହିଛି ସେତେଦିନ ପର୍ଯ୍ୟନ୍ତ ଦୁଃଖ, କଷ୍ଟ, ଅଶାନ୍ତି ଓ ସଂଘର୍ଷ ତଥା ନାନା ବାଧା, ବିବାଦ ଓ କଳହ ଲାଗି ରହିଥିବ । କେହି କେହି ମନେ କରନ୍ତି ମନୁଷ୍ୟର ବାହ୍ୟ ଜୀବନର ପରିବର୍ତ୍ତନ ଘଟିଲେ ମନୁଷ୍ୟ ସୁଖ ଶାନ୍ତିରେ ରହି ପାରିବ । କିନ୍ତୁ ଏହା ସମ୍ଭବ ନୁହେଁ । ମନୁଷ୍ୟ ଯେଉଁଠି ଅଛି ସେହିଠାରେହିଁ ରହିବ ଅଥଚ ଏକ ସୁଖୀ ସମାଜ (Affluent), ଏକ ଜନମଙ୍ଗଳ ରାଷ୍ଟ୍ର ଗଠନ କରିବ ବା ରାମ ରାଜ୍ୟ ବା ସ୍ୱର୍ଗ ରାଜ୍ୟ ପ୍ରତିଷ୍ଠା କରିବ, ଏହା କଦାପି ସମ୍ଭବ ନୁହେଁ । ବର୍ତ୍ତମାନର ଡାକରା ହେଉଛି ଏକ ଗଭୀରତର, ବିଶାଳତର ଓ ବ୍ୟାପକ ପରିବର୍ତ୍ତନ ପାଇଁ । ଏହି ପରିବର୍ତ୍ତନ ଦ୍ୱାରା ବହୁ ଜିନିଷ ଧ୍ୱଂସପ୍ରାପ୍ତ ହେବ । ମଣିଷ ଜୀବନ ବହୁ ଆକୁଳତାରେ ଓ ବ୍ୟାକୁଳତାରେ ପରିପୂର୍ଣ୍ଣ ହୋଇଉଠିବ । ଚତୁର୍ଦ୍ଦିଗରେ ଦେଖାଦେବ ଏକ ପ୍ରଜ୍ୱଳନ । ମନୁଷ୍ୟ ଯେତେ ଚେଷ୍ଟା କଲେ ବି ଯଦି ଠିକ୍ ରାସ୍ତା ନ ଧରେ ତେବେ ପୋଡ଼ାଜଳା ମଧ୍ୟରେ ମୃତ୍ୟୁହିଁ ସାର ହେବ । ସେଥିପାଇଁ ଶ୍ରୀମା'ଙ୍କ ଭାଷାରେ : "Blessed are those who take a leap towards the futute." ଅର୍ଥାତ୍, ''ଧନ୍ୟ ସେହିମାନେ ଯେଉଁମାନେ ଭବିଷ୍ୟତ୍ ଅଭିମୁଖେ ଲମ୍ଫ ଦିଅନ୍ତି ।'' ଏହି ଲମ୍ଫ ପ୍ରଦାନର ଅର୍ଥ ହେଲା ଚେତନାର ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଚାଲିଯିବା । ଭବିଷ୍ୟତ୍ ଯେପରି ଅନ୍ଧକାରମୟ ଏବଂ ଦୁର୍ଦ୍ଦିନରେ ପୂର୍ଣ୍ଣ ଭଳି ମନେ ହେଉଛି ତାହା ଠିକ୍ ନୁହେଁ । ଧୀରେ ଧୀରେ ଏହି ସଙ୍କଟ ଭୟଙ୍କର ଓ ଅବସାଦପୂର୍ଣ୍ଣ ବୋଲି ବୋଧ ହେବ । କିନ୍ତୁ ଆମ୍ଭେମାନେ ଯଦି ଆମ୍ଭମାନଙ୍କର ମନୋଭାବକୁ ପରିବର୍ତ୍ତନ କରିବା ଏବଂ ଏହି ସତ୍ୟର ଅଭିମୁଖୀ ହେବା ପାଇଁ ଦୃଢ଼ ସଙ୍କଳ୍ପବଦ୍ଧ ହେବା, ଏହାକୁ ଜୀବନରେ କାର୍ଯ୍ୟକାରୀ କରାଇବା ପାଇଁ ବଦ୍ଧପରିକର ହେବା ତେବେ ବର୍ତ୍ତମାନର ଯେଉଁ ଦୁଃସ୍ଥିତି, ବିଷାଦ ଓ ଭୟ ଦେଖା ଦେଇଛି ତାହା ଦୂର ହେବ ।

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ପ୍ରଥମ ଖଣ୍ଡ, ପୃ. ୩୫୭-୩୫୯) ❑

ସଫଳତା ଭଳି ବିଫଳତାରେ ମଧ୍ୟ ଭଗବାନଙ୍କ କୃପା ସବୁବେଳେ ରହିଥାଏ ।
— ଶ୍ରୀମା

# ନୂତନ ସତ୍ୟର ପ୍ରକାଶ ପାଇଁ ଆବଶ୍ୟକ ନୂତନ ଚେତନା

## ବିଶ୍ୱମ୍ଭର ସାମନ୍ତ

ଶ୍ରୀମା ଆମକୁ ବାରଂବାର କହିଛନ୍ତି ପୃଥିବୀକୁ ଏକ ନୂତନ ସତ୍ୟ ଅବତରଣ କରିଛି, ଏହି ସତ୍ୟର କ୍ରିୟା ଚାଲିଛି ନିରବଚ୍ଛିନ୍ନ ଭାବରେ ଏବଂ ପୃଥିବୀପୃଷ୍ଠରେ ଏହାର ପ୍ରକାଶ ଅବଶ୍ୟମ୍ଭାବୀ । କିନ୍ତୁ ଆମ ଭିତରୁ କେତେଜଣ ଏହି ସତ୍ୟର କ୍ରିୟା ସହିତ ସଚେତ ସହଯୋଗ କରୁଛେ ? ସଚେତ ସହଯୋଗ କଥା ଦୂରେ ଥାଉ କେତେଜଣ ଏହାର ଆଗମନୀ ଓ ଉପସ୍ଥିତିକୁ ପ୍ରତ୍ୟକ୍ଷ ବା ଏପରିକି ପରୋକ୍ଷ ଉପଲବ୍ଧି କରୁଛେ ବା ସେ ସମ୍ପର୍କରେ ଆଦୌ ସଚେତ ଅଛେ ?

ଅଥଚ ମା ବରାବର କହି ଆସିଛନ୍ତି ଯେଉଁସବୁ ସମସ୍ୟା ଯୁଗ ଯୁଗ ଧରି ମଣିଷ ସମାଜକୁ ଉତ୍ପୀଡ଼ିତ ଓ ବିଭ୍ରାନ୍ତ କରି ଆସିଛି ସେସବୁର ସମାଧାନ ନିହିତ ଅଛି ଏଥିରେ । ପୁଣି ଏହା ଖାଲି ଏପରି ଏକ ସତ୍ୟ ନୁହେଁ ଯାହା ଆମକୁ ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ଜରାମରଣଗ୍ରସ୍ତ ସଂସାର ଜୀବନରୁ କେବଳ ମୁକ୍ତ ଓ ଉଦ୍ଧାର କରିନେଇ ନିଜର ଶାଶ୍ୱତ କ୍ରୋଡ଼ରେ ଅଭୟ ଆଶ୍ରୟର ପ୍ରତିଶ୍ରୁତି ଦେଇଛି, ଏହା ମଧ୍ୟ ଏଇ ସଂସାର ଜୀବନର ଦୁଃଖଦ୍ୱନ୍ଦ୍ୱକୁ ଦୂର କରି ତାହାକୁ ସତ୍ୟ, ମଙ୍ଗଳ ଓ ଆନନ୍ଦ-ସୌନ୍ଦର୍ଯ୍ୟମୟ ଦିବ୍ୟ ଜୀବନରେ ପରିଣତ କରିବାର, ଏହି ମର୍ତ୍ତ୍ୟ ଭୂମିରେ ଅମୃତମୟ ଜୀବନ ଗଢ଼ିବାର ପ୍ରତିଶ୍ରୁତି ଦେଇଛି ।

କିନ୍ତୁ ତଥାପି କାହିଁକି ଆମେ ଏହି ସତ୍ୟର ଆବିର୍ଭାବ ଓ ଉପସ୍ଥିତି ସମ୍ପର୍କରେ ସଚେତ ହୋଇପାରୁ ନାହୁଁ ? ଏହାର କାରଣ ହେଉଛି ଆମେ ନିଜକୁ ଏପରି ଏକ ସୀମିତ ଚେତନାରେ ଆବଦ୍ଧ କରି ରଖିଛୁ ଯାହାକି ଏହି ନୂତନ ସତ୍ୟର ଉପସ୍ଥିତି ଓ କ୍ରିୟା ସମ୍ପର୍କରେ କିଛି ଜାଣିବାକୁ ସମ୍ପୂର୍ଣ୍ଣ ଅସମର୍ଥ । ଯେପର୍ଯ୍ୟନ୍ତ ଆମେ କେବଳ ଆମର ଦେହ, ପ୍ରାଣ ଓ ମନର କେତେକ କ୍ରିୟା ଓ ଗତିବୃତ୍ତି ସମ୍ପର୍କରେ ଆମର ସୀମିତ ଜ୍ଞାନକୁ ଆମର ଚେତନା ବୋଲି ବୁଝୁଥିବୁ ଓ ଚେତନାର ସେଇ ପରିଧିକୁ ଅତିକ୍ରମ କରିବାକୁ ଉଦ୍ୟମ କରୁ ନଥିବୁ ସେପର୍ଯ୍ୟନ୍ତ ଆମେ ସେହି ନୂତନ ସତ୍ୟର ଉପସ୍ଥିତି ସମ୍ପର୍କରେ ଅଜ୍ଞ ଓ ଅନ୍ଧ ରହିବାକୁ ବାଧ୍ୟ । ସେହି ନୂତନ ସତ୍ୟର ସୂକ୍ଷ୍ମ କ୍ରିୟାକୁ ଆମର ଅଜ୍ଞାନମୟ ଗତାନୁଗତିକ ଚେତନା ନେଇ ବୁଝିବା ଅସମ୍ଭବ । ତାହା ବୁଝିବା ପାଇଁ ଦରକାର ଆମ ଭିତରେ ବର୍ତ୍ତମାନ ଚେତନା ଠାରୁ ସୂକ୍ଷ୍ମତର, ଗଭୀରତର, ବ୍ୟାପକତର ଓ ଦିବ୍ୟତର ଏକ ନୂତନ ସତ୍ୟ ଚେତନା ।

ଉଦାହରଣ ସ୍ୱରୂପ କୁହାଯାଇପାରେ କେତେଜଣ ଲୋକ କୌଣସି ଏକ ସମସ୍ୟା ଉପରେ ବହୁ କାଳ ଧରି ଆଲୋଚନା କରୁଛନ୍ତି କିନ୍ତୁ ସମାଧାନର କୌଣସି ବାଟ ପାଉ ନାହାନ୍ତି । ସେମାନଙ୍କ ଦୁରବସ୍ଥା ଦେଖି କେହି ଜଣେ ସଦୟ ବ୍ୟକ୍ତି ସମସ୍ୟାଟିର ସମାଧାନ ଲେଖାଥିବା ଏକ ପୁସ୍ତକ ସେମାନଙ୍କ ହାତରେ ଦେଲେ; ମାତ୍ର ସେ ପୁସ୍ତକ ଯେଉଁ ଭାଷାରେ ଲେଖା ସେ ଭାଷା ସେଠାରେ ଉପସ୍ଥିତ ଥିବା କାହାରିକୁ ଜଣା ନାହିଁ । ତା'ହେଲେ ସେ କ୍ଷେତ୍ରରେ ଅବସ୍ଥାଟି କ'ଣ ହେବ ? ଯଦିଓ ସେମାନଙ୍କ ସମସ୍ୟାର ସମାଧାନ ଉଲ୍ଲେଖ ଥିବା ପୁସ୍ତକଟି ସେମାନଙ୍କ ହାତରେ ରହିଛି, ହୁଏତ ଏପରି ଏକ ପୁସ୍ତକ ପାଇଥିବାରୁ ସେମାନେ ଆନନ୍ଦ ଅନୁଭବ କରି ପାରନ୍ତି କିନ୍ତୁ ସେହି ପୁସ୍ତକର ଭାଷା ଜଣା ନଥିବାରୁ ସେମାନଙ୍କ ପାଇଁ ସମସ୍ୟାଟି ପୂର୍ବପରି ଅସମାହିତ ହୋଇ ରହିଯିବ । ସେମାନଙ୍କୁ ସେହି ଭାଷା ଶିଖାଇ ଦେବାକୁ କେହି ହୁଏତ ଆଗେଇ ଆସିବେ । କିନ୍ତୁ ସେ ଭାଷା ଶିଖିବା ପାଇଁ ଯେଉଁ ପରିଶ୍ରମ ଦରକାର ସେମାନଙ୍କର ସେଥିପାଇଁ ସେତିକି ଆଗ୍ରହ, ଉତ୍ସାହ ନଥିଲେ ସେ ଭାଷା ଶିଖି ପାରିବେ ନାହିଁ କି ସମସ୍ୟାର ସମାଧାନ କରିପାରିବେ ନାହିଁ ।

ଆମର ଅବସ୍ଥା ଅନେକଟା ଏହିପରି । ଅତିମାନସ ସତ୍ୟ ଜୀବନ ସମସ୍ୟାର ଯେଉଁ ସମାଧାନ ଆଣିଛି, ତାହା ଚେତନାର ଯେଉଁ ଭାଷାରେ ରଚିତ ତାହାକୁ ଆମର ସାଧାରଣ ଚେତନାର ଭାଷା ନେଇ ବୁଝିବା ଅସମ୍ଭବ । ଆମକୁ ସେଥିପାଇଁ ସେହି ନୂତନ ଚେତନାର ଭାଷା ଶିଖିବାକୁ ପଡ଼ିବ । ସେଥିପାଇଁ ନୂତନ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ । ସେହି ନୂତନ ସମାଧାନକୁ ଜୀବନରେ କାର୍ଯ୍ୟକାରୀ କରିବାକୁ ହେଲେ ଆମ ଚେତନାର

ନୂତନ ରୂପାୟନ ଓ ନୂତନ ପୁନର୍ଗଠନ ଆବଶ୍ୟକ । କିନ୍ତୁ ସେଥିପାଇଁ ଯଦି ଆମ ଭିତରେ ଆବଶ୍ୟକୀୟ ଆସ୍ପୃହା, ଉଦ୍ୟୋଗ ଓ କର୍ମତତ୍ପରତା ନରହେ ତେବେ ସେ ନୂତନ ସତ୍ୟର ପ୍ରକାଶ ସମ୍ଭବ ହେବ କିପରି ?

ଅବଶ୍ୟ ସୌଭାଗ୍ୟବଶତଃ ଅତିମାନସ ଏପରି ଏକ ସତ୍ୟ ଯାହା କେବଳ ନିରପେକ୍ଷ ଭାବରେ ଜୀବନ ସମସ୍ୟାର ସମାଧାନର ବାଟ ଦେଖାଇ ଦିଏ ନାହିଁ, ସେହି ବାଟରେ ଚାଲିବା ପାଇଁ ମଣିଷକୁ ଅଫୁରନ୍ତ ପ୍ରେରଣା ଓ ଶକ୍ତି ବି ଯୋଗାଏ । ଏହା ନିଜ ଭିତରେ ନିହିତ ଥିବା ସତ୍ୟର ଏକ କ୍ରିୟାତ୍ମକ ଶକ୍ତି ଦ୍ୱାରା ମଣିଷକୁ ସେହି ସତ୍ୟ ପ୍ରତି ଉନ୍ମୁଖ ଓ ଗ୍ରହଣଶୀଳ କରାଏ, ମଣିଷ ଚେତନାର ନବରୂପାୟନ ଓ ପୁନର୍ଗଠନ ପାଇଁ ଏହି ସତ୍ୟହିଁ ସ୍ୱୟଂ ଆଗେଇ ଆସେ ସକ୍ରିୟ ଭାବରେ । ସେଇଥିପାଇଁ କୁହାଯାଇଛି ଏହାର ପ୍ରକାଶ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ । ତଥାପି ମଣିଷର ସହଯୋଗ ବା ଅସହଯୋଗ ଦ୍ୱାରା ଏହି ପ୍ରକାଶ ତ୍ୱରିତ ବା ବିଳମ୍ବିତ ହୋଇପାରେ ।

ବର୍ତ୍ତମାନ ପ୍ରଶ୍ନ ହେଉଛି ଏହି ନୂତନ ସତ୍ୟର ପ୍ରକାଶର ମାଧ୍ୟମ ହେବ ଯେଉଁ ନୂତନ ଚେତନା, ତା'ର ସ୍ୱରୂପ କ'ଣ ? ଆମ ଭିତରେ ସେହି ନୂତନ ଚେତନାର ଗଠନ ଓ ରୂପାୟନ ପାଇଁ ଆମକୁ କ'ଣ କରିବାକୁ ହେବ ? ପ୍ରଶ୍ନଟି ଏଡ଼େ ବ୍ୟାପକ ଯେ ଏହାର ଉତ୍ତରକୁ ବିସ୍ତାରିତ ଭାବେ ଆଲୋଚନା କରିବାକୁ ଶ୍ରୀଅରବିନ୍ଦଙ୍କୁ ଲେଖିବାକୁ ପଡ଼ିଛି 'ଦିବ୍ୟଜୀବନ', 'ଯୋଗସମନ୍ୱୟ' ଆଦି ଗ୍ରନ୍ଥସବୁ । ମା ତାଙ୍କର ବହୁ କଥୋପକଥନ ଓ ପ୍ରଶ୍ନୋତ୍ତରରେ ଏହି ପ୍ରଶ୍ନଟିର ଉତ୍ତରହିଁ ଆଲୋଚନା କରିଛନ୍ତି । ଏହାର ଉତ୍ତରରେହିଁ ଶ୍ରୀଅରବିନ୍ଦ ଆମ ଆଗରେ ରଖିଛନ୍ତି ଚୈତ୍ୟସିଦ୍ଧି, ଆଧ୍ୟାତ୍ମିକ ସିଦ୍ଧି ଓ ଅତିମାନସିକ ସିଦ୍ଧିର ମହାନ୍ ଲକ୍ଷ୍ୟସବୁ ଯାହା ଭିତରେ ପ୍ରାଚୀନ ଓ ପ୍ରଚଳିତ ସମସ୍ତ ଯୋଗସିଦ୍ଧି ଅନ୍ତର୍ଭୁକ୍ତ ହେବା ସଙ୍ଗେ ସଙ୍ଗେ ଆହୁରି ତୁଙ୍ଗତର, ଗଭୀରତର ଓ ପୂର୍ଣ୍ଣତର ସିଦ୍ଧିସବୁ ସ୍ଥାନ ପାଇଛି ।

ତେବେ ସଂକ୍ଷେପରେ କୁହାଯାଇପାରେ ଯେ ଚେତନାର ପରିବର୍ତ୍ତନହିଁ ଏଥିପାଇଁ ଏକମାତ୍ର ପନ୍ଥା । ଅନ୍ୟ କୌଣସି ପନ୍ଥା ନାହିଁ । ଏହି ଚେତନାର ପରିବର୍ତ୍ତନ କଥାଟି ବୁଝାଇବାକୁ ଯାଇ ମା କହିଥିଲେ, ଏହାର ଅର୍ଥ ହେଉଛି ସତ୍ୟର ଉଚ୍ଚତର ଓ ଗଭୀରତର ଲୋକରେ ଚେତନାର ନବଜନ୍ମ । କିନ୍ତୁ ଚେତନାର ଏହି ନବଜନ୍ମ ତତ୍‌କ୍ଷଣାତ୍ ଗୋଟିଏ ଦିନରେ ହୋଇଯିବ ନାହିଁ । ଏଥିପାଇଁ ବର୍ଷ ପରେ ବର୍ଷ, ହୁଏତ ଜୀବନ ପରେ ଜୀବନ ଲାଗିଯାଇପାରେ; କିନ୍ତୁ ଆମ ପାଇଁ ଏହି ଲକ୍ଷ୍ୟ ଗ୍ରହଣ କରିବା ଓ ଏହି ପଥରେ ଚାଲିବାକୁ ଆରମ୍ଭ କରିବାହିଁ ଅସଲ କଥା । ପ୍ରଥମତଃ ଆମେ ନିଷ୍ପତ୍ତିମୂଳକଭାବେ ସ୍ପଷ୍ଟ ହୋଇଯିବା ଉଚିତ ଯେ ମନର ନେତୃତ୍ୱରେ ଚାଳିତ ଆମର ବର୍ତ୍ତମାନର ଚେତନା କେବେହେଲେ ଏହି ନୂତନ ସତ୍ୟର ପ୍ରକାଶର ଯନ୍ତ୍ର ହୋଇ ପାରିବ ନାହିଁ । ଜୀବନ ସମସ୍ୟାସବୁର ସମାଧାନ ପାଇଁ ଏପର୍ଯ୍ୟନ୍ତ ଯେଉଁସବୁ ଆଦର୍ଶ, ମତବାଦ, ବିଚାର ଆଦି ରଖାଯାଇଛି ସେମାନେ ସେମାନଙ୍କ ନିଜ ସ୍ୱରୂପରେ ଯେତେ ମହାନ୍ ହୁଅନ୍ତୁ ନା କାହିଁକି, ସେମାନେ ସମଗ୍ର ଓ ଚୂଡ଼ାନ୍ତ ଭାବରେ ଜୀବନ ସମସ୍ୟାର ସମାଧାନ କରିବାକୁ ଅସମର୍ଥ । ମଣିଷ ସମାଜର ଦୀର୍ଘ ଇତିହାସର ବହୁ ତିକ୍ତ ଅନୁଭୂତିରେ ଏହାହିଁ ପ୍ରମାଣିତ ହୋଇ ସାରିଛି ।

ତେଣୁ ସମସ୍ତ ଆବେଗ ଓ ଆନ୍ତରିକତା ନେଇ ଆମକୁ ଆସ୍ପୃହା କରିବାକୁ ହେବ ଏକ ନୂଆ ସମାଧାନ ପାଇଁ । ଆମ ଆସ୍ପୃହାର ଗଭୀରତା ଓ ନିଷ୍ଠାହିଁ ଆମକୁ ନେଇ ପହଞ୍ଚାଇବ ସେଇଠି, ଯେଉଁଠି ଅଛି ସେହି ନୂତନ ସତ୍ୟର ସନ୍ଧାନ ଓ ସ୍ପର୍ଶ । ଯଦି ସମଗ୍ର ଅନ୍ତର ଦେଇ ଜୀବନସମସ୍ୟାସବୁର ଯଥାର୍ଥ ସମାଧାନ ଆମେ ଚାହୁଁଥିବୁ ତେବେ ଆମ ଭିତରର କିଛି ଅନୁଭୂତିହିଁ ଆମକୁ ଚିହ୍ନାଇ ଦେବ ସେହି ବ୍ୟକ୍ତିଙ୍କୁ ବା ସେହି ତତ୍ତ୍ୱକୁ ଯେଉଁଠି ଆମେ ପାଇବୁ ସେହି ସମାଧାନର ନିର୍ଭର ପ୍ରତିଶ୍ରୁତି । ତା'ପରେ ଆମର କର୍ତ୍ତବ୍ୟ ହେଉଛି ଏକ ଜୀବନ୍ତ ସଂଯୋଗର ସୂତ୍ରରେ ସେହି ବ୍ୟକ୍ତି ଓ ତତ୍ତ୍ୱ ସହ ନିଜକୁ ଯୁକ୍ତ କରିବା । ଯଦି ଆମ ଭିତରେ ଯଥାର୍ଥ ନିଷ୍ଠା ଓ ଆନ୍ତରିକତା ଥାଏ, ଲାଗି ରହିବାର ଧୈର୍ଯ୍ୟ ଥାଏ, ଲକ୍ଷ୍ୟର ବିସ୍ମରଣ ନଥାଏ, ନିଜର ଦୋଷତ୍ରୁଟି ଉପରେ ନାନା ରଙ୍ଗ ଚଢ଼ାଇବାର ଆତ୍ମପ୍ରବଞ୍ଚନା ନଥାଏ ଓ ସର୍ବୋପରି ଏକ ଦିବ୍ୟଚାଳନା ହାତରେ ଗଭୀର ବିଶ୍ୱାସ ଓ ଭରସା ସହିତ ନିଜକୁ ଛାଡ଼ି ଦେବାର ସାହସ ଥାଏ, ତେବେ ଦିବ୍ୟଗୁରୁ ଓ ଦିବ୍ୟତତ୍ତ୍ୱ ସହ ଚେତନାର ଯେଉଁ ସଂଯୋଗ କଥା କୁହାଯାଇଛି, ସେହି ସଂଯୋଗହିଁ ଆମକୁ ଆଗେଇ ନେବ ସେହି ପଥରେ ଯେଉଁଥିରେ ଚେତନାର ରୂପାନ୍ତର ଓ ନବଜନ୍ମ ଦ୍ୱାରା ଲାଭ ହେବ ଏକ ନୂତନ ଚେତନା ।

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦୨)

## ମହେନ୍ଦ୍ରନାଥ ସ୍ୱାଇଁ

**ସୁରକ୍ଷା ବଳୟ :**

ମାର୍ଚ୍ଚ ୧୦, ୧୯୧୪ ପ୍ରାର୍ଥନାରେ ମା' ଲେଖୁଛନ୍ତି –

"IN the silence of the night Thy Peace reigned over all things, in the silence of my heart Thy Peace reigns always; and when these two silences were united, Thy Peace was so powerful that no disturbance of any kind could resist it. Then I thought of all those who were watching over the boat to safeguard and protect our course, and in gratefulness I wanted to make Thy Peace spring up and live in their hearts; then I thought of all those who, confident and free from care, slept the sleep of inconscience, and with solicitude for their miseries, pity for their latent suffering which would arise in them when they awoke, I wanted that a little of Thy Peace might live in their hearts and awaken in them the life of the spirit, the light that dispels ignorance. Then I thought of all the inhabitants of this vast sea, both visible and invisible, and I willed that Thy Peace might spread over them. Then I thought of those we had left far behind and whose affection goes with us, and with a great tenderness I wanted Thy conscious and lasting Peace for them, the plenitude of Thy Peace as far as they could receive it. Then I thought of all those towards whom we are going, who are troubled by childish preoccupations and fight in ignorance and egoism for petty rivalries of interest; and ardently, in a great aspiration, I asked for them the full light of Thy Peace. Then I thought of all those we know, all those we do not know, all the life in the making, all that has changed its form, all that is not yet in form, and for all these, even as for all that I cannot think about, for all that is present to my memory and for all that I forget, in a deep contemplation and mute adoration I implored Thy Peace."

(Prayers and Meditations, p. 94-95)

''ରାତ୍ରିର ନିରବତା ଭିତରେ ତୁମର ପ୍ରଶାନ୍ତି ସକଳଙ୍କ ଉପରେ ରାଜୁତି କରିଛି, ମୋ ହୃଦୟର ନିରବତା ଭିତରେ ତୁମର ଶାନ୍ତି ସର୍ବଦା ଶାସନ କରୁଛି; ଏବଂ ଯେତେବେଳେ ଏହି ଦୁଇ ପ୍ରକାରର ନିରବତା ଏକତ୍ର ହୋଇ ଯାଆନ୍ତି, ତୁମର ପ୍ରଶାନ୍ତି ମଧ୍ୟ ଏତେ ଶକ୍ତିଶାଳୀ ହୋଇଯାଏ ଯେ କୌଣସି ପ୍ରକାରର ବିପଦ ତାହା ସମ୍ମୁଖରେ ତିଷ୍ଠି ରହି ପାରନ୍ତି ନାହିଁ। ତତ୍ପରେ ମୁଁ ସେହିମାନଙ୍କ କଥା ଚିନ୍ତା କରୁଛି ଯେଉଁମାନେ ଏହି ଜାହାଜଟି ଉପରେ ଦୃଷ୍ଟି ରଖିଛନ୍ତି, ଆମ ଯାତ୍ରା ପଥକୁ ସୁରକ୍ଷା ପ୍ରଦାନ କରୁଛନ୍ତି; କୃତଜ୍ଞତାର ସହିତ ମୁଁ ନିବେଦନ କରୁଛି ଯେ ତୁମର ଶାନ୍ତି ସେମାନଙ୍କ ହୃଦୟରେ ଉତ୍ସାରିତ ହେଉ ଏବଂ ତାହା ସେମାନଙ୍କ ହୃଦୟରେ ସ୍ଥାୟୀଭାବେ ପ୍ରତିଷ୍ଠା ହେଉ; ତା'ପରେ ମୁଁ ସେହିମାନଙ୍କ ବିଷୟରେ ଚିନ୍ତା କରିବାକୁ ଲାଗିଲି ଯେଉଁମାନେ ଗଭୀର ଆତ୍ମବିଶ୍ୱାସର ସହିତ ସକଳ ପ୍ରକାର ଜଞ୍ଜାଳ ବା ବ୍ୟସ୍ତତାରୁ ମୁକ୍ତ ହୋଇ ନିଶ୍ଚେତନାର ଗର୍ଭରେ ଗଭୀର ନିଦ୍ରାମଗ୍ନ, ଏବଂ ସେମାନଙ୍କର ଦୈନ୍ୟତା ଯୋଗୁଁ ନିଃସଙ୍ଗ ଜୀବନଯାପନ କରୁଛନ୍ତି ଓ ଯନ୍ତ୍ରଣାଜନିତ ଦୁଃଖ ଭୋଗୁଛନ୍ତି, ଏହିସବୁ ଅବସ୍ଥା ସେମାନଙ୍କ ଭିତରେ ଜାଗ୍ରତ୍ ହୋଇ ଉଠିବ ଯେତେବେଳେ ସେମାନେ ନିଦ୍ରାରୁ ଉଠିବେ। ପ୍ରଭୁ ମୁଁ

ଇଚ୍ଛା କରୁଛି ତୁମର ପ୍ରଶାନ୍ତିରୁ ଏତେ ଟିକିଏ ତାଙ୍କ ହୃଦୟରେ ବାସ କରୁ ଏବଂ ସେମାନଙ୍କ ହୃଦୟସ୍ଥିତ ଆତ୍ମା ଭିତରେ ଅଜ୍ଞାନତାକୁ ଦୂରୀଭୂତ କରୁଥିବା ଆଲୋକ ଜାଗ୍ରତ୍ ହୋଇଉଠୁ ।''

ତତ୍ପରେ ମା' ଚିନ୍ତା କରୁଛନ୍ତି ସେହି ବିଶାଳ ସାଗର ଭିତରେ ବାସ କରୁଥିବା ଅସଂଖ୍ୟ ଦୃଶ୍ୟ ଏବଂ ଅଦୃଶ୍ୟ ସତ୍ତାମାନଙ୍କ ବିଷୟରେ; ଏବଂ ଯେଉଁମାନେ ଅଭିଳାଷ ରଖିଛନ୍ତି ପରମପ୍ରଭୁଙ୍କର ଦିବ୍ୟ-ପ୍ରଶାନ୍ତି ସେମାନଙ୍କ ଭିତରେ ମଧ୍ୟ ବିସ୍ତାରିତ ହୋଇଯାଉ । ମା' ପୁଣି ନିମ୍ନମତେ ପ୍ରାର୍ଥନା କରୁଛନ୍ତି :

''ମୁଁ ପୁନଶ୍ଚ ଯେଉଁମାନଙ୍କୁ ପଛରେ ଛାଡ଼ି ଦେଇ ଆସିଛି ଏବଂ ଯେଉଁମାନଙ୍କର ଶ୍ରଦ୍ଧା, ଭଲ ପାଇବା ଆମ ସହିତ ରହିଛି, ଏକ ବିଶାଳ ଗଭୀର କୋମଳତା ଓ ନମ୍ରତାର ସହିତ ମୁଁ ପ୍ରାର୍ଥନା କଲି ଯେ ସେମାନଙ୍କ ନିମନ୍ତେ ତୁମର ଦିବ୍ୟ-ଚେତନା ଏବଂ ସ୍ଥାୟୀ ଶାନ୍ତି ସେମାନଙ୍କର ଗ୍ରହଣଶୀଳତାର କ୍ଷମତାନୁସାରେ ପ୍ରାପ୍ତ ହେଉ । ତା'ପରେ ମୁଁ ଚିନ୍ତା କଲି ସେମାନଙ୍କ କଥା ଯେଉଁମାନଙ୍କ ନିକଟକୁ ଆମେ ଯାଉଛୁ, ଯେଉଁମାନେ ନାନା ଶିଶୁସୁଲଭ ଦୁଷ୍ଟାମି ସହିତ ଅନେକ ପ୍ରକାରର କାର୍ଯ୍ୟକ୍ରମକୁ ଧରି ବସିଛନ୍ତି, ଅଜ୍ଞାନତା ଓ ଅହଂକାର ଭିତରେ ସଂଘର୍ଷ କରି ଚାଲିଛନ୍ତି ଛୋଟ ଛୋଟ ପରସ୍ପର ବିରୋଧୀ ଓ ପ୍ରତିଦ୍ୱନ୍ଦ୍ୱୀ ଭାବକୁ ନେଇ । ଏବଂ ଦୃଢ଼ ଭାବରେ ଖୁବ୍ ଉଚ୍ଚ ଅଭୀପ୍ସା ପୋଷଣପୂର୍ବକ ମୁଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କଲି ଯେଉଁଥିରେ ତୁମ ପ୍ରଶାନ୍ତିର ପୂର୍ଣ୍ଣ ଆଲୋକ ସେମାନେ ମଧ୍ୟ ଲାଭ କରନ୍ତି । ତତ୍ପରେ ମୁଁ ଚିନ୍ତା କଲି ସେହିମାନଙ୍କ କଥା ଯେଉଁମାନଙ୍କୁ ମୁଁ ଚିହ୍ନେ, ଯେଉଁମାନଙ୍କୁ ମୁଁ ଚିହ୍ନେ ନାହିଁ, ଚିନ୍ତା କଲି ଯେଉଁ ଅଖଣ୍ଡ ଜୀବନଧାରା ପରିସ୍ଫୁଟ ହୋଇ ଚାଲିଛି ଯାହାକିଛି ନିଜର ରୂପ ପରିବର୍ତ୍ତନ କରୁଛି, ଯାହାକିଛି ଏପର୍ଯ୍ୟନ୍ତ ରୂପ ଗ୍ରହଣ କରି ନାହିଁ ସେ ସମସ୍ତଙ୍କ କଥା, ପୁଣି ସେହିମାନଙ୍କ କଥା ଯେଉଁମାନଙ୍କୁ ମୁଁ ଚିନ୍ତାରେ ଆଣିପାରୁ ନାହିଁ ଏବଂ ଯାହାକିଛି ମୋ ସ୍ମୃତିରେ ରହିଛି ଏବଂ ଯାହା ମୁଁ ବିସ୍ମୃତ ହୋଇଛି – ଏ ସମସ୍ତଙ୍କ ପାଇଁ ଗଭୀର ସମାହିତ ଚିତ୍ତରେ, ନୀରବ ଆରାଧନାରେ ମୁଁ ଭିକ୍ଷା କଲି ତୁମର ଶାନ୍ତି ।''

'କାଗାମାରୁ' ଜାହାଜ ବିଶାଳ ସମୁଦ୍ର ବକ୍ଷରେ ନିର୍ଦ୍ଧାରିତ ଜଳପଥରେ ଆଗକୁ ମାଡ଼ି ଚାଲିଛି, କିନ୍ତୁ ତା'କୁ ଜଣା ନାହିଁ ଯେ ସେ ତା' ବକ୍ଷରେ ଧାରଣ କରିଛି ଜଣେ ବିଶେଷ ଦିବ୍ୟ ମହିମାନ୍ୱିତା ଯାତ୍ରୀଙ୍କୁ (Special Divine Passenger) ଯାହାଙ୍କର ଚରଣ ସ୍ପର୍ଶ ଲାଭ କରି ସେ ଧନ୍ୟ ହୋଇ ଯାଇଛି । କିନ୍ତୁ ମା' ସଚେତନ ଅଛନ୍ତି ସେହି ମହାନ୍ ଘଟଣାଟି ସମ୍ପର୍କରେ ଯାହା ହେଉଛି ପ୍ରଭୁ ଶ୍ରୀଅରବିନ୍ଦଙ୍କ ସହ ତାଙ୍କର ସାକ୍ଷାତ୍, ଯେଉଁ ସାକ୍ଷାତ୍କାର ଭିତରେ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ନିହିତ ଅଛି ଭବିଷ୍ୟତର ଏକ ବିଶାଳ ଚମତ୍କାର ଆଧ୍ୟାତ୍ମିକ ପରିପ୍ରକାଶର ଗୂଢ଼ ସୂଚନା ।

ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ୨୮ ଜୁଲାଇ, ୧୯୧୪ ମସିହାରେ ଏବଂ ଶେଷ ହେଲା ୧୧ ନଭେମ୍ବର, ୧୯୧୮ରେ । ଯୁଦ୍ଧ ଆରମ୍ଭ ହେବାର ପାଞ୍ଚ ମାସ ପୂର୍ବରୁ ମା'ଙ୍କର ଏହି ଜଳଯାତ୍ରା ଭାରତ ଅଭିମୁଖରେ । ସେହି ସମୟରେ ପୃଥିବୀ ଏବଂ ମନୁଷ୍ୟଜାତି ଏକ ସଙ୍କଟ ମୁହୂର୍ତ୍ତ ଦେଇ ଗତି କରୁଥାଏ । ଆସନ୍ନ ବିପଦର କରାଳଛାୟା କ୍ରମଶଃ କାୟା ବିସ୍ତାର କରୁଥାଏ । ମାନବ ସମାଜ ଆଶଙ୍କାଗ୍ରସ୍ତ । ସେହି ସମୟରେ ଲେଖା ହୋଇଛି ମା'ଙ୍କର 'ଧ୍ୟାନ ଓ ପ୍ରାର୍ଥନା' ଯାହା ତତ୍କାଳୀନ ସମାଜର ଏକ ରେକର୍ଡ଼ ବା ଦଲିଲ – ଯେଉଁଥିରେ ପ୍ରତ୍ୟେକ ଅଭିଲେଖ, ପ୍ରତ୍ୟେକ ଶବ୍ଦ ଭିତରେ ଏକ ଅନ୍ତର୍ନିହିତ ସତ୍ୟ ବିରାଜିତ, ଯାହା ଭିତରେ ନିର୍ଦ୍ଦିଷ୍ଟ ସଚେତନତା ଏବଂ ଭବିଷ୍ୟତର ଉଦ୍ଦେଶ୍ୟ ପ୍ରଚ୍ଛନ୍ନ ଭାବରେ ଅନୁଭବ କରି ହୁଏ । ଦିବ୍ୟଜନନୀ ଶ୍ରୀମା ହେଉଛନ୍ତି 'The Divine Creatrix', ଅର୍ଥାତ୍ 'ଦିବ୍ୟ ସୃଷ୍ଟିକାରିଣୀ ଶକ୍ତି' । ଲକ୍ଷ ଲକ୍ଷ ଜଗତକୁ ସେ ଗଢ଼ୁଛନ୍ତି ପୁଣି ଭାଙ୍ଗୁଛନ୍ତି ମଧ୍ୟ । ସେଥିପାଇଁ ସେ ସଚେତନ ଅଛନ୍ତି ନିଜ ସମ୍ବନ୍ଧରେ ଏବଂ ନିଜର କାର୍ଯ୍ୟ ସମ୍ବନ୍ଧରେ । ଆମେ ଜାଣୁ ଶ୍ରୀଅରବିନ୍ଦ ଯେଉଁ ଜାହାଜରେ ଇଂଲଣ୍ଡରୁ ଭାରତକୁ ଫେରିବା ନିମନ୍ତେ ଟିକଟ କରିଥିଲେ ତାହା ଗଭୀର ସମୁଦ୍ରରେ ବୁଡ଼ିଗଲା, କିନ୍ତୁ ସେ ଶେଷ ମୁହୂର୍ତ୍ତରେ ନିଜର ନିଷ୍ପତ୍ତି ପରିବର୍ତ୍ତନ କରି ଅନ୍ୟ ଏକ ଜାହାଜରେ ଆସି ବମ୍ବେର ଆପୋଲ ବନ୍ଦରରେ ପହଞ୍ଚିଲେ । କିନ୍ତୁ ପ୍ରଥମ ଜାହାଜଟି ଜଳମଗ୍ନ ହୋଇଯିବାର ସମ୍ବାଦ ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କ ପିତା ଡ. କୃଷ୍ଣଧନ ଘୋଷଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇ ଯାଇଥିଲା । ଏହା ଥିଲା ବିରୋଧୀ ଶକ୍ତିମାନଙ୍କର ଲୀଳାଖେଳା । କିନ୍ତୁ ''ଏହା ହେଉଛି ଭଗବାନଙ୍କର ଦିବ୍ୟ-ହସ୍ତକ୍ଷେପ ଯାହା ଶ୍ରୀଅରବିନ୍ଦଙ୍କୁ ଅନ୍ୟ ଏକ ଜାହାଜରେ ଆସିବା ନିମନ୍ତେ ସିଦ୍ଧାନ୍ତ ନେବାରେ ସାହାଯ୍ୟ କରିଥିଲା ।'' ଏହା ହେଉଛି 'a state of total alert silence' ଯାହା ସମ୍ପୂର୍ଣ୍ଣ ସତର୍କ କରି ଦେବାର ନୀରବତାର ଅବସ୍ଥା ।

ଉକ୍ତ ପ୍ରାର୍ଥନାର ପ୍ରଥମ ଅନୁଚ୍ଛେଦରେ ମା' ଦୁଇ ପ୍ରକାର ନିରବତାର ଶକ୍ତି ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ରାତ୍ରିର ଘନ ଅନ୍ଧକାର ଭିତରେ ସମୁଦ୍ରର ନୀଳ ଜଳରାଶି ଏବଂ ଅଭ୍ୟନ୍ତରରେ ସ୍ଥିତ ସକଳଙ୍କ ଭିତରେ ପରମ ପ୍ରଭୁଙ୍କର ପ୍ରଶାନ୍ତି ବିରାଜମାନ; ପୁନଶ୍ଚ ଦିବ୍ୟ ଜନନୀଙ୍କର ହୃଦୟରେ ବିରାଜିତ ଦିବ୍ୟ ପ୍ରଶାନ୍ତିର ନିରବତା । ଏହି ନିରବତା ଦ୍ୱୟ ଏକତ୍ରିତ ହୋଇ ପ୍ରଭୁଙ୍କର ଦିବ୍ୟ ପ୍ରଶାନ୍ତିକୁ ଏତେ ଶକ୍ତିଶାଳୀ କରି ଦେଇଛନ୍ତି ଯେ ବିରୋଧୀଶକ୍ତିମାନଙ୍କର କୌଣସି ପ୍ରକାରର ଗଣ୍ଡଗୋଳ, ଧ୍ୱଂସକାରୀ କାର୍ଯ୍ୟକଳାପ ତାହା ସମ୍ମୁଖରେ ତିଷ୍ଠି ରହିପାରୁ ନାହିଁ । ସୁତରାଂ ଏହି ଶକ୍ତିଶାଳୀ 'ନିରବ ଶକ୍ତି' ଦ୍ୱୟକୁ ପ୍ରାପ୍ତ ହେବା ନିମନ୍ତେ ମା'ଙ୍କର ଏହା ଏକ ସ୍ୱୟଂସିଦ୍ଧ, ସୁପରୀକ୍ଷିତ ସିଦ୍ଧାନ୍ତ ଏବଂ ଏକ ମନ୍ତ୍ରଶକ୍ତି । ଏତାଦୃଶ ଅପରିବର୍ତ୍ତନୀୟ ସ୍ଥିର ପ୍ରଶାନ୍ତ 'ମନ୍ତ୍ରଶକ୍ତି' ଧାରଣପୂର୍ବକ ଦିବ୍ୟଜନନୀ ସ୍ୱୟଂ ନିଜର କୃପାଦୃଷ୍ଟି ଢାଳି ଦେଇଛନ୍ତି ଜାହାଜର ନାବିକ, ପରିଚାଳକବୃନ୍ଦ ତଥା ଯାତ୍ରୀମାନଙ୍କ ଉପରେ । ସେମାନଙ୍କୁ ସୁରକ୍ଷିତ ରଖିବାକୁ ପ୍ରଭୁଙ୍କୁ ନିବେଦନ କରିଛନ୍ତି ।

ପୁନଶ୍ଚ ଉକ୍ତ ପ୍ରାର୍ଥନାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କଥା ଆମ ଦୃଷ୍ଟିରେ ପଡ଼େ । ପ୍ରଥମତଃ, ସେହି ଜାହାଜରେ ଯାତ୍ରା କରୁଥିବା ଅଚେତନ ଯାତ୍ରୀ, ଯେଉଁମାନେ ଦିବ୍ୟଜନନୀଙ୍କ ସହିତ ଯାତ୍ରା କରୁଛନ୍ତି; ଯଦିଓ ସେମାନଙ୍କ ଚେତନାକୁ ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ବିଶୁଦ୍ଧତା ସ୍ତରକୁ ଉଠାଇ ନେବାକୁ ମା' ଇଚ୍ଛା କରୁଛନ୍ତି, ଫଳତଃ ସେମାନଙ୍କ ଭିତରେ ଥିବା ଅଶୁଦ୍ଧ ତତ୍ତ୍ୱ ତଥା ବିରୋଧୀ ଶକ୍ତିସକଳ ଜାହାଜକୁ ଆକ୍ରମଣ କରିବାକୁ ସାହସ କରିପାରିବେ ନାହିଁ । ଚତୁଃପାର୍ଶ୍ୱସ୍ଥ ବାତାବରଣ, ସ୍ଥଳଭାଗ, ଯେଉଁସବୁ ସୁବିଧା ସୁଯୋଗ ସେସବୁକୁ ନେଇ ସମସ୍ତଙ୍କୁ ଏକ ନିର୍ଦ୍ଦିଷ୍ଟ ଦିବ୍ୟ ବାତାବରଣ ଭିତରକୁ ଉଠାଇ ନେବାକୁ ମା'ଙ୍କର ଇଚ୍ଛା । ଦ୍ୱିତୀୟତଃ, ପ୍ରାର୍ଥନାଟିକୁ ଅନ୍ତରସ୍ଥ ନିରବତା ମଧ୍ୟରେ ପାଠ କଲେ ମନେ ହୁଏ ଦିବ୍ୟଜନନୀ ଏକ ଅପୂର୍ବ ସୁବର୍ଣ୍ଣ-ସିଂହାସନ ଉପରେ ଉପବେଶନପୂର୍ବକ ତାଙ୍କର ନିଜସ୍ୱ ଦିବ୍ୟ ଶକ୍ତିର ଜ୍ୟୋତିକୁ ଚତୁର୍ଦ୍ଦିଗକୁ ବିକିରିତ କରୁଛନ୍ତି, ସକଳଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି ।

ଦିବ୍ୟଜନନୀ ତାଙ୍କ ଅଭୟ ପ୍ରଦାନକାରୀ ଦିବ୍ୟ-ବାହୁ-ଦ୍ୱୟକୁ ବିସ୍ତାରିତ କରି ଦିବ୍ୟକୃପା ଓ କରୁଣାର ବାରି ସିଞ୍ଚନପୂର୍ବକ ପୃଥିବୀର ସକଳ ଜୀବସତ୍ତାମାନଙ୍କୁ ନିଜ ବକ୍ଷଦେଶ ଆଡ଼କୁ ଆଉଜାଇ ନେଇଛନ୍ତି । ଏତାଦୃଶ କୃପାର ବନ୍ଧନ ଭିତରେ ମା' ସକଳଙ୍କୁ ବାନ୍ଧି ରଖିଛନ୍ତି, ସେମାନେ ପରିଚିତ ହୁଅନ୍ତୁ ବା ନହୁଅନ୍ତୁ ସେକଥା ବିଚାରକୁ ନେଇ ନାହାନ୍ତି । ଯେଉଁମାନେ ପ୍ରଭୁଙ୍କ ବିଷୟରେ ସଚେତନ ଅଥବା ଅଚେତନ, ଯେଉଁମାନଙ୍କର ଶରୀର ଅଛି ଏବଂ ଯେଉଁମାନେ ଶରୀର ଧାରଣ କରି ନାହାନ୍ତି, ଅର୍ଥାତ୍ ଅଶରୀରୀ । ଯେଉଁମାନଙ୍କୁ ସେ ମନେ ରଖିଛନ୍ତି ବା ଭୁଲି ଯାଇଛନ୍ତି ସମସ୍ତଙ୍କ ପାଇଁ ପ୍ରଭୁଙ୍କୁ ନିବେଦନ କରି ଜଣାଉଛନ୍ତି ଏବଂ କହୁଛନ୍ତି, ''ହେ ପ୍ରଭୁ ! ସକଳଙ୍କୁ ତୁମର ପ୍ରଶାନ୍ତି ପ୍ରାପ୍ତ ହେଉ ଯାହା ସେମାନଙ୍କର ବ୍ୟର୍ଥତା, ଅଶାନ୍ତି ଏବଂ ଉତ୍ତେଜନାକୁ ପ୍ରଶମିତ କରିଦେବ । ଏହି ପବିତ୍ର, ନିର୍ମଳ ଏବଂ ନିଷ୍କଳଙ୍କ ଅବସ୍ଥା ଭିତରେ ସେମାନେ ନିମଗ୍ନ ହୋଇଯାଇ ପାରିବେ । ଏହି ଅବସ୍ଥା ତୁମର ସୃଷ୍ଟି ପାଇଁ, ଏଠାରେ ସ୍ଥିତ ସକଳ ଜୀବସତ୍ତାମାନଙ୍କ ପାଇଁ ଉଦ୍ଦିଷ୍ଟ 'ଦିବ୍ୟ ପ୍ରେମ' ଭିତରକୁ ସେମାନଙ୍କୁ ଟାଣି ନେଇଯାଇ ପାରିବ ।''

ମା' କିପରି ତାଙ୍କର ସନ୍ତାନମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ସର୍ବଦା ପ୍ରସ୍ତୁତ ହୋଇ ରହିଥା'ନ୍ତି ତାହା ନିମ୍ନୋକ୍ତ ଆଲୋଚନାରୁ ପ୍ରତୀୟମାନ ହେବ –

କଲିକତାର ଜନୈକ ଐତିହାସିକ ବ୍ୟକ୍ତିତ୍ୱ, ଶିକ୍ଷାବିତ୍, ସମାଜ-ସଂସ୍କାରକ ତଥା ଆଧ୍ୟାତ୍ମିକ ଭାବାପନ୍ନ ବ୍ୟକ୍ତି ଯାହାଙ୍କ ନାମ ''ଜେ'' ୧୯୬୭ ମସିହାରେ ପଣ୍ଡିଚେରୀରେ ଅନୁଷ୍ଠିତ ହେଉଥିବା 'World Union Conference' ବା 'ବିଶ୍ୱ-ଐକ୍ୟ ସମ୍ମିଳନୀ'ରେ ଯୋଗଦାନ କରିବାକୁ ପଶ୍ଚିମବଙ୍ଗର ପ୍ରତିନିଧି ଭାବରେ ସେ ଆଶ୍ରମକୁ ଆସିଥିଲେ । ସେତେବେଳେ ଅଗଷ୍ଟ ୧୫ରେ ବାଲ୍‌କୋନିରେ ଦିବ୍ୟଜନନୀ ଶ୍ରୀମା'ଙ୍କୁ ଦର୍ଶନ କରିଥିଲେ । ଦର୍ଶନ ପରେ ତାଙ୍କର ମନେ ହେଲା ପଣ୍ଡିଚେରୀ ଯେପରି ତାଙ୍କ ନିଜ ଘର, ସବୁକିଛି ତାଙ୍କୁ ସୌନ୍ଦର୍ଯ୍ୟମୟ ଏବଂ ପୂର୍ବ ପରିଚିତ ପରି ବୋଧ ହେଲା । ଅଗଷ୍ଟ ୨୦ ତାରିଖ ଥିଲା ତାଙ୍କର ଜନ୍ମଦିନ । ପନ୍ଦର ଜଣ ପ୍ରତିନିଧିଙ୍କ ମଧ୍ୟରୁ କେବଳ ତାଙ୍କୁହିଁ ମା'ଙ୍କ ପ୍ରକୋଷ୍ଠରେ ଦର୍ଶନର ସୁଯୋଗ ପ୍ରାପ୍ତ ହେଲା । ସେ ପ୍ରକୋଷ୍ଠ ମଧ୍ୟକୁ ପ୍ରବେଶ କରି ଦେଖିଲେ ମା' ତାଙ୍କ ଚୌକିରେ ଉପବେଶନ କରିଛନ୍ତି । ସେ ନତଜାନୁ ହୋଇ ଚକ୍ଷୁଦ୍ୱୟ ମଧ୍ୟ ଦେଇ ନିଜର ପ୍ରାର୍ଥନା ନିବେଦନ କଲେ । ମା' ମଧ୍ୟ ତାଙ୍କ ଦିବ୍ୟ ଦୃଷ୍ଟି ଦ୍ୱାରା ତାଙ୍କ ପ୍ରାର୍ଥନାର ପ୍ରତ୍ୟୁତ୍ତରରେ କହିଲେ, ''ମୁଁ ତୁମକୁ ସୁରକ୍ଷା ପ୍ରଦାନ କରିବି । ତୁମର ପ୍ରାର୍ଥନା ଗ୍ରହଣ କଲି ।'' ସେ କହିଲେ, ''ମା' ମୁଁ ଶୁଣିଛି ତୁମେ ଲୋକଙ୍କୁ ସମ୍ପୂର୍ଣ୍ଣ ବଦଳାଇ ଦିଅ, ରୂପାନ୍ତର କରିଦିଅ, ମୋର ହୃଦୟକୁ

ସ୍ପର୍ଶ କରି ମୋତେ ବଦଳାଇ ଦେବାକୁ ମୁଁ ପ୍ରାର୍ଥନା କରୁଛି ।'' ମା' ତାଙ୍କ ମୁଣ୍ଡକୁ ଆଉଁଶି ଦେଲେ, ଛାତିକୁ ସ୍ପର୍ଶ କଲେ ଏବଂ ଅପୂର୍ବ ମଧୁର ଦିବ୍ୟହାସ୍ୟର ଧାରାରେ ଅବଗାହନ କରାଇ ଦେଲେ । ପ୍ରକୋଷ୍ଠର ବାହାରକୁ ଆସିବା ପରେ ସେ ଅନୁଭବ କଲେ ଯେ ତାଙ୍କ ଭିତରେ ଦିବ୍ୟାନନ୍ଦ (divine ecstasy) ପରିପୂର୍ଣ୍ଣ ହୋଇ ରହିଛି ଏବଂ ସେ ଏକ ପରିବର୍ତ୍ତିତ ବ୍ୟକ୍ତିତ୍ୱରେ ପରିଣତ ହୋଇ ଯାଇଛନ୍ତି । ତତ୍ପରେ ସେ କଲିକତାକୁ ଫେରି ଆସିଲେ ।

ଇତ୍ୟବସରେ କଲିକତାର 'କେ' ନାମ୍ନୀ ଜନୈକା ସୁଶ୍ରୀ ସଙ୍ଗୀତ ବିଶାରଦା କନ୍ୟାଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହେଲା । ପଣ୍ଡିଚେରୀରୁ ଫେରିବା ସମୟରେ ସେ ମା' ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କର ଦୁଇଟି ବଡ଼ ଫଟୋଗ୍ରାଫ୍ ଆଣିଥିଲେ । ସେ ଦୁଇଟି ଫଟୋକୁ ତାଙ୍କ ଘରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ସ୍ଥାପନ କରି ପ୍ରତ୍ୟହ ସନ୍ଧ୍ୟାରେ ପ୍ରାର୍ଥନା, ଆରାଧନା ତଥା ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ରଚିତ ପୁସ୍ତକ ପାଠର ବ୍ୟବସ୍ଥା କଲେ । ଫଟୋ ଦୁଇଟିକୁ ଦର୍ଶନ କରି ତାଙ୍କ ଧର୍ମପତ୍ନୀ ଆଶ୍ଚର୍ଯ୍ୟ ହୋଇ କହିଲେ, 'ମୁଁ ତାଙ୍କୁ ଜାଣିଛି, ମୁଁ ତାଙ୍କୁ ଆଗରୁ ପ୍ରାପ୍ତ ହୋଇଛି ।' ସେ କହି ଚାଲିଥା'ନ୍ତି, 'ମୁଁ ଭଲ ଗୀତ ଗାଉଥିବାରୁ ସ୍କୁଲ ଡ୍ରାମାରେ ମୋତେ ଦେବର୍ଷି ନାରଦ ଭୂମିକାରେ ଅଭିନୟ କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ଅଭିନୟଟିକୁ ଚମତ୍କାର ଭାବରେ କରିପାରି ଥିବାରୁ ମୋତେ ପୁରସ୍କାର ସ୍ୱରୂପ ଶ୍ରୀଅରବିନ୍ଦଙ୍କର ଜୀବନୀ ପୁସ୍ତକଟିଏ ମିଳିଥିଲା ଏବଂ ସେହି ପୁସ୍ତକଟି ବର୍ତ୍ତମାନ ସୁଦ୍ଧା ମୋ ପାଖରେ ଅଛି ।' — ଏହାହିଁ ପ୍ରଭୁଙ୍କ କୃପା ।

(How they came to Sri Aurobindo and The Mother, Vol. II, ପୁସ୍ତକର ପୃଷ୍ଠା. ୧୫୯ - ୧୬୧ରୁ ସଂଗୃହୀତ)

ମାତୃସନ୍ତାନମାନେ, ଦିବ୍ୟଜନନୀ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସହିତ ଆମ୍ଭମାନଙ୍କର ସମ୍ପର୍କ ଜନ୍ମଜନ୍ମାନ୍ତରର, ସଦାସର୍ବଦା ସେମାନେ ଆମ ସହ ରହିଛନ୍ତି ଏବଂ ସୁରକ୍ଷା ପ୍ରଦାନ କରୁଛନ୍ତି ।

(କ୍ରମଶଃ)

❑❑❑

### ତଥ୍ୟ ନିର୍ଦ୍ଦେଶିକା

(୧) Prayers and Meditations – The Mother
(୨) Musing with the Mother's Prayers and Meditations' – Vol. I by Shyam Kumari

ପ୍ରାଣିକ ଶକ୍ତିଗୁଡ଼ିକ ପ୍ରାୟ ସବୁ ସ୍ଥାନରେ ଥାଆନ୍ତି । ଯଦି ତୁମେ ସେହି ଶକ୍ତିମାନଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ କର, ତେବେ ତୁମେ ଯେଉଁଠି ଥାଅନା କାହିଁକି, ସେମାନେ ତୁମ ଭିତରକୁ ସହଜରେ ପ୍ରବେଶ କରିବେ । ଯିଏ ସାଧନା କରିବାକୁ ଚାହେଁ, ସେ ଏସବୁ ଭୟ, ଆତଙ୍କକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ଯୋଗ-ଜୀବନ ସକାଶେ ଏପରି ଦୁର୍ବଳତା ନିହାତି ଅସଂଗତ କଥା । ଯଦି ସାଧକ ଏହାକୁ ଦୂରକୁ ଫିଙ୍ଗି ଦେଇ ନପାରେ, ତେବେ ଯୋଗ-ଜୀବନ ପାଇଁ ଚେଷ୍ଟା ନ କରିବା ବରଂ ଅଧିକ ନିରାପଦ ହେବ । ନିଜ ମଧରେ ଗୋଟିଏ ବିଜୟ ଲାଭ କରିବା ଅର୍ଥ ଅଧିକ ବିଜୟ ହାସଲ କରିବା ଦିଗରେ ବୃହତ୍ତର ଶକ୍ତି ଲାଭ କରିବା ।

ଯେତେବେଳେ ତୁମ ମଧରେ କୌଣସି ଦୁର୍ବଳତା ଦେଖାଦିଏ, ସେତେବେଳେ ତୁମେ ଜାଣିବାର ସୁଯୋଗ ପାଅ ଯେ ଚେତନାର କେଉଁ ଅଂଶଟି ଏପର୍ଯ୍ୟନ୍ତ ରୂପାନ୍ତରିତ ହୋଇ ନାହିଁ, ଏବଂ ସେହି ଅଂଶକୁ ଶକ୍ତିଶାଳୀ କରିବା ପାଇଁ ଊର୍ଦ୍ଧ୍ୱସ୍ଥ ଶକ୍ତିକୁ ଆବାହନ କରିବ ।

— ଶ୍ରୀଅରବିନ୍ଦ

# କାରା-ଜୀବନୀ

## (୭)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଛାଡ଼, ବର୍ତ୍ତମାନ ଆଉ ଆମର ଏଇ ସମସ୍ତ ଗବେଷଣା ନେଇ ମୁଣ୍ଡ ନ ଖେଳାଇଲେ ବି ଚଳିବ, ଆମ ଇତିବୃତ୍ତର ପୁନରାରମ୍ଭ କରାଯାଉ । ମା, ବାବା ସେଠାରୁ ଚାଲି ଆସିବା ପରେ ମୁଁ ମଧ୍ୟ ପୁନରାୟ ଆମର କର୍ମସ୍ଥଳି (Criminal enclosure)କୁ ଫେରି ଆସିଲି । ଏଥର ବି ପୂର୍ବପରି ତନ୍ତ କାର୍ଯ୍ୟ କରିବାକୁ ଆରମ୍ଭ କଲି ଏବଂ ସକାଳ ଠାରୁ ଉପରଓଳି ଚାରିଟା ପର୍ଯ୍ୟନ୍ତ ଏଇ କାମହିଁ କରୁଥିଲି । ମଝିରେ କେବଳ ଭୋଜନ ପାଇଁ ଅଧଘଣ୍ଟା କି ଘଣ୍ଟାଏ ଛୁଟି ନେଉଥିଲି । ତେବେ ଏଠାକାର କାମରେ ଏଇ ସୁବିଧା ଥିଲା ଯେ କେହି କେବେ ବି କାର୍ଯ୍ୟ ପାଇଁ ଜୋର୍ ଜବରଦସ୍ତି କରୁ ନଥିଲେ, ସୁତରାଂ ଯାହା କିଛି କରୁଥିଲି ନିଜର ଇଚ୍ଛାଧୀନ ଥିଲା ବୋଲି କାମଟା ବୋଝ ପରି ଲାଗୁ ନଥିଲା, ଏବଂ ତଦ୍ଦ୍ୱାରା ଅନେକ ବେଶୀ କାମ ମଧ୍ୟ କରି ପାରୁଥିଲି ।

ଏଠାରେହିଁ ବେଶ୍ ବୁଝାଯାଏ ଯେ ଅନବରତ କାମ ପାଇଁ ଗଣ୍ଡଗୋଳ ନକରି ଯଦି ତାହା ମଣିଷର ସ୍ୱାଧୀନ କର୍ତ୍ତବ୍ୟ-ବୁଦ୍ଧି ଉପରେ ଛାଡ଼ି ଦିଆଯାଏ, ତା'ହେଲେ ସେ ଯେପରି ସୁସ୍ଥ ବୋଧ କରେ ଏବଂ କାମ କରିପାରେ, ତା'ର ଇଚ୍ଛା ବିରୋଧରେ ତା' କାନ୍ଧରେ କାମ ଚାପି ଆଦାୟ କରିବାକୁ ଗଲେ କେବେ ବି ସେ ସେଭଳି କାର୍ଯ୍ୟ କରି ପାରିବ ନାହିଁ, ଫଳତଃ ''ଯେନ ତେନ ପ୍ରକାରେଣ'' କାର୍ଯ୍ୟଟି କରି ସମାପ୍ତ କରେ ଏବଂ ସୁବିଧା ପାଇଲେହିଁ ହାତଛଡ଼ା ଦେବାକୁ ଚେଷ୍ଟା କରେ ।

ଦିନେ ସକାଳବେଳା ସେପର୍ଯ୍ୟନ୍ତ କାମକୁ ଯାଇ ନାହିଁ, କେବଳ ଯିବା ପାଇଁ ପ୍ରସ୍ତୁତ ହେଉଛି, ଏପରି ସମୟରେ ଦେଖିବାକୁ ପାଇଲି ଫାଟକ ଦିଗରୁ ତିନି, ଚାରି ଜଣ ସ୍ତ୍ରୀଲୋକ ଆମର ତନ୍ତ କାରଖାନା ଦିଗକୁ ଆସୁଛନ୍ତି । ମୁଁ ଗୋଟିଏ ପାଖକୁ ଘୁଞ୍ଚି ଛିଡ଼ା ହେବାରୁ ସେମାନେ ତନ୍ତଶାଳାରେ ପ୍ରବେଶ କଲେ ଏବଂ ମୁଁ ବି ତାଙ୍କ ପଛେ ପଛେ ଅଗ୍ରସର ହୋଇ କାରଖାନାର ପ୍ରବେଶ ଦ୍ୱାର ନିକଟରେ ଛିଡ଼ା ହେଲି । ସେମାନେ ସିଧାସଳଖ ତନ୍ତଶାଳାର ଏକ ପ୍ରାନ୍ତରୁ ଅପର ପ୍ରାନ୍ତକୁ ଯାଇ ଫେରିବା ସମୟରେ ସେମାନଙ୍କ ମଧ୍ୟରୁ ଜଣେ ହଠାତ୍ ଯେପରି ମୋତେ ଲକ୍ଷ୍ୟ କରି ଏକେବାରେ ଏକ ନିଃଶ୍ୱାସରେ ମୋ ଆଡ଼କୁ ଅଗ୍ରସର ହେବାକୁ ଲାଗିଲା ଏବଂ ନିକଟକୁ ଆସିବା ପରେ ମନେ ହେଲା ଯେମିତି ମୋତେ ହାତ ବଢ଼ାଇ ଧରିବାକୁ ଚେଷ୍ଟା କରୁଛି, କିନ୍ତୁ କୌଣସିମତେ ସେପରି ସେ କରିପାରୁ ନାହିଁ, ଶେଷରେ ହାର ମାନି କହିଲା, ''ନା, ଏଥର ନୁହେଁ'' । ମୁଁ ଚାହିଁ ଦେଖିଲି ମୋର ଯେଉଁ ଆତ୍ମୀୟାର କଥା ପୂର୍ବେ ଆଣ୍ଡାମାନର ବିବରଣୀରେ ଉଲ୍ଲେଖ କରିଛି ଏ ହେଉଛନ୍ତି ସେଇ, କେବଳ ଗଠନଟା ଟିକିଏ ଲମ୍ବା ଆକାରର, ହାତରେ ଗିଲ୍‌ଟି ସୁନାର ଚୁଡ଼ି ଓ କାନରେ – ପୂର୍ବେ ତା'ର କାନଫୁଲ ଯେପରି ଦେଖିଛି, ଠିକ୍ ସେହିପରି, ତେବେ ଟିକିଏ ବଡ଼ ଏବଂ ସବୁଗୁଡ଼ିକ ଗିଲ୍‌ଟି ସୁନାର କାମ, ପରିଧାନରେ ଖଣ୍ଡିଏ ଗୋଲାପି ରଙ୍ଗର ଶାଢ଼ି । ତା'ର ସଙ୍ଗିନୀମାନେ ସମସ୍ତେ ମାନ୍ଦ୍ରାଜର ମହିଳା । ଘଟଣାଟି ଦେଖି ଆମେ ଉଭୟେ କିଛି ସମୟ ସ୍ତମ୍ଭୀଭୂତ ହୋଇ ଛିଡ଼ା ହେଲୁ, ଶେଷରେ ସମସ୍ତେ ମିଶି ବାହାରକୁ ଆସିବା ପରେ ଯାହାକିଛି କଥାବାର୍ତ୍ତା ହେଲା, ସେଥିରେ ମୁଁ କେବଳ ମୂକ ଭଳି ମୁଣ୍ଡ ହଲାଇ ସମ୍ମତି ବା ଅସମ୍ମତି ଜ୍ଞାପନ କଲି ମାତ୍ର ।

ଏଠାରେ କହି ରଖିବା ଆବଶ୍ୟକ ଯେ ଏପର୍ଯ୍ୟନ୍ତ ମୋ ପାଖରେ ଯେତେଥର ଏହିପରି ଆକସ୍ମିକ ଆବିର୍ଭାବ ଘଟିଛି, ପ୍ରତିଥରହିଁ ମୋତେ ପରସ୍ପର କଥାବାର୍ତ୍ତା ମଧ୍ୟରେ ମୂକ ରୂପେ ରହିବାକୁ ହୋଇଛି; ଥରେ ବି ମୁହଁ ଖୋଲି କଥା କହି ପାରି ନାହିଁ । ତେବେ ଏହା ବି କହେ, ଏଇ ମୂକ ଅବସ୍ଥା ପାଇଁ ସେମାନଙ୍କ ନିକଟରେ ନିଜର ମନୋଭାବ ପ୍ରକାଶ କରିବାରେ କୌଣସି ଅସୁବିଧା ଅନୁଭବ କରି ନାହିଁ । କୁହାଯାଇପାରେ ଯେ ମୋର ମନର ଅବିକଳ ଭାବଟି ଯେପରି ଠିକ୍ ସମୟରେ ମୋ ମୁହଁରୁ କାଢ଼ିନେଇ ସେମାନେ ମୋ ନିକଟରେ ଉପସ୍ଥାପିତ କରିଛନ୍ତି, ସେଥିରେ ସମ୍ମତି ବା ଅସମ୍ମତିସୂଚକ କୌଣସି ଇଙ୍ଗିତ କରିଲେହିଁ ତାହା ମୋ ପକ୍ଷରେ ଯଥେଷ୍ଟ । ଏହିପରି କିଛି ସମୟ କଥାବାର୍ତ୍ତା ପରେ ସେମାନେ ବାହାରକୁ ଅଗ୍ରସର ହେବାକୁ

ଲାଗିଲେ ଏବଂ ଫାଟକ ନିକଟକୁ ଆସିଲା ବେଳକୁ ମୁଁ ସେତେବେଳେ ବି ସେଠାରେ ଉପସ୍ଥିତ ହୋଇଗଲି । ସେଠାରେ ଜେଲରକ୍ଷୀମାନଙ୍କ ଘରେ ଯେଉଁ ସାହେବ ଓ୍ୱାର୍ଡ଼ର ଉପସ୍ଥିତ ଥିଲେ ସେ ମୋତେ ପଚାରିଲେ, ''ସେ କିଏ ?'' ଅର୍ଥାତ୍ ଏଇ ଗୋଲାପି ରଙ୍ଗର ଶାଢ଼ି ପିନ୍ଧିଥିବା ନାରୀଟି କିଏ ?'' ମୁଁ ଆଉ କ'ଣ କହିବି, ଚୁପ୍ ରହିଲି, ଅର୍ଥାତ୍ – ଅନୁମାନ କରି ନିଅନ୍ତୁ ଏପରି ଏକ ଇଙ୍ଗିତ କଲି ମାତ୍ର । ସାହେବ ଓ୍ୱାର୍ଡ଼ରଟି ସେଠାକାର ସ୍ଥାନୀୟ ଜଣେ ଖ୍ରୀଷ୍ଟିଆନ, ମୋତେ ତାଙ୍କ ନିଜ ସାନ ଭାଇ ପରି ସ୍ନେହ କରୁଥିଲେ ଏବଂ ଜେଲରୁ ଛାଡ଼ ପାଇ କଲିକତା ଆସିବା ବେଳେ ସେହିଁ ମୋତେ ନେଇ ଆସିଥିଲେ । ମୋର ଇଙ୍ଗିତ ବୁଝି ସେ କହିଲେ, ''ବୁଝିପାରିଲି, ଏ ହେଉଛନ୍ତି ତୁମର ପ୍ରଣୟପାତ୍ରୀ, କିନ୍ତୁ ତୁମେ ଭୁଲ୍ କରୁଛ, ଏମାନେ ମାନବୀ ନୁହନ୍ତି ।'' ମୁଁ କଥାଟାକୁ ଆଦୌ ବୁଝି ପାରିଲିନି, ସୁତରାଂ ମୋର ଧାରଣା ପୂର୍ବବତ୍ ରହିଗଲା । ଭାବିଲି ପୂର୍ବେ ଯେପରି କୌଣସି ଉପାୟରେ ଆଣ୍ଡାମାନକୁ ଆସି ଉପସ୍ଥିତ ହୋଇଥିଲା, ଏଥର ବି ସେହିପରି ମୁଁ ଆଣ୍ଡାମାନରୁ ଚାଲି ଆସିଛି ବୋଲି ଏଠାରେ ଆସି ଉପସ୍ଥିତ । ସେମାନେ ଫାଟକ ବାହାରକୁ ଆସି ଚାଲିଯିବାକୁ ଲାଗିଲେ ଏବଂ ମୁଁ କେବଳ ଅବାକ୍ ହୋଇ ସେମାନଙ୍କ ଦିଗକୁ ଚାହିଁ ରହିଲି, ଅବଶେଷରେ କିଛିଦୂର ଅଗ୍ରସର ହେବାପରେ ସେ ଯେପରି ମୋର ଏପରି ସତୃଷ୍ଣଦୃଷ୍ଟି ସହ୍ୟ କରି ନପାରି ମୋତେ ଆଶ୍ୱାସ ଦେବା ପାଇଁ କହିଲା – ''ଏମିତି ଚାହିଁ ରୁହନା, ମୁଁ ପାଖରେ ହିଁ ଅଛି, ଭୟ କ'ଣ ? ମଝିରେ ମଝିରେ ଦେଖା ହେବ ।'' ମୁଁ ଯେପରି ଏଇ କଥାରେ ଆଶ୍ୱସ୍ତ ହୋଇ ଫେରିଲି । ସେତେବେଳ ପର୍ଯ୍ୟନ୍ତ ଯାହାକିଛି କଥାବାର୍ତ୍ତା ହେଲା ସବୁ ଇଂରାଜୀରେହିଁ ହେଲା ଏବଂ ସେ ଏପରି ସ୍ୱଚ୍ଛନ୍ଦଭାବେ ଇଂରାଜୀ କହିବା ଶିଖିଛି ଦେଖି ଆଶ୍ଚର୍ଯ୍ୟ ହେଲି ଏବଂ ଖୁସୀ ମଧ୍ୟ ହେଲି ।

ଏଇ ଘଟଣା ପରେ ଆଉ ଦିନେ ସନ୍ଧ୍ୟାବେଳେ ସମସ୍ତେ ଖିଆପିଆ ପରେ ସ୍ୱାଭାବିକଭାବେ ନିଜ କୋଠରି ଅବା ଘରେ ରହିଛନ୍ତି, ସେହି ସମୟରେ କେମିତି କେଜାଣି କେଉଁଠାରୁ ମୋର ପୂର୍ବୋକ୍ତା ଆତ୍ମୀୟାଟି ଆସି ମୋ କୋଠରି ଆଗରେ ହାଜର; ଏଥର କିନ୍ତୁ ଆଉ ସଙ୍ଗିନୀ, ଦଳବଳ କେହି ସଙ୍ଗରେ ନାହାନ୍ତି, ନିଜେ କେବଳ ଏକା । କିଛି ସମୟ ମୋ କୋଠରି ଆଗରେ ଛିଡ଼ା ହୋଇ କଥାବାର୍ତ୍ତା ହେଲା, ଅବଶ୍ୟ ମୁଁ ପୂର୍ବପରି ମୂକ ହୋଇ ରହିଲି ଏବଂ ଇଙ୍ଗିତ ଦ୍ୱାରା ସମ୍ମତି ଅବା ଅସମ୍ମତି ଜଣାଇବାକୁ ଲାଗିଲି । ଏହିପରି ଭାବେ ଆଉ କେତେଦିନ କଟାଇବି ! ପୂର୍ବପରି ଯଦି ଆଣ୍ଡାମାନରେ ଥାଆନ୍ତି ତା'ହେଲେ ହୁଏତ ଦଶବର୍ଷ ପରେ Ticket of leave ନେଇ ବିବାହ ଆଦି କରି ଏକସଙ୍ଗେ ବସବାସ କରିବା ସମ୍ଭବପର ହୁଅନ୍ତା । କିନ୍ତୁ ଏଇ ପାଗଳ ଗାରଦ, ଏଠାରେ ସେ ଧରଣର କୌଣସି ବ୍ୟବସ୍ଥା ନାହିଁ, ସୁତରାଂ ଅନ୍ୟ ଉପାୟ ନଦେଖି କହିଲି (ଅର୍ଥାତ୍ ତା'ରି ମୁହଁରୁ କଥାଟା କୁହାଗଲା, ମୁଁ ସେଥିରେ ସମ୍ମତି ଦେଲି ମାତ୍ର), ''ଆପାତତଃ ନିଜର ଭରଣପୋଷଣ ପାଇଁ କେଉଁଠାରେ ଗୋଟାଏ କାମ ଖୋଜି ନିଅ ଏବଂ ଯେମିତି ବି ହେଉ ଜୀବନଯାପନ କର । କୋଡ଼ିଏ ବର୍ଷ ପରେ ଯଦି ମୁଁ କେବେ କାରାମୁକ୍ତି ଲାଭ କରେ, ପୁନରାୟ ଦେଖା ହେବ ।'' କହିବାବାହୁଲ୍ୟ ମୁଁ ତା' ସହ ପାର୍ଥିବ ଜ୍ଞାନରେ ଯାହାକିଛି କହିବାର ଥିଲା କହିଲି, ନଚେତ୍ ଏପରି କଥା ହେବାର କୌଣସି କାରଣ ନଥିଲା । ସେ ଯଦିବା ମଝିରେ ମଝିରେ ନିଜର ପ୍ରକୃତ ସ୍ୱରୂପରେ ମୋତେ ବୁଝାଇବାର ପ୍ରୟାସ କରିଛି ତଥାପି ମୋ ପକ୍ଷରେ ସେସବୁ ଧାରଣା କରିବା ଏକେବାରେ ସମ୍ଭବ ହୋଇ ନାହିଁ ! ଏକେବାରେ ଜାଜ୍ୱଲମାନ ରକ୍ତମାଂସର ଶରୀର ସମ୍ମୁଖରେ ଛିଡ଼ା ହୋଇ କଥା କହୁଛି, ତା' ସମ୍ବନ୍ଧରେ ଅନ୍ୟ ପ୍ରକାର ଧାରଣା କିପରି ମନରେ ସ୍ଥାନ ପାଇବ ? ସୁତରାଂ ସେବେଠାରୁ ମୋ ମନରେ ଏଇ ଧାରଣା ବଦ୍ଧମୂଳ ହୋଇଗଲା ଯେ ସେ ନିକଟରେହିଁ କେଉଁଠି ରହିଛି; କେବଳ ସେ କାହିଁକି, ମାଆ, ବାବା ମୋ ସହ ଦେଖା କରି ଚାଲିଯିବା ପରଠାରୁ ସେମାନଙ୍କ ସମ୍ବନ୍ଧରେ ମଧ୍ୟ ଏହିପରି ଗୋଟାଏ ଧାରଣା ଜନ୍ମିଲା; କନିଷ୍ଠ ଭ୍ରାତାର କଥା ତ ପୂର୍ବରୁ କହିଛି । ଏହିପରି ଆତ୍ମୀୟସ୍ୱଜନମାନଙ୍କ ମଧ୍ୟରେ କ୍ରମେ ଆହୁରି ଅନେକଙ୍କ ସମ୍ବନ୍ଧରେହିଁ ଏହିପରି ଧାରଣା ଜନ୍ମିବାକୁ ଲାଗିଲା । ସର୍ବଦାହିଁ ଯେମିତି ସେମାନେ ନିକଟରେହିଁ କେଉଁଠି ଅଛନ୍ତି – ଏହିପରି ମନେ ହେଉଥିଲା ।

ଏହାର କାରଣ ସେମାନଙ୍କ ପ୍ରତ୍ୟେକଙ୍କର ଅତିଭୌତିକ ସତ୍ତା ଏମିତି ଭାବେ ମୋର ମାନସ ଆକାଶକୁ ପୂର୍ଣ୍ଣ କରି ରଖିଥାଏ ଯେ ମୋର ସେଥିରେହିଁ ଭ୍ରମ ହୋଇଯାଏ ଏବଂ ମୁଁ ଅନୁମାନ କରି ନେଉଥାଏ ଯେ ସେମାନଙ୍କର ପାର୍ଥିବ ସତ୍ତା ବି ନିକଟରେ କେଉଁଠି ଅବସ୍ଥିତ । ସେତେବେଳେ ବି ଏଇ ଅତିଭୌତିକ ସତ୍ତା ସମ୍ବନ୍ଧରେ ମୋର ଧାରଣା ବିଶେଷ ପରିସ୍ଫୁଟ ହୋଇ ନାହିଁ, ସୁତରାଂ ମୁଁ ପାର୍ଥିବ ସତ୍ତା ସହ ଅନେକ ସମୟରେ

ନିଜକୁ ମିଶାଇ ଦେଇଛି ଏବଂ ଭ୍ରମରେ ପଡ଼ି ଯାଇଛି । ସେତେବେଳେ ମନେ ହୋଇଛି ଅତିଭୌତିକ ସତ୍ତା ଯେତେବେଳେ ଏତେ ନିକଟରେ, ସେତେବେଳେ ପାର୍ଥିବ ସତ୍ତା ମଧ୍ୟ ନିଶ୍ଚୟ ନିକଟରେ କେଉଁଠି ରହିଥିବ, ନଚେତ୍ ଏସବୁ ଆସିବ କିପରି ? ସାଧାରଣ ଭାବରେ ଯେମିତି ଘ୍ରାଣେନ୍ଦ୍ରିୟ ଦ୍ୱାରା କୌଣସି ସୁଗନ୍ଧ ଅନୁଭୂତ ହେଲେ ନିକଟରେ କେଉଁଠି ଏଭଳି କୌଣସି ଏକ ସୁଗନ୍ଧିତ ବସ୍ତୁ ଅଛି ବୋଲି ଅନୁମାନ ହୁଏ ଅଥବା ଶ୍ରବଣେନ୍ଦ୍ରିୟ ଦ୍ୱାରା କୌଣସି ପରିଚିତ କଣ୍ଠସ୍ୱର ଶୁଣିଲେ ସେହି ବ୍ୟକ୍ତିଟି ନିକଟରେ କୌଣସି ଏକ ସ୍ଥାନରେ ରହିଛି ବୋଲି ଅନୁମାନ କରିବାକୁ ଦ୍ୱିଧାବୋଧ ହୁଏ ନାହିଁ, ଏ କ୍ଷେତ୍ରରେ ମୋର ଅନୁମାନ ବି କେତେକଟା ପ୍ରାୟ ତଦ୍ରୂପ; କହିବାକୁ ଗଲେ ଯଦି ଜେଲରୁ ପୂରା ନିଷ୍କୃତି ପାଇ ବାହାରକୁ ନଆସି ଥାଆନ୍ତି ତା'ହେଲେ ମୋର ଏଇ ଭ୍ରାନ୍ତ ଧାରଣା କେବେ ବି ପରିବର୍ତ୍ତିତ ହୋଇ ଥାଆନ୍ତା କି ନାହିଁ କିଏ କହିପାରେ ?

ପ୍ରଥମ ଅବସ୍ଥାରେ ଯେତେବେଳେ ଏଇ ସମସ୍ତ ଛାୟାମୂର୍ତ୍ତିର ଆବିର୍ଭାବ ହେଉଥିଲା, ସେତେବେଳେ ସତ ହେଉ ଅବା ମିଛ ହେଉ, ଏକ ପ୍ରକାର ଆତ୍ମପ୍ରସାଦ ଲାଭ ହେଉଥିଲା — ଆତ୍ମୀୟସ୍ୱଜନଗଣଙ୍କର ଅଭାବଜନିତ ଦୁଃଖ ମନରେ ଖୁବ୍ ଗୋଟାଏ ରେଖାପାତ କରୁ ନଥିଲା । କିନ୍ତୁ କ୍ରମେ ଘଟଣାଟି ଏପରି ଗଡ଼ିଚାଲିଲା ଯେ ଏଇ ଅପରିଚିତ ରାଜ୍ୟ ସହ ନିଃସଂକୋଚରେ ଘନିଷ୍ଠତାର ଫଳ ହାଡ଼େ ହାଡ଼େ ଅନୁଭବ କରିବାକୁ ବାଧ୍ୟ ହେଲି । ଛାଡ଼, ସେକଥା ଏଠାରେ କହିବାର ଆଉ ଆବଶ୍ୟକତା ନାହିଁ । ନିଜର ଅଜ୍ଞତାର ଭାରକୁ ନିଜେ ନ ଭୋଗି ଆଉ କାହା କାନ୍ଧରେ କିପରି ଲଦିବି ?

ବର୍ତ୍ତମାନ କଥା ହେଉଛି ଏହି ସମସ୍ତ ଅତିଲୌକିକ ଶରୀର ସହ ଆମର ଏଇ ପାର୍ଥିବ ଶରୀରର ଏପରି ଧର୍ମଗତ ପାର୍ଥକ୍ୟ କିପରି ସମ୍ଭବପର ହେଉଛି ? ପ୍ରଥମତଃ ଦେଖୁଛି ଆମର ପାର୍ଥିବ ସତ୍ତା ଲାଭ କରିବାକୁ ହେଲେ ଦଶମାସ ଗର୍ଭଧାରଣ ବ୍ୟତୀତ ଗତ୍ୟନ୍ତର ନାହିଁ, କିନ୍ତୁ ସେମାନଙ୍କ ସମ୍ବନ୍ଧରେ ସେମିତି କୌଣସି ବିଧିନିର୍ଦ୍ଦିଷ୍ଟ ନିୟମ ନାହିଁ । ଆମକୁ ଯେପରି ନଗ୍ନ ଦେହରେ ମାତୃକୋଳରେ ଜନ୍ମଗ୍ରହଣ କରିବାକୁ ହୋଇଛି, ସେମାନଙ୍କୁ ସେମିତି କିଛି ବି କରିବାକୁ ହୋଇ ନାହିଁ, ଯଦୃଚ୍ଛାକ୍ରମେ ସେମାନେ ନିଜର ପୂର୍ଣ୍ଣ ଅବୟବ ନେଇ, ଏପରିକି ବସନ ଭୂଷଣରେ ସୁସଜ୍ଜିତ ହୋଇ ଆବିର୍ଭୂତ ହୋଇଛନ୍ତି, ଏମାନଙ୍କ ଲାଗି ମାତୃକୋଳର କୌଣସି ଆବଶ୍ୟକତା ଦୃଷ୍ଟିଗୋଚର ହୁଏ ନାହିଁ, ଏହାର ଅର୍ଥ କ'ଣ ? ଏକହିଁ ଯାତ୍ରାରେ ପୃଥକ୍ ଫଳ କିଭଳି ଭାବେ ସମ୍ଭବ ହେଉଛି ! ଏକେବାରେ ପାର୍ଥିବ ଦେହ ଧାରଣ କରି ଆସିବେ ଅଥଚ ଏଥିରେ ପାର୍ଥିବ ଧର୍ମର କୌଣସି ବନ୍ଧନହିଁ ଦୃଷ୍ଟ ହେବ ନାହିଁ । ଏହା ସ୍ୱୀକାର କରିବାକୁ ଗଲେ ଆମର ଦର୍ଶନ ବିଜ୍ଞାନସବୁ ଏକେବାରେ ବାତିଲ ହୋଇଯିବାର କଥା । କିନ୍ତୁ ତାହା ବି କିପରି ସ୍ୱୀକାର କରିବୁ । ସଚରାଚର ଆମର ପାର୍ଥିବଧର୍ମୀ ଜୀବ ପକ୍ଷରେ ପାର୍ଥିବ ଦର୍ଶନ-ବିଜ୍ଞାନ ଅକାଟ୍ୟ ବୋଲି ପ୍ରମାଣିତ ହୋଇଛି । ସୁତରାଂ ଏହା ସ୍ୱୀକାର କରିବାକୁ ହୋଇଛି ଯେ ଏଇ ଦୁଇ ଆପାତ-ବିପରୀତ ରାଜ୍ୟ ମଧ୍ୟରେ ଅବଶ୍ୟ କେଉଁଠି ନିଶ୍ଚୟ ଏକ ସାମଞ୍ଜସ୍ୟ ରହିଛି, ନଚେତ୍ ସର୍ବତୋଭାବରେ ଏକ ଅନ୍ୟର ସୀମା ବର୍ହିଭୂତ ହୋଇ ରହିଯାଇ ଥା'ନ୍ତା । ପରସ୍ପର ପରସ୍ପର ସହିତ ପରିଚିତ ହେବାର କୌଣସି କାରଣ ହୋଇ ନ ଥାଆନ୍ତା । ବର୍ତ୍ତମାନ ଦେଖାଯାଉ, ଏହି ସାମଞ୍ଜସ୍ୟ କେଉଁଠି ଏବଂ କି ପ୍ରକାରର ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ବାକ୍‌ଶକ୍ତି ଓ କାର୍ଯ୍ୟ ଉପରେ ତୁମର କର୍ତ୍ତୃତ୍ୱ ଲାଭ କରିବାର ସର୍ବୋତ୍ତମ ଉପାୟ ହେଉଛି ପ୍ରଥମେ ତୁମେ ବାହ୍ୟ ମନ ଓ ପ୍ରାଣ ନିକଟରୁ ନିଜକୁ ଅପସାରିତ କରି ଆଣି ରଖିବ ଏବଂ ଆନ୍ତର ନିରବତା ଅର୍ଜନ କରିବ, ଯେଉଁଠାରେ ରହି ତୁମେ ବାହ୍ୟ ଚେତନା ଉପରେ କାର୍ଯ୍ୟ କରିପାରିବ । ଯଦି ଜଣେ ଦିବ୍ୟଜନନୀଙ୍କ ସହିତ ଯଥାର୍ଥ ସଂପର୍କ ରଖିପାରିବ, ତେବେ ସେ ଯେତେ ସାହାଯ୍ୟ ଗ୍ରହଣ ତଥା ବ୍ୟବହାର କରିପାରିବ ତାହା ତାଙ୍କଠାରୁ ନିଶ୍ଚିତରୂପେ ପାଇପାରିବ ।

— ଶ୍ରୀଅରବିନ୍ଦ

# ନୂତନ ଶିକ୍ଷାର ଆହ୍ୱାନ

## (୨୫)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

(୫) ଜୀବନ, ଜଗତ୍ ଓ ଭଗବାନଙ୍କୁ ବ୍ୟକ୍ତି ଏକ ସାମଗ୍ରିକ ଦୃଷ୍ଟିରେ ଦେଖି 'ସମଗ୍ରମ୍ ମାମ୍' ବା ପୂର୍ଣ୍ଣସତ୍ୟର ଉପଲବ୍ଧି କରିବା ପୂର୍ଣ୍ଣାଙ୍ଗ ଶିକ୍ଷାର ସର୍ବୋଚ୍ଚ ଆଦର୍ଶ । ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିରେ ଦେଶ, ଜାତି, ସମାଜ ଓ ପରିବାର – ଏହି ପୃଥିବୀରେ ଭାଗବତ ଅଭିବ୍ୟକ୍ତିର ବିଭିନ୍ନ ଗୋଷ୍ଠୀ ବା ସମଷ୍ଟିଗତ ଆଧାର । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରୟୋଗରେ କେବଳ ବ୍ୟକ୍ତିଗତ ପରିବର୍ତ୍ତନ ନୁହେଁ, ସମଷ୍ଟିଗତ ପରିବର୍ତ୍ତନ ମଧ୍ୟ ହୋଇଥାଏ । ବ୍ୟକ୍ତି-ଜୀବନର ପୂର୍ଣ୍ଣତା, ଜାତି ବା ସମାଜର ପୂର୍ଣ୍ଣତା, ଜଗତର ପୂର୍ଣ୍ଣତା ପ୍ରତି ଅଭିପ୍ରେତ ଶିକ୍ଷାହିଁ ପୂର୍ଣ୍ଣାଙ୍ଗ ଶିକ୍ଷା । ସେଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଜୀବନର ଶିକ୍ଷା, ଜୀବନ ଯୋଗ ବା ପୂର୍ଣ୍ଣାଙ୍ଗ ଯୋଗ । ଏହା ପୂର୍ଣ୍ଣର ଶିକ୍ଷା ଯାହା ସକଳ ଅପୂର୍ଣ୍ଣତା, ଅଜ୍ଞାନତା ଓ ଅସାମର୍ଥ୍ୟରୁ ଆମକୁ ମୁକ୍ତି ପ୍ରଦାନ କରେ । ଏପରିକି ଏହା ଆମକୁ ଅହଂର ପ୍ରଲୋଭନ, ସ୍ୱର୍ଗସୁଖର ପ୍ରଲୋଭନ ଓ ନିର୍ବାଣ ପ୍ରାପ୍ତିର ପ୍ରଲୋଭନରୁ ମୁକ୍ତି ଦିଏ ଏବଂ ଏହି ପାର୍ଥିବ ଶରୀରରେ ଭଗବାନଙ୍କୁ ଅଭିବ୍ୟକ୍ତ କରି ଦିବ୍ୟଜୀବନ ବଞ୍ଚିବାରେ ଏକ ବଳିଷ୍ଠ ଶକ୍ତି ରୂପେ କାର୍ଯ୍ୟ କରେ ।

(୬) ପୂର୍ଣ୍ଣାଙ୍ଗ ଜୀବନଟି ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ ଜୀବନକୁ ଧାରଣ କରି ରହିଛି । ପୂର୍ଣ୍ଣାଙ୍ଗ ଶିକ୍ଷା ଏହି ତିନିଗୋଟି ଜୀବନର ଶିକ୍ଷା । ଶରୀର, ପ୍ରାଣ ଓ ମନକୁ ଆମେ ବ୍ୟଷ୍ଟିଗତ ଚେତନା ବୋଲି କହିଲେ ଚୈତ୍ୟସତ୍ତା ହେଉଛି ବିଶ୍ୱଗତ ଚେତନାର ଭୂମି ଓ ଆତ୍ମାହିଁ ବିଶ୍ୱାତୀତ ଚେତନାର ଭୂମି । ଚେତନାର ସବୁ ସ୍ତରର ବିକାଶରେ ପୂର୍ଣ୍ଣବିକାଶ ହୋଇଥାଏ । ଶରୀରର ପୂର୍ଣ୍ଣତା ସୌନ୍ଦର୍ଯ୍ୟର ପ୍ରକାଶରେ, ପ୍ରାଣର ପୂର୍ଣ୍ଣତା ଶକ୍ତି ଓ ମନର ପୂର୍ଣ୍ଣତା ଜ୍ଞାନର ପ୍ରକାଶରେ, ଚୈତ୍ୟର ପୂର୍ଣ୍ଣତା ପ୍ରେମର ପ୍ରକାଶରେ ଲାଭ ହୁଏ । ଯେଉଁ ସମସ୍ତ ଜ୍ଞାନ ଆମକୁ ଅର୍ଜନ କରିବାକୁ ହେବ, ଯେଉଁ ସମସ୍ତ ଶକ୍ତି ଆମକୁ ଲାଭ କରିବାକୁ ହେବ, ଯେଉଁ ସମସ୍ତ ଦିବ୍ୟପ୍ରେମରେ ଆମକୁ ପରିଣତ ହେବାକୁ ପଡ଼ିବ, ଯେଉଁସବୁ ପୂର୍ଣ୍ଣତା ଆମକୁ ହାସଲ କରିବାକୁ ହେବ, ଯେଉଁସବୁ ସୁସମଞ୍ଜସ ଓ ପ୍ରଗତିଶୀଳ ସାମ୍ୟ ଆମକୁ ଆଲୋକ ଓ ଆନନ୍ଦ ମଧ୍ୟରେ ପ୍ରକଟିତ କରିବାକୁ ହେବ, ଯେଉଁ ସମସ୍ତ ନୂତନ ଓ ଅଜ୍ଞାତ ଗୌରବ ଆମକୁ ଉପଲବ୍ଧି କରିବାକୁ ହେବ ତାହାହିଁ ଭଗବାନ୍ ବୋଲି ମା' କହିଛନ୍ତି । ସେହି ଭଗବାନଙ୍କୁ ପାଇବାହିଁ ଆତ୍ମ-ପରିପୂର୍ଣ୍ଣତା ଯାହା ସକଳ ବ୍ୟକ୍ତି ତଥା ଶିକ୍ଷାର ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ଗ୍ରହଣ କରି ପୂର୍ଣ୍ଣାଙ୍ଗ ଶିକ୍ଷା ନିଜର ସତ୍ତା ମଧ୍ୟରେ ସଙ୍ଗତି, ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ସଙ୍ଗତି, ବ୍ୟକ୍ତି ଓ ସମାଜ ମଧ୍ୟରେ ସଙ୍ଗତି, ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ସଙ୍ଗତି ଏବଂ ସମଗ୍ର ବିଶ୍ୱରେ ସଙ୍ଗତି ପ୍ରତିଷ୍ଠା କରିଥାଏ । ତେଣୁ ପୂର୍ଣ୍ଣାଙ୍ଗ ଶିକ୍ଷାହିଁ ଐକ୍ୟ ଓ ସଂହତିର ଶିକ୍ଷା, ପ୍ରେମ ଓ ଆନନ୍ଦର ଶିକ୍ଷା । ଏହା ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ବିଶେଷତ୍ୱ । ଏହିପରି ଏକ ଶିକ୍ଷାକୁ ଆଦରି ନେବା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ।

(୭) ବ୍ୟକ୍ତି ମାତ୍ରକେ ଏକ ସ୍ୱତନ୍ତ୍ର ଆତ୍ମା ହୋଇଥିବାରୁ ପ୍ରତ୍ୟେକଙ୍କର ପ୍ରକୃତି ଭିନ୍ନ ହୋଇଥାଏ, ସ୍ୱଭାବ ଓ ସ୍ୱଧର୍ମ ମଧ୍ୟ ଭିନ୍ନ ହୋଇଥାଏ । ଆତ୍ମ-ଭାବରେ ଅନୁପ୍ରେରିତ ହୋଇ କର୍ମ କରିବାକୁ ବ୍ୟକ୍ତିର ସ୍ୱଧର୍ମ ବୁଝାଏ । ଏହି ଆତ୍ମଭାବକୁ ପ୍ରକଟ କରିବାର ପ୍ରଣାଳୀ ଭିନ୍ନ ହୋଇ ଥିବାରୁ ଶିକ୍ଷା ମଧ୍ୟ ଭିନ୍ନ ହୋଇଥାଏ । ଏହି ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି ପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା ଭିନ୍ନ ହୋଇଥାଏ । ଆନୁଷ୍ଠାନିକ ଭାବେ ପୂର୍ଣ୍ଣାଙ୍ଗ ଶିକ୍ଷାକୁ କାହା ଉପରେ ଲଦି ଦିଆଯାଇ ପାରେନା କିଂବା ପ୍ରଚଳିତ ଢାଞ୍ଚାରେ ପକାଇ କାହାରିକୁ ଶିକ୍ଷା ଦିଆଯାଇ ପାରେନା । ଏହା ଦ୍ୱାରା ତା'ର ମନ ବିଦ୍ରୋହ କରିଥାଏ । ଜୀବନର ଧର୍ମାନୁସାରେ ବ୍ୟକ୍ତି ଯେଉଁ ଶିକ୍ଷା ପାଏ ତାହା ତା'ପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା । ସ୍ଥାନ, କାଳ, ପାତ୍ର ଅନୁସାରେ ଶିକ୍ଷା ବଦଳୁଥିବାରୁ ବ୍ୟକ୍ତିର ପୂର୍ଣ୍ଣାଙ୍ଗ ଶିକ୍ଷା ମଧ୍ୟ ବଦଳୁଥାଏ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ପରିବର୍ତ୍ତନଶୀଳ ଶିକ୍ଷା । ଏହା ବ୍ୟକ୍ତିକୁ ଅହରହ ନୂତନତା ପ୍ରତି ସଜାଗ କରେ, କ୍ଷୁଦ୍ରରୁ ବୃହତ୍, ସ୍ଥୂଳରୁ ସୂକ୍ଷ୍ମ, ସସୀମରୁ ଅସୀମ ଆଡ଼କୁ ଆଗେଇ ନିଏ । ପରିସ୍ଥିତି ଅନୁସାରେ ଶୃଙ୍ଖଳା

ଓ ଆଦର୍ଶଗୁଡ଼ାକ ବଦଳିବା ଆବଶ୍ୟକ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟକ୍ତି, ସମାଜ, ଅନୁଷ୍ଠାନ ମାତ୍ରକେ ପରିସ୍ଥିତି ଓ ସମୟ ଅନୁସାରେ ବଦଳିଯାଏ । ଏହାକୁ ପ୍ରୟୋଗ କରିବା କଷ୍ଟସାଧ କିନ୍ତୁ ଅସମ୍ଭବ ନୁହେଁ । ଆତ୍ମ-ପ୍ରେରଣାରେ ବିକଳ୍ପ ପଥଗୁଡ଼ାକ ଜଳଜଳ ହୋଇ ଦେଖାଯାଏ ।

(୮) ମନୁଷ୍ୟର ପ୍ରକୃତି ଦିବ୍ୟ ଶକ୍ତି ଓ ଅଦିବ୍ୟ ଶକ୍ତିର ଏକ ସମ୍ମିଶ୍ରଣ । ଜ୍ଞାନ-ଅଜ୍ଞାନ, ପ୍ରେମ-ଘୃଣା, ନମ୍ରତା-ଉଗ୍ରତା, ସାଧୁତା-ଅସାଧୁତା, ଉଦାରତା-କଠୋରତା, ବିଶ୍ୱସ୍ତତା-ବିଶ୍ୱାସଘାତକତା ଆଦିର ଏକ ସଂଗ୍ରାମସ୍ଥଳ ହେଉଛି ଆମର ଜୀବନ । ସଂଗ୍ରାମରେ ଅନେକ କିଛି ଭାଙ୍ଗିଯାଏ ଏବଂ ଅନେକ କିଛି ଗଢ଼ା ହୁଏ । ପୂର୍ଣ୍ଣାଙ୍ଗ ଶିକ୍ଷା ଏପରି ଏକ ପ୍ରସ୍ତୁତି ବା ପରୀକ୍ଷା ଯାହା ନିଜ ପାଇଁ ଭାଙ୍ଗେ ଓ ନିଜ ପାଇଁ ଗଢ଼େ । ଗଢ଼ିବା ପାଇଁ ସେ ଭାଙ୍ଗେ, ସଙ୍ଗତି ପାଇଁ ଅସଙ୍ଗତିକୁ ସ୍ୱୀକାର କରେ, ପୂର୍ଣ୍ଣତା ପାଇଁ ଅପୂର୍ଣ୍ଣତାକୁ ସ୍ୱାଗତ କରେ, ସକଳ ବିଭେଦତା ମଧ୍ୟରେ ଏକତା ପ୍ରତିଷ୍ଠା କରେ । ଏକତା ବା ସମନ୍ୱୟର ଭୂମି ବା ଉତ୍ସ ହେଉଛି ବ୍ୟକ୍ତିର ଅନ୍ତରାତ୍ମା । ପ୍ରେମର ଯାଦୁକରୀ ମନ୍ତ୍ର ଦ୍ୱାରା ଏହି ଅନ୍ତରାତ୍ମା ସକଳ ଅସଙ୍ଗତି, ବିଭେଦତା, ସଂକୀର୍ଣ୍ଣତା, ସୀମିତତା, ଅଜ୍ଞାନତାକୁ ଦୂର କରିଦିଏ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଏହି ଆତ୍ମଶିକ୍ଷା ଯାହା ପ୍ରେମ ଓ ସୌହାର୍ଦ୍ଦ୍ୟ ସୂତ୍ରରେ ସମଗ୍ର ବିଶ୍ୱକୁ 'ବସୁଧୈବ କୁଟୁମ୍ବକମ୍'ରେ ପରିଣତ କରିପାରେ । ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଆତ୍ମୀୟତାର ଶିକ୍ଷା ଯାହା ସମସ୍ତଙ୍କ ଭିତରେ ନିଜକୁ ଓ ନିଜ ଭିତରେ ସମସ୍ତଙ୍କୁ ଦେଖିବାର ସାମର୍ଥ୍ୟ ପ୍ରଦାନ କରିଥାଏ ।

(୯) ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ନବୀକରଣ ପ୍ରକ୍ରିୟା । ଆମର ପ୍ରତିଟି ଚିନ୍ତା, ଭାବନା, କର୍ମ, କଥା, ଆଚାର-ବ୍ୟବହାର, ଚାଲିଚଳନ, ଆବେଗ, ବେଶଭୂଷା, ଭୋଜନ, ଶୟନ, ଦର୍ଶନ, ଶ୍ରବଣ, ଅନୁଭବ, ବିଚାର ଆଦିରେ ନବୀକରଣକୁ ଆମେ ପୂର୍ଣ୍ଣାଙ୍ଗ ଶିକ୍ଷା କହିପାରିବା । ଏହା ହେଉଛି ଚେତନାର ନବୀକରଣ । ତେଣୁ ଚେତନାର ପରିବର୍ତ୍ତନ ପ୍ରତିମୁହୂର୍ତ୍ତରେ ଆସେ, କାରଣ ପ୍ରତିମୁହୂର୍ତ୍ତକୁ ଆମେ ଭବିଷ୍ୟତ୍ ବୋଲି କହିପାରିବା । ଗୋଟିଏ ମୁହୂର୍ତ୍ତରେ ବ୍ୟକ୍ତିର ଭବିଷ୍ୟତ୍ ଖୋଲି ଯାଏ, ନୂତନ ଦିଗନ୍ତ ମଧ୍ୟ ଉନ୍ମୋଚିତ ହୋଇ ଯାଏ, ଏପରିକି ବ୍ୟକ୍ତିର ଭାଗ୍ୟ ବା ନିୟତି ମଧ୍ୟ ବଦଳି ଯାଇପାରେ । ତେଣୁ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଚେତନାର ଶିକ୍ଷା, ଭବିଷ୍ୟତର ଶିକ୍ଷା, ନୂତନ ଦିଗନ୍ତର ଶିକ୍ଷା, ନିତ୍ୟ ନିରନ୍ତର ଶିକ୍ଷା ଯାହା ପ୍ରତିମୁହୂର୍ତ୍ତରେ ନୂତନ ଅନୁଭୂତିମାନ ଆଣିଥାଏ, କାରଣ ଏହି ଶିକ୍ଷା ଭିତରେ ବିବର୍ତ୍ତନଶକ୍ତି ବା ଆତ୍ମଶକ୍ତି ନିରନ୍ତର ସକ୍ରିୟ ଥାଏ ଏବଂ ତାହାର ପ୍ରଭାବ ବ୍ୟକ୍ତି ଓ ବାତାବରଣରେ ଅନବରତ ପଡୁଥାଏ । ପୂର୍ଣ୍ଣାଙ୍ଗ ଶିକ୍ଷା ପରମ ସତ୍ୟର ଶିକ୍ଷା ହୋଇଥିବାରୁ ଏହା ସର୍ବଦା ସତ୍ୟକୁ କୋଳାଗ୍ରତ କରେ । ଆସନ୍ତା କାଲିକୁ ଭବିଷ୍ୟତ୍ ନକହି ପ୍ରତିଟି ନିଃଶ୍ୱାସ-ପ୍ରଶ୍ୱାସର ସମୟକୁ ଆମେ ଭବିଷ୍ୟତ୍ ବୋଲି କହିବା ଏବଂ ପ୍ରତିମୁହୂର୍ତ୍ତରେ ସତ୍ୟକୁ ସ୍ୱାଗତ କରିବାହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ମାହାତ୍ମ୍ୟ ଅଟେ ।

(୧୦) ପୂର୍ଣ୍ଣାଙ୍ଗ ଶିକ୍ଷା ସକଳ ଶିକ୍ଷାଧାରାର ଆତ୍ମାକୁ ବହନ କରିଥିବାରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଐକ୍ୟ ଓ ସଂହତି ପ୍ରତିଷ୍ଠା କରେ ଏବଂ ଚେତନାକୁ ପ୍ରସାରିତ କରେ । ଏହା ଭାରତର ତଥା ସକଳ ଦେଶର ସଂସ୍କୃତି ଓ ସେମାନଙ୍କ ଆତ୍ମାକୁ ବହନ କରିଛି । ଯେହେତୁ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଗୋଟିଏ ଆତ୍ମା ରହିଛି, ସେହି ଦୃଷ୍ଟିରୁ ପୂର୍ଣ୍ଣାଙ୍ଗ ଶିକ୍ଷା ସକଳ ମାନବ ସମାଜ ପାଇଁ ଅଭିପ୍ରେତ । ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ଦୃଢ଼ ମନସ୍ତାତ୍ତ୍ୱିକ ଓ ଦାର୍ଶନିକ ଭିତ୍ତି ରହିଛି ଯାହା ସକଳ ବ୍ୟକ୍ତି, ସମାଜ, ଦେଶ ବା ଜାତି ପାଇଁ ପ୍ରଯୁଜ୍ୟ । ଏହି ଦୃଷ୍ଟିରୁ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଏକ ଜାତୀୟ ଓ ଅନ୍ତର୍ଜାତୀୟ ଶିକ୍ଷା ।

(୧୧) ପୂର୍ଣ୍ଣାଙ୍ଗ ଶିକ୍ଷାର ସର୍ବୋଚ୍ଚ ଆଦର୍ଶ ହେଲା ଦିବ୍ୟ ସମାଜରେ ଦିବ୍ୟ-ମାନବର ଅଭିବ୍ୟକ୍ତି । ଅର୍ଥାତ୍ ଏହି ପାର୍ଥିବ ମନୁଷ୍ୟ ଦିବ୍ୟ-ମାନବ ବା ଅତିମାନବରେ ରୂପାନ୍ତରିତ ହେବ, ଅଦିବ୍ୟ ପ୍ରକୃତି ଦିବ୍ୟ ପ୍ରକୃତିରେ ରୂପାନ୍ତରିତ ହେବ ଏବଂ ପାର୍ଥିବ ସମାଜ ଦିବ୍ୟ ସମାଜରେ ରୂପାନ୍ତରିତ ହେବ । ଏହି ରୂପାନ୍ତର କାର୍ଯ୍ୟ କେବଳ ମାତୃଶକ୍ତି ବା ରୂପାନ୍ତରକାରୀ ଅତିମାନସ ଶକ୍ତି ଦ୍ୱାରା ସମ୍ଭବ । ଏହି ଆଦର୍ଶ ବା ଲକ୍ଷ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାର ନୂତନତ୍ୱକୁ ସାବ୍ୟସ୍ତ କରିଥାଏ । ପୂର୍ଣ୍ଣାଙ୍ଗ ଶିକ୍ଷାର ଆତ୍ମଶକ୍ତି ହେଉଛି ସେହି ରୂପାନ୍ତରକାରିଣୀ ଶକ୍ତି ବା ମାତୃଶକ୍ତି । ଯଦି ସ୍ୱୟଂ ପରମା ଜନନୀ ଏହି ଶିକ୍ଷାର ପୀଠ, ତେବେ ଏହି ଶିକ୍ଷାର ଯଥାର୍ଥ ପ୍ରୟୋଗ ଦ୍ୱାରା ଏହି ମାନବ ଭିତରୁ ଅତିମାନବତ୍ୱ ସମ୍ଭୂତ ହେବା ନିଶ୍ଚିତ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏହି ଶିକ୍ଷାର ଆତ୍ମାକୁ ଉପଲବ୍ଧି କରି ଏହାକୁ ଯଥାର୍ଥ ଉପାୟରେ ପ୍ରୟୋଗ କରିପାରିଲେ ଭାରତ ନିଶ୍ଚିତ ଭାବରେ ବିଶ୍ୱର ଗୁରୁ ହୋଇ ପାରିବ ଏବଂ ସମଗ୍ର ବିଶ୍ୱକୁ ନିଜର ଆଦର୍ଶରେ ଅନୁପ୍ରାଣିତ କରି ଭଗବତ୍ ରାଜ୍ୟ ପ୍ରତିଷ୍ଠା କରିବାରେ ସଫଳ ହୋଇପାରିବ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷା

ହେଉଛି ଅତିମାନସ ଶିକ୍ଷା ବା ରୂପାନ୍ତରର ଶିକ୍ଷା ଯାହା ବ୍ୟକ୍ତି ବା ଶିକ୍ଷାର୍ଥୀର ଆବାହନ ଓ ଭଗବତ୍ କରୁଣାର ସଂଯୋଗକୁ ଫଳପ୍ରସୂ କରିବା ସହ ଦୁରୂହ କାର୍ଯ୍ୟଟିକୁ ସାଧନ କରିପାରେ ।

(୧୨) ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ସକଳ ଶିକ୍ଷାର ଜନନୀ । ମାଆ ପରି ଏହା ସକଳ ଶିକ୍ଷାକୁ ଆପଣାର କରେ । ସକଳ ଧର୍ମ, ସଂସ୍କୃତି, ଦର୍ଶନ, ମତବାଦ, ଆଦର୍ଶ ବା ଚିନ୍ତାଧାରାକୁ ଆପଣାର କରି ସମନ୍ୱୟ ପ୍ରତିଷ୍ଠା କରେ ଏବଂ ବ୍ୟକ୍ତି, ଜଗତ୍ ଓ ଭଗବାନଙ୍କୁ ଏକକ ରୂପେ ଗ୍ରହଣ କରି ଏକ ସାମଗ୍ରିକ ଅଭ୍ୟୁତ୍ଥାନ ଓ ପରିପୂର୍ଣ୍ଣତା ହାସଲ କରିବାର ଲକ୍ଷ୍ୟ ରଖିଥାଏ । କୌଣସି ଆଦର୍ଶ ବା ଚିନ୍ତାଧାରା ଅଯଥାର୍ଥ ନୁହେଁ । ଶ୍ରୀଅରବିନ୍ଦଙ୍କ ଭାଷାରେ – "All contraries are aspects of God's face." (Savitri, p. 656) ''ସକଳ ଅସଙ୍ଗତିହିଁ ଭଗବାନଙ୍କ ମୁଖର ରୂପ ।'' ଏହି ଦୃଷ୍ଟିରେ ପୂର୍ଣ୍ଣାଙ୍ଗ ଶିକ୍ଷା ସକଳ ଆଦର୍ଶ ଓ ଚିନ୍ତାଧାରାକୁ ଦେଖିଥାଏ । ଆଦର୍ଶ ଓ ଚିନ୍ତାଧାରାରେ ପାର୍ଥକ୍ୟ ଥିଲେ ବି ମାଆ ପରି ପୂର୍ଣ୍ଣାଙ୍ଗ ଶିକ୍ଷା ସକଳ ଶିକ୍ଷାକୁ ଆପଣାର କରି ସେମାନଙ୍କର ଦୃଷ୍ଟିଭଙ୍ଗୀ ବଦଳାଇ ଦିଏ ଏବଂ ନୂତନ ଭାବ ଓ ପ୍ରେରଣା ମାଧ୍ୟମରେ ପ୍ରତ୍ୟେକ ଚିନ୍ତାଧାରାର ସାମୟିକ ଯଥାର୍ଥତାକୁ ପ୍ରତିପାଦନ କରେ । ସକଳ ଶିକ୍ଷାର ସାରତତ୍ତ୍ୱକୁ ପୂର୍ଣ୍ଣାଙ୍ଗ ଶିକ୍ଷା ଧାରଣ କରିଥିବାରୁ ଏହାକୁ ସବୁକ୍ଷେତ୍ରରେ ସ୍ଥାନ, କାଳ, ପାତ୍ର, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସାମାନ୍ୟ ପରିବର୍ତ୍ତନ ସହ ପ୍ରୟୋଗ କରାଯାଇପାରେ ।

(କ୍ରମଶଃ)

❑❑❑


"In the sincerity of our trust lies the certitude of our victory."

*(MCW, Vol 15, page 82)* - The Mother

**Collected Works of the Mother 17 Vols. (CR) (PB)** **– Rs. 3500**

**The Great Adventure - A Diary for all times: (New Revised Edition)** **– Rs. 400**

**Ideal Child, Ideal Parent, Ideal Teacher (3in1) Booklet** **– Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the Divine Mother and Lord Sri Aurobindo** **– Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : +91 9489063512, website: www.vakbooks.in

# ଦଶକର୍ମଧାରା

## (୧୦)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି, ''ମାମୁ, ଏହି ଦଶଟିରୁ କ'ଣ ଆଉ ଅଧିକ ହୋଇ ପାରିବ ନାହିଁ ?'' ମାମୁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଉର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ କାର୍ଯ୍ୟ ସହିତ କର୍ମଧାରାରେ ଆଉ କିଛି ନୂତନ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ଲେଖକ]

### ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା ପରିଷଦ

'ଶ୍ରୀଅରବିନ୍ଦ ଇଉନିଟ୍ ଅଫ୍ ଏଜୁକେସନାଲ ରିସର୍ଚ୍ଚ' ବାସ୍ତବିକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ପରବର୍ତ୍ତୀ ପଦକ୍ଷେପର ଏକ ଭୂମିକା । ଆମେ ଜାଣିଛୁ, ସମସ୍ତେ ଜାଣିଛୁ, ଭଲ କରି ଜାଣିଛୁ, ବର୍ତ୍ତମାନ ସମୟରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯେପରି ଚାଲିଛି, ତାହା କେବେହେଲେ ବାସ୍ତବ ପୂର୍ଣ୍ଣାଙ୍ଗ ଶିକ୍ଷା ନୁହେଁ । ଏପରିକି ବାସ୍ତବ ପୂର୍ଣ୍ଣାଙ୍ଗ ଶିକ୍ଷା କ'ଣ ସେ ସମ୍ପର୍କରେ କୌଣସି ସ୍ୱଷ୍ଟ ଛବି ବି ଆମ ଆଗରେ ନାହିଁ ।

ଅବଶ୍ୟ ଏକଥା ସତ୍ୟ ଯେ ଆମେ ବର୍ତ୍ତମାନ ଯେଉଁ ଧାରାରେ ପୂର୍ଣ୍ଣାଙ୍ଗଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଛୁ, ତାହା ପ୍ରଚଳିତ ଶିକ୍ଷାଠାରୁ ଯଥେଷ୍ଟ ଭିନ୍ନ, ମାତ୍ର ଆମେ କେହି ସେଥିରେ ସନ୍ତୁଷ୍ଟ ନୋହୁଁ । କାରଣ ଅନ୍ୟଠାରୁ ଭିନ୍ନ ଏକ ଶିକ୍ଷାକେନ୍ଦ୍ର ଖୋଲିବା ଆମର ଉଦ୍ଦେଶ୍ୟ ନଥିଲା । ଆମର ଶିକ୍ଷାକେନ୍ଦ୍ର ବାସ୍ତବିକ ଏକ ନୂତନ ଭବିଷ୍ୟତର ସନ୍ଧାନ ପାଇଁ ଆରମ୍ଭ ହୋଇଥିଲା । ଏବେ ମଧ୍ୟ ପ୍ରତ୍ୟେକଟି ଶିକ୍ଷାକେନ୍ଦ୍ରର ପଶ୍ଚାତରେ ଏଇ ସଙ୍କଳ୍ପ ଲୁକ୍କାୟିତ ହୋଇ ରହିଅଛି । ଆମକୁ ତାହା ସ୍ୱଷ୍ଟ କରିବାକୁ ପଡ଼ିବ । ଯେତେ କଷ୍ଟ ପଡୁ ପଛକେ ବାସ୍ତବ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଦିଗରେ ଆମକୁ ଅଗ୍ରଗତି କରିବାକୁ ପଡ଼ିବ । ଏଥିପାଇଁ ଅନେକ ଧୈର୍ଯ୍ୟ ଏବଂ ସହନଶୀଳତା ପ୍ରୟୋଜନ, ଏହା ଛଡ଼ା ଅନ୍ୟ ମାର୍ଗହିଁ ନାହିଁ ।

ଦଶକର୍ମଧାରା ମଧ୍ୟରୁ, ''ଶ୍ରୀଅରବିନ୍ଦ ଶିକ୍ଷା ଓ

ଗବେଷଣା ପରିଷଦ'' ମୁଖ୍ୟତଃ ଏଇ ଲକ୍ଷ୍ୟରେ ଆରମ୍ଭ ହୋଇଛି । ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ଏପର୍ଯ୍ୟନ୍ତ ଏକ ଭଲ ତଥା ଉଚ୍ଚମାନର ଶିକ୍ଷାକେନ୍ଦ୍ର ଲକ୍ଷ୍ୟରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ କରିଛନ୍ତି । ସେଥିପାଇଁ ପିଲାଙ୍କ ଫଳାଫଳ ଭଲ ହେଲେ ସେମାନେ ବାହାରେ କୌଣସିଠାରେ ପ୍ରତିଯୋଗିତାରେ ଭାଗନେଇ ବକ୍ତୃତା କିଂବା ଚିତ୍ର କିଂବା ପ୍ରବନ୍ଧ ପ୍ରତିଯୋଗିତାରେ ପୁରସ୍କାର ଆଣିଲେ କିଂବା ବୃତ୍ତି ପରୀକ୍ଷାରେ କୃତିତ୍ୱ ପ୍ରକାଶ କରି ବୃତ୍ତି ପାଇଲେ ଆମେ ନିଜ ମଧ୍ୟରେ ତଥା ଅନୁଷ୍ଠାନରେ ଖୁବ୍ ଖୁସୀ ହୋଇ ଯାଉଛୁ । ଅବଶ୍ୟ ଖୁସୀ ନ ହେବାର କିଛି କାରଣ ନାହିଁ, ମାତ୍ର ସେଇ ଖୁସୀ ସଙ୍ଗରେ ଯଦି ଆମେ ତାଳ ଦେଇ ଦେଖନ୍ତୁ ଯେ ଏକ ଭବିଷ୍ୟତ୍ ମାନବ ସମାଜ ଗଠନ ଦିଗରେ ଆମର ପୂର୍ଣ୍ଣାଙ୍ଗ ଶିକ୍ଷା କିଂବା ଆମେ କେତେଦୂର ସଚେତନ ଏବଂ କେତେ ଚେଷ୍ଟିତ ତେବେ ଯାଇ ଆମେ ସ୍ପଷ୍ଟଭାବେ ଜାଣି ପାରନ୍ତୁ । ଆମେ କେବେହେଲେ ସଫଳତାରେ ଭାସିଯିବା ନାହିଁ । ତାହାହିଁ ପରେ ଆମ ପାଇଁ କାଳ ବୋଲି ପ୍ରମାଣିତ ହେବ । ଶ୍ରୀମା ସଫଳତା ସମ୍ପର୍କରେ କହିବାକୁ ଯାଇ କହିଛନ୍ତି, "Success is a harder ordeal to pass through than misfortune."

(CWM, Vol. 15, p. 80)

ଅର୍ଥାତ୍, ''ସଫଳତା ଏବଂ ଦୁର୍ଭାଗ୍ୟ ମଧ୍ୟରୁ ଦୁର୍ଭାଗ୍ୟକୁ ଅତିକ୍ରମ କରିଯିବା ଅଧିକ ସହଜ ।'' ଆମ ଅଜାଣତରେ ସଫଳତା ଆମ ମଧ୍ୟରେ ପୁରାତନକୁ ଖୁବ୍ ଦୃଢ଼ ତଥା ନିବିଡ଼ ଭାବରେ ଧରି ରଖିବାକୁ ଚେଷ୍ଟା କରେ ।

ଆମ ଅନୁଷ୍ଠାନମାନଙ୍କରେ ବହୁତ ସ୍ଥାନରେ ଶେଷକୁ '... and Research' ବୋଲି ଲେଖା ଯାଇଥାଏ । ଯେପରି – 'Sri Aurobindo Integral Education & Research, Sri Aurobindo Institute of Higher Studies and Research.' । ଏଇ 'Research' ଶବ୍ଦଟି ପ୍ରକୃତରେ କ'ଣ ? ଆମେ ସେ ସମ୍ପର୍କରେ କୌଣସି କାର୍ଯ୍ୟକ୍ରମ କଲେଣି କି ? ଆମର ଯାବତୀୟ କାର୍ଯ୍ୟକ୍ରମ ଯଦିଓ ଏକ 'Research' ପଦବାଚ୍ୟ ତଥାପି ଆମେ ସିଧାସଳଖ କିଛି ଗବେଷଣା କରୁଛୁ କି ?

ଏଇ ଗବେଷଣା ବର୍ତ୍ତମାନ ଆରମ୍ଭ ହେବ । ଗବେଷଣା ପି.ଏଚ୍.ଡ଼ି. ପାଇଁ ନୁହେଁ; ଗବେଷଣା ଅଧିକ ଜାଣିବା ପାଇଁ, ଅଧିକ ଖୋଜିବା ପାଇଁ ।

ବର୍ତ୍ତମାନର ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟ ଏହି କାର୍ଯ୍ୟ ପାଇଁ ପ୍ରକୃଷ୍ଟ ଉପାଦାନ ଯୋଗାଇ ପାରିବ । ସେଥିପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମକୁ ନିଷ୍ଠାପର ଭାବରେ କରିବାକୁ ହେବ । ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଗଭୀର ଭାବରେ ତଥା ବିସ୍ତୃତ ଭାବରେ ଜାଣିବାର କିଛି ବିକଳ୍ପ ନାହିଁ । ଆମକୁ କେବଳ ପିଲାମାନଙ୍କ ମଧ୍ୟରେ ଏବଂ ଅପାଭାଇମାନଙ୍କ ମଧ୍ୟରେ ଆଗ୍ରହ ଏବଂ ଉତ୍ସାହ ସୃଷ୍ଟି କରିବାକୁ ହେବ । ପ୍ରତ୍ୟେକ ଜିଲ୍ଲାର 'ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା ପରିଷଦ'ର ଆବାହକ ନିଜେ ମଧ୍ୟ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ଜଣେ ଜଣେ ଦାୟିତ୍ୱବାନ୍ ବ୍ୟକ୍ତି ଭାବରେ ସ୍ୱୀକୃତ; ଉଭୟ ଉଭୟର ନିକଟବର୍ତ୍ତୀ । ଏଇଭଳି ଆମକୁ ଏକ ଗବେଷଣାର ମନୋଭାବରେ ଶ୍ରୀଅରବିନ୍ଦ ତଥା ଶ୍ରୀମା'ଙ୍କୁ ଅଧ୍ୟୟନ କରିବାର କାର୍ଯ୍ୟକ୍ରମହିଁ ଏଇ ପରିଷଦର ସବୁଠାରୁ ମୂଳ ତଥା ମୌଳିକ କାର୍ଯ୍ୟ ।

ଏହା ମଧ୍ୟରେ ସରକାର ୨୦୧୭ ମସିହାରେ 'ବାଧ୍ୟତାମୂଳକ ଶିକ୍ଷା' (RTE) ସଂକ୍ରାନ୍ତରେ ବିଲ୍ ପାସ୍ କଲା ପରେ ଯେପରି ସମାଜର ସବୁ ପିଲା ସ୍କୁଲକୁ ଯିବେ ସେଥିପାଇଁ ଅନେକ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆରମ୍ଭ କଲେ । ପୁଣି ୨୦୨୦ରେ 'ଜାତୀୟ ଶିକ୍ଷାନୀତି' (National Education Policy) ଆରମ୍ଭ କରାଯାଇଛି ଏବଂ ଏବେ ତାହାକୁ ଦେଶର ସମସ୍ତ ରାଜ୍ୟରେ ପ୍ରଚଳନ କରାଯାଉଅଛି । ଆମ ରାଜ୍ୟ ଓଡ଼ିଶାରେ ୨୦୨୫ ଶିକ୍ଷାବର୍ଷ ଠାରୁ ଏହାକୁ ଅତ୍ୟନ୍ତ କଡ଼ାକଡ଼ି ଭାବରେ ପ୍ରୟୋଗ କରାଯାଉଅଛି । ଏହା ଫଳରେ ପ୍ରଥମ ଶ୍ରେଣୀରେ ୬ ବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ ନାମ ଲେଖାଇବେ । ଏହି ଶିକ୍ଷାବର୍ଷରେ କେ.ଜି. ଶ୍ରେଣୀକୁ କେ.ଜି.(I) ଏବଂ କେ.ଜି.(II) କରି ଦୁଇ ବର୍ଷରେ ଭାଗ କରାଯାଇଛି । ଏହାକୁ କେବଳ ଛାତ୍ରଛାତ୍ରୀଙ୍କର ବୟସକୁ ନେଇ ବ୍ୟବସ୍ଥା କରାଯାଇଛି । ନର୍ସରୀରେ ୩+; କେ.ଜି.(I)ରେ ୪+; କେ.ଜି.(II)ରେ ୫+ ଏବଂ ପ୍ରଥମ ଶ୍ରେଣୀରେ ୬+ ଭାବରେ ହିସାବ କରାଯାଇଛି । ସମସ୍ତ ଶିକ୍ଷା କାର୍ଯ୍ୟକ୍ରମ ମଧ୍ୟରେ +୨କୁ ମିଶାଇ ଦିଆଯାଇଛି ଏବଂ ତାକୁ ୪ ଭାଗ କରାଯାଇଛି । ପ୍ରଥମଟି ୫ବର୍ଷ (ନର୍ସରୀ, କେ.ଜି.-I, କେ.ଜି.-II, ପ୍ରଥମ ଶ୍ରେଣୀ ଏବଂ ଦ୍ୱିତୀୟ ଶ୍ରେଣୀ); ଦ୍ୱିତୀୟଟି ୩ ବର୍ଷ (ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ); ତୃତୀୟଟି ୩ ବର୍ଷ (ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ) ଏବଂ ଶେଷଟି ୪ ବର୍ଷ (ନବମ, ଦଶମ,

ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ)ରେ ବିଭକ୍ତ କରାଯାଇଛି । ଏଥିପାଇଁ ସମ୍ପୂର୍ଣ୍ଣ ନୂତନ ଏକ ପାଠ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରାଯାଇଅଛି ।

ଏହି ନୂତନ ଶିକ୍ଷାନୀତିରେ ଅଧିକାଂଶ ବିଷୟ ଶ୍ରୀମାଶ୍ରୀଅରବିନ୍ଦଙ୍କର ଶିକ୍ଷାନୀତିକୁ ଅନୁସରଣ କରିଥିବାର ଦେଖା ଯାଉଛି । ସେଥିପାଇଁ ଆମକୁ ମଧ୍ୟ ଏକ ନୂତନ ପ୍ରକାରର ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାକୁ ହେବ । ପୁନଶ୍ଚ ପ୍ରତ୍ୟେକ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଖୁବ୍ ବିଶଦ ଭାବରେ ପ୍ରଶିକ୍ଷଣ ଗ୍ରହଣ କରିବାକୁ ହେବ ।

ସେଥିପାଇଁ ନବଜୀବନ ଶିକ୍ଷାସଂସଦ ଉଦ୍ୟମ ଆରମ୍ଭ କରି ସାରିଛନ୍ତି ।

(କ୍ରମଶଃ) ❑

# ଶିଶୁ

## ନିମାଇଁ ପଟ୍ଟନାୟକ

କେଉଁ ଯୁଗରୁ ସେ ହସୁଛି
ଅରୁଣ ରଙ୍ଗର ଆକାଶରେ ।
ସେ ହସର କିମିଆଁରେ ସଭିଏଁ ମୋହିତ
ଯାଦୁକର ଭାନୁମତି ପେଡ଼ି ଚାରିପଟେ
ତେଣୁ ଅସମ୍ଭବ ଭିଡ଼
ମେଳା ଯାତ୍ରୀମାନଙ୍କର ।

ସେ ଥାଏ ସବା ଆଗରେ
ଦୋହଲୁ ଥାଏ ଶୂନ୍ୟରେ
ପୁଣି ଛପି ରହି ଥାଏ
ସବୁରି ମୂଳରେ ।

ମଞ୍ଜି ହୋଇ ଗଛ ଉପରୁ
ଡେଇଁଲା ବେଳେ
କ'ଣ ଜାଣି ଥାଏ ଯେ



ସେ ଗଛ ହେବ
ଫୁଲ, ଫଳ ହୋଇ ପୁଣି
ସଞ୍ଚରି ଯିବାକୁ ହେବ ଦିନେ ତା'କୁ
ମାଟିର ଶିରା ପ୍ରଶିରାରେ ।

ନିଆଁରେ ଡେଉଁଥିବା ସର୍କସ ଜୋକର୍‌ର ହସ ପରି
ତା'ର ସେହି ମନ୍ଦ ମନ୍ଦ ହସ ।

ସବୁଦିନେ ସେ ହସର
ଓଁକାର ଝଙ୍କାରେ
ମାଟି, ଆକାଶ, ସମୁଦ୍ର
ଆଶ୍ଚର୍ଯ୍ୟ, ଚକିତ, ତ୍ରସ୍ତ
ମୋହିତ, ବିମୁଗ୍ଧ
କରନ୍ତି ତା'ରେ ଶତ ନମସ୍କାର ।

❑❑❑

ଆତ୍ମା ଅଥବା ଚୈତ୍ୟସତ୍ତା ପରମ ଦିବ୍ୟସତ୍ୟ ସହିତ ପ୍ରତ୍ୟକ୍ଷ ଭାବରେ ସଂପର୍କିତ । କିନ୍ତୁ ମଣିଷ ମଧ୍ୟରେ ତାହା ମନ, ପ୍ରାଣ ଓ ସ୍ଥୂଳ ଶରୀର-ଚେତନା ଦ୍ୱାରା ଆଚ୍ଛାଦିତ ହୋଇ ରହିଛି । ଯଦି ଚୈତ୍ୟସତ୍ତାରେ ଏକ ନବଜନ୍ମ ଘଟିବାକୁ ଯାଉଥାଏ, ମା'ଙ୍କ ନବଜାତ ଶିଶୁ ହେବାକୁ, କାରଣ ମଣିଷର ମନର ଏକ ବୁଦ୍ଧିଗତ ଜ୍ଞାନ ବା ମନର ଭିନ୍ନ ଭିନ୍ନ ଭାବଧାରା କିଂବା ପ୍ରାଣର କାମନା-ବାସନା ସହିତ ଏହା ସଂଶ୍ଳିଷ୍ଟ ହୋଇ ପଡ଼ିବାରୁ ତାହା ଅସ୍ୱୀକାର କରେ । ତେବେ ଜାଣିରଖ, ସେତେବେଳେ ସାଧନାରେ ବିଫଳତା ଆସି ଯାଇଥାଏ ।

— ଶ୍ରୀଅରବିନ୍ଦ

**କାହାଣୀ :**

# କମ୍ବଳ ତ ଛାଡୁ ନାହିଁ !

## ମନୋଜ ଦାସ

ତୀର୍ଥଯାତ୍ରା କରୁଥିଲେ ଦଳେ ସାଧୁ । ଦୀର୍ଘପଥ । ବୋଝ ହାଲୁକା କରିବା ନିମନ୍ତେ ନିହାତି ଦରକାରୀ ଜିନିଷପତ୍ର ଛଡ଼ା ସେମାନେ ଆଉ କିଛି ନେଉ ନଥିଲେ ।

ତେବେ ଦୁଇ ଦୁଇ ଖଣ୍ଡ କମ୍ବଳ ନେବା ଥିଲା ନିହାତି ଆବଶ୍ୟକ । ଭାରି ଥଣ୍ଡା । ଖଣ୍ଡିଏ ତଳେ ପାରି ଅନ୍ୟଟିକୁ ସେମାନେ ଘୋଡ଼ି ହେଉଥିଲେ ।

ଥରେ ଥରେ ଶୀତ ସାଙ୍ଗକୁ ଆସି ଯାଉଥିଲା ବର୍ଷା । କଙ୍କାଳ ଭିତରକୁ ପଶି ଯାଉଥିଲା କମ୍ପ । କିନ୍ତୁ ସେସବୁ ସେମାନଙ୍କୁ ବିଚଳିତ କରୁ ନଥିଲା । ଗ୍ରାମ, ସହର, ଅପନ୍ତରା ପ୍ରାନ୍ତର ଅତିକ୍ରମ କରି ସେମାନେ ଆଗକୁ ବଢୁଥିଲେ । କେବେ କେବେ ବଣମୂଲକ ଦେଇ ବି ଯିବାକୁ ପଡୁଥିଲା ।

ସନ୍ଧ୍ୟା ଘୋଟି ଆସୁଥିଲା । ସେମାନେ ନଈ କୂଳେ କୂଳେ ବାଟ ଚାଲୁଥିଲେ । ନଈରେ ଆସିଥିଲା ବନ୍ୟା । ଦୂରବର୍ତ୍ତୀ କୌଣସି ଗ୍ରାମକୁ ହୁଏତ ବନ୍ୟା ଗ୍ରାସ କରି ସାରିଥିଲା । ସ୍ରୋତରେ ଭାସି ଯାଉଥିଲେ ଛପର, ଖଟିଆ, ଛତା ଇତ୍ୟାଦି ।

ସାଧୁଦଳ ଭିତରେ ଥିଲେ ଟିମା ବାବା । ବେଶ୍ ପୃଥୁଳ ବପୁ । ଛତାଟିଏ କୂଳ ପାଖ ଦେଇ ନଯାଇ ଦୂରରେ ଭାସି ଯାଉଥିବା ଯୋଗୁଁ ସେ କ୍ଷୋଭ ପ୍ରକାଶ କରୁଥିଲେ ।

ଭାସମାନ ଛତାଟିକୁ ଅକ୍ତିଆର କରି ନପାରିବାର ଶୋଚନା ବଳବତ୍ତର ଥିବା ଅବସ୍ଥାରେହିଁ ତାହାଠୁଁ ଅଧିକ ମୂଲ୍ୟବାନ୍ ଚିଜଟିଏ ଭାସି ଯାଉଥିବାର ତାଙ୍କ ଦୃଷ୍ଟିଗୋଚର ହେଲା ।

''ହେଇ ଦେଖ, ଦେଖ — ଭାସି ପଳାଉଛି ଗୋଟାଏ କମ୍ବଳ !'' ଟିମା ବାବା ବଡ଼ ବ୍ୟାକୁଳ ଭାବରେ ରଡ଼ି କଲା ପ୍ରାୟେ କହିଲେ ।

''ଖାଲି କମ୍ବଳ କାହିଁକିରେ ଟିମା, ବନ୍ୟା ତ କେତେ ସମ୍ପଦ ନେଇ ପଳାଉଥିବ !'' — କହିଲେ ବୟୋଜ୍ୟେଷ୍ଠ ସାଧୁ ।

''ବୁଝିଲ ଟିମା ବାବା ! ମଣିଷ ଯେମିତି ଜିନିଷପତ୍ର ନଛାଡ଼ିବାକୁ ବ୍ୟଗ୍ର ହୋଇଥାଏ, ବନ୍ୟା ସେମିତି ସବୁ ଛଡ଼େଇ ନେବାକୁ ବ୍ୟଗ୍ର ହୋଇଥାଏ ।'' — ମନ୍ତବ୍ୟ ଦେଲେ ଅନ୍ୟ ଜଣେ ସାଧୁ ।

''କିନ୍ତୁ ଏଇଟା ତ ବଡ଼ ବହଳ, ମୋଟା କମ୍ବଳ । ଏମିତି ଭାସି ଚାଲିଯିବ ?'' ପ୍ରଶ୍ନ କଲେ ଟିମା ବାବା । ସତେ ଯେମିତି ସେ ନିଜକୁହିଁ ସେ ପ୍ରଶ୍ନ କରୁଥିଲେ । ''ଆମେ ତାକୁ ଅଟକାଇବା ନାହିଁ ?'' — ସେ ଏଥର ଅନ୍ୟମାନଙ୍କୁ ଅନାଇ ପ୍ରଶ୍ନଟି କଲେ ।

''ପ୍ରବଳ ସ୍ରୋତରୁ, ପୁଣି ମଝି ନଈରୁ ତାକୁ ଆମେ ଅଟକାଇ କୂଳକୁ ଆଣିବାର ପ୍ରଶ୍ନ କାହିଁ ?'' — ପ୍ରତିପ୍ରଶ୍ନ କଲେ ଜଣେ ସାଧୁ ।

''ଅସଲ ପ୍ରଶ୍ନ ହେଲା ଆମେ ତାକୁ ଅଟକାଇବା କାହିଁ ପାଇଁ ? ଆମର ତ ଯୋଡ଼ାଏ ଲେଖାଏଁ କମ୍ବଳ ରହିଛି ।'' — କହିଲେ ଅନ୍ୟ ଜଣେ ସାଧୁ ।

କିନ୍ତୁ ଟିମା ବାବା ସେସବୁ ମନ୍ତବ୍ୟ ପ୍ରତି କର୍ଣ୍ଣପାତ କରୁଥିବା ଭଳି ମନେହେଲା ନାହିଁ । ସେ କମ୍ବଳର ଗତି ସହ ତାଳ ମିଳାଇ ନିଜ ଗତି କ୍ଷିପ୍ରତର କଲେ । ତା'ପରେ ହଠାତ୍ ନିଜ ଝୁଲାଟି କାନ୍ଧରୁ ବାହାର କରି ଜଣେ ସହଯାତ୍ରୀଙ୍କ ଅନିଚ୍ଛୁକ କରଯୁଗଳରେ ଗୁଞ୍ଜି ଦେଇ କହିଲେ, ''କମ୍ବଳ ମୁଁ ଛାଡୁ ନାହିଁ ।''

ସେ ନିଜ ଗେରୁଆ ବସ୍ତ୍ରତକ ଉତାରି ଆଉ ଜଣଙ୍କ ଉପରକୁ ଫୋପାଡ଼ି ଦେଇ ଅନ୍ୟମାନେ ''ରୁହ, ରୁହ'' କହିବା ସତ୍ତ୍ୱେ ନଈକୁ ଲମ୍ଫ ଦେଲେ ।

ସେ ଯେ ଉତ୍ତମ ସନ୍ତରଣକାରୀ, ଏଥିରେ ସନ୍ଦେହ ନଥିଲା । ସେ ପ୍ରବଳ ସ୍ରୋତ କାଟି ପହଞ୍ଚିଗଲେ କମ୍ବଳ ପାଖରେ, ତାକୁ ଗୋଟାଏ ବାହୁ ଯୋଗେ ଜାବୁଡ଼ି ଧରିଲେ ମଧ୍ୟ ।

କିନ୍ତୁ ମନେ ହେଲା ଉଭୟ କମ୍ବଳ ଏବଂ ଟିମା ବାବା ସ୍ରୋତ ଯୋଗେ ଭାସି ଚାଲିଲେ ।

''କ'ଣ କରୁଛ ଟିମା ବାବା ? ତମେ କମ୍ବଳକୁ କାବୁ କରିଛଟି ?'' — ପ୍ରଶ୍ନ କଲେ ଉତ୍କଣ୍ଠିତ ସହଯାତ୍ରୀଗଣ ।

''କରିଛି ! କିନ୍ତୁ କମ୍ବଳ ବି ମୋତେ କାବୁ କଲାଣି । ଏ ତ ବଡ଼ ବିଚିତ୍ର କଥା !'' — ଟିମା ବାବାର ଭୟାର୍ତ୍ତ କଣ୍ଠ କ୍ଷୀଣ ହୋଇ ଆସୁଥିଲା ।

''ଆରେ ବାବୁ, ତମେ ତେବେ କମ୍ବଳ ଛାଡ଼ି ଦେଉନା କାହିଁକି ?'' — ସାଧୁମାନେ ପରାମର୍ଶ ଦେଲେ ।

‘‘ମୁଁ କମ୍ବଳ ଛାଡ଼ି ଦେଲିଣି । ହେଲେ କମ୍ବଳ ମୋତେ ଛାଡୁ ନାହିଁ ।’’ – ଏହାହିଁ ଥିଲା ଟିମା ବାବାଙ୍କର ଶେଷ ବାର୍ତ୍ତା ।

ସହଯାତ୍ରୀମାନେ ଅବିଳମ୍ବେ କିଞ୍ଚିତ୍ ଦେଖିଲେ ଓ ବୁଝିଲେ, କମ୍ବଳ ପ୍ରତୀୟମାନ ସେ ଚିଜଟି ବାସ୍ତବରେ ଗୋଟାଏ ଭାଲୁ । କେମିତି ଦୂର ପର୍ବତର ଅତଡ଼ା ଖସିବା ଭିତରେ ସେ ବି ନଇ ଭିତରକୁ ଖସି ପଡ଼ିଥିଲା ନିଶ୍ଚୟ । ହାୟ !

(ମନୋଜ ଦାସ ପରିବେଷିତ ‘ଉପକଥା ଶତକ’ରୁ ସଂଗୃହୀତ, ପୃ. ୧୪୩ - ୧୪୫)

❑❑❑

---

‘ଉପକଥା ଶତକ’ କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **‘କମ୍ବଳ ତ ଛାଡୁ ନାହିଁ !’** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

‘‘କାହାଣୀଟିର ଅନ୍ୟ ଏକ ରୂପ ସ୍ୱାମୀ ବିବେକାନନ୍ଦ ବର୍ଣ୍ଣନା କରିଛନ୍ତି । ସେଥିରେ ସାଧୁ ଗୋଟାଏ ଗଛ ତଳେ ଭୁଲ୍‌ରେ କମ୍ବଳଟି ଛାଡ଼ି ଯାଇ ତା’ପରେ ତାକୁ ଗୋଟାଇ ନେବାକୁ ଲେଉଟି ଆସିବା ବେଳକୁ ତହିଁ ଉପରେ ଶାୟିତ ଭାଲୁ ।

‘‘କାହାଣୀଟି ପ୍ରତୀକାତ୍ମକ ଓ ତାତ୍ପର୍ଯ୍ୟବୋଧକ । ମୁଖ୍ୟ ହେଲା କମ୍ବଳ ମଣିଷର ଅଯଥା ଲୋଭର ପ୍ରତୀକ । ଗନ୍ତବ୍ୟ ତୀର୍ଥ ଜୀବନର ଅନ୍ତିମ ଲକ୍ଷ୍ୟର ପ୍ରତୀକ । ଯାତ୍ରୀଙ୍କର ଆବଶ୍ୟକତା ନଥିବା ସତ୍ତ୍ୱେ କମ୍ବଳ ପ୍ରତି ତାଙ୍କର ଆକର୍ଷଣ ସେହି ଲକ୍ଷ୍ୟ ପଥରେ ସବୁଠୁଁ ବଡ଼ ଅନ୍ତରାୟର ପ୍ରତୀକ ।’’

(ତତ୍ରୈବ : ପୃଷ୍ଠା : ୩୩୧ - ୩୩୨)


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଅନୀତାର ଅନୁଭବ

## ବନମାଳୀ ଆଚାର୍ଯ୍ୟ

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଫୁଲ ବଗିଚା । ଖଣ୍ଡିଏ ବର୍ଗାକାର ସମତଳ ଜମିରେ ଏହାକୁ ସୃଷ୍ଟି କରାଯାଇଛି । ଆକାରରେ ଗୋଟିଏ ମଧ୍ୟମ ଧରଣର ଖେଳପଡ଼ିଆ ଭଳି । ମଝିରେ ମଝିରେ ଅଣଓସାରିଆ ପାଦଚଲା ରାସ୍ତା । ଦୁଇକଡ଼କୁ ଲାଗି ସାନବଡ଼ ପଟାଳି । ସେଥିରେ ଋତୁ ଅନୁଯାୟୀ ଫୁଟୁଥିବା ଫୁଲଗଛସବୁ ଲଗାଯାଇଛି । ସ୍ଥାନେ ସ୍ଥାନେ କୁଣ୍ଡରେ ଫୁଲଗଛ ପୋତା ଯାଇଛି । ଧାଡ଼ି ଧାଡ଼ି ଫୁଲଗଛରେ ଫୁଲଗୁଡ଼ିକର ବିସ୍ମୟକର ରଙ୍ଗିନ ପରିବେଶ ଓ ମହକ । କେତେ ଜାତିର ସବୁଦିନିଆ ଫୁଲଗଛ, ଯଥା : ସୁଗନ୍ଧରାଜ, ଚମ୍ପା, ମଲ୍ଲି, ଟଗର, ମନ୍ଦାର, କନିଅର, ସଦାବିହାରି ଇତ୍ୟାଦି ନିର୍ଦ୍ଧାରିତ କୋଣରେ ମଥାଟେକି ବଗିଚାର ଶୋଭାବର୍ଦ୍ଧନ କରୁଛନ୍ତି । ବଗିଚାରୁ ଫୁଲ ଛିଡ଼ାଇବା ମନା । ରଙ୍ଗବେରଙ୍ଗର ଫୁଲଗୁଡ଼ିକ ମୃଦୁ ସମୀରରେ ଦୋହଲି ଦୋହଲି ନୃତ୍ୟ କରୁଥିବା ଭଳି ମନେ ହୁଏ । ଆଗନ୍ତୁକ ବ୍ୟକ୍ତିମାନଙ୍କର ଦୃଷ୍ଟି ବଗିଚା ଉପରେ ଅନ୍ତତଃ କିଛି କ୍ଷଣ ପାଇଁ ଲାଖି ରହେ । ଭଅଁରର ଗୁଞ୍ଜନ, ପ୍ରଜାପତିର ଖେଳ, ମହୁମାଛିର ବ୍ୟସ୍ତତା ସର୍ବଦା ଏଠାରେ ଲାଗି ରହିଥାଏ । ପାଠପଢ଼ା ସମୟରେ ବଗିଚା ପରିସରଟି ଜଣେ ଧ୍ୟାନମଗ୍ନ ଋଷି ଭଳି ନୀରବତା ଭିତରେ ବୁଡିଯାଏ । ପକ୍ଷୀର ମଧୁର ସ୍ୱର ହୃଦୟକୁ ପୁଲକିତ କରେ । ମନେହୁଏ ଯେପରି ବଗିଚାଟି ଅବିଶ୍ରାନ୍ତ ଭାବେ ଖୁସି ବିତରଣ କରିଚାଲିଛି ।

ଆଠ ବର୍ଷର ଝିଅ ଅନୀତା । ତୃତୀୟ ଶ୍ରେଣୀରେ ପଢ଼େ । ଦିନେ ସେ ପାଠପଢ଼ା ସମୟରେ ବଗିଚା ଭିତରେ ଅନ୍ୟମନସ୍କ ଭାବରେ ଚଲାବୁଲା କରୁଥିଲା । ଏହା ବିଦ୍ୟାଳୟର ଜଣେ ଅପାଙ୍କ ନଜରକୁ ଆସିଲା । ଝିଅଟିର ଏପରି କାର୍ଯ୍ୟ ତାଙ୍କୁ ଅସ୍ୱାଭାବିକ ଲାଗିଲା । ସେ ତା' ନିକଟରେ ପହଞ୍ଚିଲେ । ଝିଅଟିର ମୁଖ ମଳିନ ଦେଖା ଯାଉଥିଲା । ଅପାଙ୍କୁ ଦେଖି ସେ ଅପ୍ରତିଭ ହୋଇପଡ଼ିଲା । ହସ ହସ ମୁହଁରେ ଅପା ପଚାରିଲେ, ''ଅନୀତା, ଏ ସମୟରେ ତୁମେ ଶ୍ରେଣୀରେ ରହିବା କଥା । ଏଠାରେ କ'ଣ କରୁଛ ? ତୁମର କ'ଣ ଫୁଲ ଦରକାର ?'' ଦରଦଭରା କଣ୍ଠରେ ଝିଅଟି କହିଲା, ''ନା ଅପା, ମୁଁ ଏଠାକୁ ଫୁଲ ପାଇଁ ଆସି ନାହିଁ । ଗଛରୁ ଫୁଲ ଛିଡ଼ାଇଲେ ଫୁଲର ମନ ଦୁଃଖ ହେବ, ଗଛର ବି ମନ କଷ୍ଟ ହେବ । ମୋର ଫୁଲ ଦରକାର ନାହିଁ । ମୋତେ ଶ୍ରେଣୀରେ ଭଲ ଲାଗୁ ନାହିଁ । ମୋ ମା' ଡାକ୍ତରଖାନାରେ ଅଛି । ତା' ଦେହ ଭଲ ନାହିଁ । ମୋର ତା' କଥା ମନେ ପଡୁଛି । ମୋ ସାଙ୍ଗମାନେ ସେମାନଙ୍କର ମା' ସହିତ ରହୁଛନ୍ତି । ଫୁଲଗୁଡ଼ିକ ବି ମା' ସହିତ ଅଛନ୍ତି । ମୋ ମା' ଆଉ କେତେଦିନ ପରେ ଫେରିବ ଜଣା ନାହିଁ । ମୋର ତା' କଥା ଭାରି ମନେ ପଡୁଛି ।''

ଝିଅଟି ଆଉ କିଛି କହିପାରିଲା ନାହିଁ । ତା' ଆଖିରୁ ଲୁହ ଗଡ଼ି ଆସିଲା । ତା' ସରଳ ମନରେ ଲାଗିଥିବା ଆଘାତକୁ ଅପା ଅନୁଭବ କରି ପାରୁଥିଲେ । ତାକୁ ନିଜ ଆଡ଼କୁ ଆଉଜାଇ ଆଣିଲେ । ତା' ମୁଣ୍ଡକୁ ଆଉଁଶି ଦେଲେ । ରୁମାଲରେ ତା' ଆଖିର ଲୁହକୁ ପୋଛି ଦେଲେ । କୋମଳ ସ୍ୱରରେ ତାକୁ କହିଲେ, ''ଅନୀତା, ଧୈର୍ଯ୍ୟ ଧର । ମନଦୁଃଖ କର ନାହିଁ । ତୁମ ମା' ନିଶ୍ଚୟ ଭଲ ହୋଇ ଘରକୁ ଆସିବେ । ତୁମେ ପୁଣି ତାଙ୍କ ସହିତ ଖୁସିରେ ରହିବ । ଶ୍ରୀମା'ଙ୍କ ଉପରେ ଭରସା ରଖ । ତାଙ୍କ ଆଶୀର୍ବାଦରୁ ସବୁକିଛି ଠିକ୍ ହୋଇଯିବ ।'' ପିଲାଟିର ମନ ଭିତରେ ଜମାଟ ବାନ୍ଧିଥିବା ଦୁଃଖର କୋହ ବାହାରି ଆସୁଥିଲା । ଅପା ତା'ର ସରଳ ମନ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ । ଫୁଲ ବଗିଚାକୁ ଲାଗି ଧ୍ୟାନ କୋଠରି । ଅନୀତାକୁ ସାଥୀରେ ନେଇ ସେ ତା' ଭିତରକୁ ପ୍ରବେଶ କଲେ । ଧୂପକାଠିରେ ଅଗ୍ନି ସଂଯୋଗ କରି ସେ ଝିଅଟି ହାତକୁ ବଢ଼ାଇ ଦେଲେ । ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଫଟୋ ଆଗରେ ସେମାନେ କିଛି ସମୟ ଆଖି ବନ୍ଦ କରି ବସି ରହିଲେ । ବାହାରକୁ ଆସିବା ବେଳେ ଅନୀତା କିଛି ମାତ୍ରାରେ ଶାନ୍ତ ଓ ସ୍ଥିର ଜଣା ପଡୁଥିଲା । ସେ ଅପାଙ୍କୁ କହିଲା, ''ଅପା, ମୋ ମା'ର କେଉଁ ରୋଗ ଅଛି ମୋତେ ଜଣା ନାହିଁ । କେହି ମୋତେ କିଛି କହୁ ନାହାଁନ୍ତି । ରୋଗ ମୋତେ ଆଦୌ ଭଲ ଲାଗେ ନାହିଁ । ମୋ ମା' ଦେହକୁ ବା ଆସୁଛି କାହିଁକି ? ତାକୁ କ'ଣ ଜଣା ନାହିଁ ଏପରି ହେଲେ ମୁଁ କଷ୍ଟ ପାଇବି ?''

— ''ଅନୀତା, କଥା ସେପରି ନୁହେଁ । ଆମେ ଚାହୁଁ ନଥିବା ଜୀବମାନେ ବେଳେବେଳେ ଆମ ଘର ଭିତରକୁ ପଶି

ଆସନ୍ତି । ପୁଣି ବାହାରି ଯାଆନ୍ତି । ସେହିପରି ବାହାରର ଜୀବାଣୁ ଆମ ଦେହ ଭିତରକୁ ପଶି ଆସନ୍ତି ଓ ରୋଗ ସୃଷ୍ଟି କରନ୍ତି । ଯେତେବେଳେ ଆମେ ଏ ବିଷୟରେ ସଚେତନ ହେଉ ଓ ଔଷଧ ବ୍ୟବହାର କରୁ, ରୋଗ ଭଲ ହୋଇଯାଏ । ଆମେ ପୁଣି ପୂର୍ବ ଭଳି ସୁସ୍ଥ ରହୁ । ରୋଗ ବିଷୟରେ ବେଶୀ ଚିନ୍ତା ନକରିବା ଓ ରୋଗକୁ ଭୟ ନକରିବା ସବୁଠାରୁ ବଡ଼ କଥା । ମା'ଙ୍କୁ ଜଣାଇଲେ ଓ ଡାକିଲେ ଜଣେ ସଚେତନ ହୁଏ । ମନରୁ ସବୁପ୍ରକାର ଭୟ ଚାଲିଯାଏ, ତାଙ୍କ ଉପରେ ଭରସା ବଢ଼େ । ତାଙ୍କ ଉପରେ ବିଶ୍ୱାସ ରଖ । ତାଙ୍କୁ ପ୍ରାର୍ଥନା କର । ତୁମ ମା' ସୁସ୍ଥ ହୋଇ ଶୀଘ୍ର ଫେରି ଆସିବେ । ମା'ଙ୍କ ଆଶୀର୍ବାଦରେ ସେକଥା ଆଜି ବି ହୋଇପାରେ ।''

ଅନୀତାର ମୁହଁରେ ଚେନାଏ ହସ । ସେ ହସ ଆତ୍ମବିଶ୍ୱାସର । ଅଜଣା ଅବସାଦ ଭିତରୁ ସେ ଧୀରେ ଧୀରେ ବାହାରି ଆସୁଥିଲା । ଝିଅଟିର ମନ ସୁସ୍ଥ ରହିବା ପାଇଁ ତା'ର ମା' ସୁସ୍ଥ ହୋଇଯିବା ଆବଶ୍ୟକ । ଅପା ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । କୁନି କୁନି ପାଦ ବଢ଼ାଇ ଝିଅଟି ଶ୍ରେଣୀ କୋଠରିକୁ ପ୍ରବେଶ କଲା । ତା'ର ଚଞ୍ଚଳ ଗତିକୁ ଲକ୍ଷ୍ୟ କରି ଅପା ଆଶ୍ୱସ୍ତ ହେଲେ । ଅପରାହ୍ଣରେ ସେ ଅନୀତାର ମା'ଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସାକ୍ଷାତ୍ କଲେ । ମା'ର ଅନୁପସ୍ଥିତିରେ ଅନୀତା ମନରେ ଯେଉଁ କଷ୍ଟ ରହିଛି ତାହା ସେ ଡାକ୍ତରଙ୍କ ଆଗରେ ପ୍ରକାଶ କଲେ । ଜଣେ ଛାତ୍ରୀ ପାଇଁ ଏତେ ଦରଦ ଓ ଦାୟିତ୍ୱବୋଧ ! ଏହା ଡାକ୍ତରଙ୍କୁ ବିସ୍ମିତ କଲା । ଏ ଦିଗରେ ସେ ସର୍ବୋତ୍ତମ ବ୍ୟବସ୍ଥା କରିବେ ବୋଲି କଥା ଦେଲେ । ପରଦିନ ବିଦ୍ୟାଳୟରେ ଅପାଙ୍କର ଝିଅଟି ସହ ଭେଟ ହେଲା । ସେ ଆଗ୍ରହରେ ପଚାରିଲେ,

''ତୁମ ମା'ଙ୍କର ଦେହ କିପରି ଅଛି ?''

— ''ବାପା କହୁଥିଲେ, ମା'ର ଦେହ ଭଲ ଅଛି । ଆସନ୍ତା କାଲି ସେ ଘରକୁ ଆସିବ ।''

— ''ଆଉ ମନଦୁଃଖ କର ନାହିଁ କିଂବା କାନ୍ଦ ନାହିଁ । ଶ୍ରୀମା' ତୁମ ଡାକ ଶୁଣିଛନ୍ତି । ଆସନ୍ତା ସପ୍ତାହରେ ମୁଁ ତୁମ ଘରକୁ ଯିବି । ଶ୍ରୀଅରବିନ୍ଦ ପାଠଚକ୍ର ଆରମ୍ଭ କରିବା । କିଛି କହିବ ?''

— ''ଆପଣ ଆସିଲେ ମା' ବହୁତ ଖୁସି ହେବ ।''

ଅପା ଝିଅଟିର ମୁଖମଣ୍ଡଳରେ ଥିବା ସରସତାକୁ ଲକ୍ଷ୍ୟ କରୁଥିଲେ ।

ସମୟ ଅନୁସାରେ ଅନୀତାଙ୍କ ଘରେ 'ଶ୍ରୀଅରବିନ୍ଦ ପାଠଚକ୍ର' ଅନୁଷ୍ଠିତ ହେଲା । ଅପା ନିଜେ ଏହାକୁ ପରିଚାଳନା କଲେ । ସେତେବେଳକୁ ଅନୀତାର ମା' ସୁସ୍ଥ ହୋଇ ଘରକୁ ଫେରି ଆସିଥିଲେ । ଅନୀତା ବହୁତ ଖୁସି ଥିଲା । ସେ କେତେଜଣ ସାଙ୍ଗସାଥୀ ଓ ଗାଁ ଲୋକଙ୍କୁ ଡାକି ଆଣି ପାଠଚକ୍ରରେ ବସାଇଲା । ପ୍ରଥମେ ଅପା 'ଶ୍ରୀଅରବିନ୍ଦ ପାଠଚକ୍ର'ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ କହିଲେ । ତା' ପରେ ''ଆମେ କିପରି ନୀରୋଗ ରହିବା'' ବିଷୟ ଉପରେ ଆଲୋଚନା କଲେ । ଆଲୋଚନାର ସାରାଂଶ ଏହିପରି ଥିଲା —

ଆମ ଭିତରର ଅସଙ୍ଗତି ଓ ବିଶୃଙ୍ଖଳା ରୋଗର କାରଣ ହୋଇଥାଏ । ଯେପର୍ଯ୍ୟନ୍ତ ଭିତରର ଏହି ଗୋଳମାଳ ଦୂର ନ ହୋଇଛି, ସୁସ୍ଥ ରହିବା ସ୍ଥାୟୀ ହେବ ନାହିଁ । ସୁସ୍ଥ ରହିବାକୁ ହେଲେ ଭିତର ଓ ବାହାର ମଧ୍ୟରେ ସମଞ୍ଜସତା ବା ସମତା ଜରୁରୀ । ସାଧାରଣତଃ ଦେଖାଯାଏ, ଲୋକମାନେ ବହିର୍ମୁଖୀ ଜୀବନଯାପନ କରିବାରେ ବ୍ୟସ୍ତ ରହନ୍ତି । ବାହ୍ୟ ଜୀବନ ଦେହ, ପ୍ରାଣ ଓ ମନକୁ କେନ୍ଦ୍ର କରି ଚାଲିଥାଏ । ଏଥିରେ ଅଜ୍ଞାନତା, ଜଡ଼ତା ଓ ଯନ୍ତ୍ରଣା ମିଶି ରହିଥାଏ । ତେଣୁ ଜୀବନ ଦୁଃଖପୂର୍ଣ୍ଣ ରହେ । ପ୍ରତ୍ୟେକଙ୍କୁ ଅନ୍ତର୍ମୁଖୀ ହେବାକୁ ହେବ । ଅନ୍ତର୍ମୁଖୀ ହେଲେ ଆତ୍ମାଙ୍କୁ କେନ୍ଦ୍ର କରି ଜୀବନଧାରା ଚାଲେ । ଆତ୍ମା ଭଗବାନଙ୍କର ଅଂଶ । ପ୍ରତ୍ୟେକଙ୍କ ଭିତରେ ଭଗବାନଙ୍କର ପ୍ରତିନିଧି ରହିଛନ୍ତି । ସେ ସତ୍ୟ, ଆଲୋକ, ଶକ୍ତି ଓ ପୂର୍ଣ୍ଣତାର ଆଧାର । ଏହା ଦ୍ୱାରା ବାହାର ଓ ଭିତରର ସତ୍ତା ମଧ୍ୟରେ ସମତା ପ୍ରତିଷ୍ଠିତ ହୁଏ । ବାହାରର ବାତାବରଣ ମଧ୍ୟରେ ଅନେକ କ୍ଷତିକାରକ ସ୍ପନ୍ଦନ ଓ ମନ୍ଦଇଚ୍ଛା ସବୁ ରହିଥାଏ । ସେଗୁଡ଼ିକ ମନୁଷ୍ୟ ଭିତରକୁ ପ୍ରବେଶ କରି ଗୋଳମାଳ ସୃଷ୍ଟି କରନ୍ତି ଓ ରୋଗ ସୃଷ୍ଟି କରନ୍ତି । ଭୟ, ଘୃଣା, ବିରକ୍ତି ଇତ୍ୟାଦି ବ୍ୟକ୍ତିର ଭିତରକୁ ଦୁର୍ବଳ କରି ଦିଅନ୍ତି । ଜୀବାଣୁ ମଧ୍ୟ ରୋଗର କାରଣ ହୋଇଥାଏ । ଯେକୌଣସି ପ୍ରକାରର ମଇଳା ଜୀବାଣୁ ପରିବାହକ ହୋଇପାରେ ।

ଭୟ ରୋଗର ଏକ ବଡ଼ କାରଣ । ଏହା ମାନସିକ, ପ୍ରାଣିକ ଏବଂ ଦୈହିକ ହୋଇପାରେ । ରୋଗକୁ ନେଇ ଅଯଥା ଭାବନା, କଳ୍ପନା, ରୋଗର ପରିଣତି ବିଷୟରେ ଅଯଥା ଚିନ୍ତା ଜଣକୁ ଅଧିକ ଦୁର୍ବଳ କରିଦିଏ — ଏହା ମାନସିକ ଭୟ । ଜଣେ ରୋଗକୁ ବଡ଼ ଆକାରରେ ଅନୁଭବ କରିବସିଲେ, ହଠାତ୍

ଅଧିକ ଥଣ୍ଡା, ଗରମ, ଶ୍ୱାସକ୍ରିୟାରେ କଷ୍ଟ, ହୃତ୍‌ସ୍ପନ୍ଦନ ବଢ଼ିଯିବା ଆଦି ଲକ୍ଷଣମାନ ପ୍ରକାଶ ପାଏ – ଏହା ପ୍ରାଣିକ ଭୟ । ଦେହଗତ ଭୟ କାରଣରୁ କୋଷଗୁଡ଼ିକରେ କମ୍ପନ ଜାତ ହୁଏ । ଏହା ଦ୍ୱାରା ରୋଗ ପାଇଁ ବାଟଟିଏ ଖୋଲିଯାଏ । ନୀରୋଗ ରହିବାର ସର୍ବୋତ୍ତମ ଉପାୟଟି ହେଲା ଶ୍ରୀମାଶ୍ରୀଅରବିନ୍ଦଙ୍କ କୃପା ଉପରେ ଭରସା ରଖିବା ଏବଂ ତାଙ୍କର ଆଶ୍ରିତ ହେବା । ଏହା ଦ୍ୱାରା ବିଶ୍ୱାସ ଓ ଶାନ୍ତିର ଗ୍ରହଣଶୀଳତା ଶରୀରରେ ସୃଷ୍ଟି ହୁଏ । ସୁସ୍ଥ ହୋଇ ଉଠିବାର ବିଶ୍ୱାସ ଶେଷରେ ଜଣକୁ ସୁସ୍ଥ କରିଦିଏ । ଶରୀର ଯେତେବେଳେ ଆରୋଗ୍ୟ ହେବାର ନିଷ୍ପତ୍ତି ନିଏ, ତାହା ରୋଗମୁକ୍ତ ହେବାକୁ ଲାଗେ । ମନ୍ଦଭାବନା ନରଖିବା, ମନ୍ଦ ସମାଲୋଚନାରୁ ମୁକ୍ତ ରହିବା, ସବୁଠାରେ ଦିବ୍ୟକରୁଣାଙ୍କ ହସ୍ତର ସ୍ପର୍ଶ ଅନୁଭବ କରିବା ଓ ଖୁସି ମନରେ ବଞ୍ଚିବା ଦ୍ୱାରା ଶାରୀରିକ ବିଶୃଙ୍ଖଳା ଆସେ ନାହିଁ, ଥିଲେ ଦୂର ହୁଏ । ସୁସ୍ଥଥିବାର କଳ୍ପନା, ମା'ଙ୍କ ନାମ ସ୍ମରଣ ଓ ଜପ ଶରୀର ଉପରେ ଯଥାର୍ଥ ପ୍ରଭାବ ପକାଏ । ଶ୍ରୀମା ଓ ଶ୍ରୀଅରବିନ୍ଦ ମନ, ପ୍ରାଣ, ଦେହରେ ରୂପାନ୍ତର ସାଧନା ଓ ଦିବ୍ୟଜୀବନ ଲାଭ କରିବାର ମାର୍ଗ ଦେଖାଇଛନ୍ତି । ଦିନେ ରୋଗମୁକ୍ତ ଦେହ ସମ୍ଭବ ହେବ, ଯାହା ରୂପାନ୍ତର ସାଧନାରେ ସହଯୋଗ କରିବ । ମା'ଙ୍କର ଦିବ୍ୟଶକ୍ତି ନିକଟରେ ଜଣେ ସମର୍ପିତ ରହିଲେ, ତାକୁ କବଳିତ କରି ରଖିଥିବା ରୋଗଭୟ ଓ ଅବସାଦ ଧୀରେ ଧୀରେ ଅପସରି ଯିବ ।

ପରିଶେଷରେ ଅପା କହିଲେ – ରୋଗମୁକ୍ତ ଜୀବନ ବିଷୟରେ ଶ୍ରୀମା ଅନେକ ବାଟ ଦେଖାଇଛନ୍ତି । ଶ୍ରୀମାଶ୍ରୀଅରବିନ୍ଦ ଏବଂ ତାଙ୍କର ଅନୁଗାମୀମାନଙ୍କର ପୁସ୍ତକ ପାଠ କରିବା ଦ୍ୱାରା ଜଣେ ଅଧିକ କଥା ଜାଣିପାରିବ ଏବଂ ନିଜ ଜୀବନକୁ ଗଠନ କରିବାର ସମୁଚିତ ମାର୍ଗଟିକୁ ବାଛି ନେଇ ପାରିବ । ତାଙ୍କରି କୃପାରେ ତାଙ୍କରି କଥାରୁ କିଛି ମୁଁ ଆପଣମାନଙ୍କ ଆଗରେ ଉପସ୍ଥାପନ କରୁଛି ।

ଶ୍ରୀମା କହିଛନ୍ତି –

"Truth is supreme harmony and supreme delight.
All disorder, all suffering is falsehood."

(CWM, Vol. 15, Page. 154)

ଏହାର ଓଡ଼ିଆ ଅନୁବାଦ ଏହିପରି ହୋଇପାରେ :
''ସତ୍ୟହିଁ ପରମ ସଙ୍ଗତି ଓ ପରମ ଆନନ୍ଦ ।
ସମସ୍ତ ବିଶୃଙ୍ଖଳା, ସମସ୍ତ ବେଦନା ମିଥ୍ୟା ।''

ଶରୀର ଦିନେ ମିଥ୍ୟାରୁ ମୁକ୍ତ ହେବ ଓ ସତ୍ୟକୁ ପ୍ରକାଶ କରିବ । ❑

# କୃତଜ୍ଞତା

## ଜ୍ୟୋସ୍ନାରାଣୀ ଦାଶ

ହେ ସତ୍ୟର ସନ୍ଧାନୀ ନବପ୍ରକାଶ !
ତୁମେ ଓ ତୁମର ସ୍ରଷ୍ଟାଙ୍କ ଲାଗି
ମୋ ହୃଦୟରେ କୃତଜ୍ଞତାର ଏକ
ସୁରଭିତ ଶୁଭ୍ର ଗୋଲାପ
ଉଜ୍ଜ୍ୱଳ ଆଭା ନେଇ ମୁକୁଳିତ ହେଉଛି ।

ସେଇ ବାସ୍ନାୟିତ ଶ୍ୱେତ ଗୋଲାପର
କୋମଳ ପାଖୁଡ଼ାକୁ
କରପୁଟରେ ଟୋଳିଧରି
ହୃଦୟର ଗଭୀରରୁ ଦଇନି କରୁଛି ।



ହେ ସତ୍ୟର ସ୍ତାବକ, ନବପ୍ରକାଶ !
ସୀମିତ ଜ୍ଞାନକୁ ମୋର ପରିବ୍ୟାପ୍ତ କର,
ତୁମ ଦୀପ୍ତ ଆଲୋକରେ
ତମସାଚ୍ଛନ୍ନ ହୃଦୟକୁ ଆଲୋକିତ କର ।

ଉତ୍ସାହହୀନ ପ୍ରାଣରେ
ଭରିଦିଅ ଅନନ୍ତ ଉତ୍ସାହ ।
ଅହଂପୂର୍ଣ୍ଣ ଅନ୍ଧକାରଭରା
ଅନୁଭବକୁ ମୋର
'କେବଳ ସତ୍ୟ' ସନ୍ଧାନେ ଜାଗରୁକ କର । ❑

# କଥା ତିନିପଦ

ବାହାଘରର କୋଡ଼ିଏ ବର୍ଷ ପରେ ବି ସେମାନଙ୍କ ଦାମ୍ପତ୍ୟ ଜୀବନରେ କେଉଁଠି କଳାଦାଗଟିଏ ଲାଗି ନଥିଲା । କେତେ ଅଭାବ, କେତେ ଦୁଃଖ ଓ କେତେ ସମସ୍ୟାର ଜୁଆରିଆ ଲହଡ଼ି ସେମାନଙ୍କ ଘରକରଣାକୁ ବୁଡ଼େଇ ଦେବାକୁ ଆସିଛି, ମାତ୍ର ପରସ୍ପରର ହାତ ଧରି, ମୁଣ୍ଡ ନୁଆଁଇ ସେଇ ଲହଡ଼ି କବଳରୁ ସେମାନେ ବର୍ତ୍ତି ଯାଇଛନ୍ତି । ନିରାଶ ହୋଇ ନାହାନ୍ତି, ଭାଙ୍ଗି ପଡ଼ି ନାହାନ୍ତି ।

କୌଣସି ଦିନ କଳିତକରାଳର କଟୁ ଶବ୍ଦ ସେମାନଙ୍କ ଘରୁ କେହି ଶୁଣିନି ।

ଦୂର ଜନପଦର ଏହି ଦମ୍ପତ୍ତିଙ୍କ କଥା ସେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟେ । କ୍ରମେ ସେ ଖବର ଯାଇ ପହଞ୍ଚେ ରାଜାଙ୍କ ପାଖରେ । ରାଜା ଆଶ୍ଚର୍ଯ୍ୟ ହୁଅନ୍ତି । ସକଳ ପ୍ରାଚୁର୍ଯ୍ୟ ଓ ଦାସଦାସୀଙ୍କ ସେବା ସାହଚର୍ଯ୍ୟ ସତ୍ତ୍ୱେ ରାଣୀଙ୍କ ସହ ତାଙ୍କର ଉଚ୍ଚବାଚ ସେତେବେଳକୁ ପାଲଟି ଥାଏ ପ୍ରାତ୍ୟହିତ ଘଟନା !

ବିଦ୍ୱାନ୍ ମନ୍ତ୍ରୀ ଉଠିପଡ଼ି କହନ୍ତି, 'ମାତ୍ର ସାତଟି ଦିନ ମୋତେ ସମୟ ଦିଅନ୍ତୁ । ମୁଁ ସେହି ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଛିଡ଼ା କରେଇଦେବି ଘୃଣା ଓ ସନ୍ଦେହର ପ୍ରାଚୀର ।'

ରାଜା କହିଲେ, 'ତଥାସ୍ତୁ । ଏଭଳି ଦମ୍ପତ୍ତିଙ୍କ କଥା ଶୁଣିବାଦିନୁ ଈର୍ଷାରେ ମୁଁ ସୁଖନିଦ୍ରା ଯାଇପାରୁ ନାହିଁ ।'

ମନ୍ତ୍ରୀ ମହୋଦୟ ଛଦ୍ମ ସନ୍ନ୍ୟାସୀ ବେଶରେ ଯାଇ ଦୂର ଗାଁର ସେଇ ଶ୍ରମିକ ପରିବାରରେ ପହଞ୍ଚିଗଲେ ଓ ଅତିଥି ଭାବେ ଆଶ୍ରୟ ଲୋଡ଼ିଲେ । କହିବା ବାହୁଲ୍ୟ, ଶ୍ରମିକ ପରିବାର ଆଗ୍ରହରେ ଅତିଥିଙ୍କ ରହିବା ପାଇଁ ବନ୍ଦୋବସ୍ତ କରିଦେଲେ । ନିଜେ ଯାହା ଖାଉଥିଲେ ସେଇଥିରୁ ଅଧା ବାଢ଼ି ଦେଉଥିଲେ ଅତିଥିଙ୍କୁ ଆଦରରେ ।

ମନ୍ତ୍ରୀ ଆଶ୍ଚର୍ଯ୍ୟ ହେଉ ଥାଆନ୍ତି । ଶ୍ରମିକ ଦମ୍ପତ୍ତିଙ୍କ ଘରେ ସେଭଳି କିଛି ଧନସମ୍ପଦ ନଥାଏ । ଉଭୟେ ଯାହା ଖଟିଖାଟି ଆଣନ୍ତି ସେଇଥିରେ ଚଳନ୍ତି । ତା'ପରେ ପିଲାଏ ଖାଇପିଇ ଶୋଇଯିବା ପରେ ରାତି ଆକାଶର ଜହ୍ନ-ତାରା ଆଡ଼େ ଚାହିଁ ସ୍ୱାମୀଟି କହେ ତା' କଥା, ସ୍ତ୍ରୀ ଶୁଣେ । ତା' କଥା ସରିଗଲା ପରେ ସ୍ତ୍ରୀ କହେ ଦିନକଯାକର ଅନୁଭୂତି । ସ୍ୱାମୀଟି ତା'ର ମୁଣ୍ଡ ଆଉଁଶି ଦିଏ । ସେମାନଙ୍କ ଚୁନାଚୁନା ହସରେ ରାତିର କ୍ଳାନ୍ତି ଦୂର ହୋଇଯାଏ ଅବା !

ସାଦାସିଧା ଖିଆପିଆ, ଘର୍ମାକ୍ତ ରାତି ଓ ମଫସଲୀ ଅସୁବିଧା ଭିତରେ ମନ୍ତ୍ରୀ ଛାଟିପିଟି ହେଲେ । ସାତ ଦିନ ପର୍ଯ୍ୟନ୍ତ ରହିଲେ ହୁଏତ ତାଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଯିବ – ଏହା ଥିଲା ତାଙ୍କର ଆଶଙ୍କା । ତା'ଛଡ଼ା ଯେଉଁ ମନୋରଥ ନେଇ ସେ ଆସିଥିଲେ ତାହା ଚରିତାର୍ଥ ହେବାର କୌଣସି ସମ୍ଭାବନା ସେ ଦେଖୁ ନଥିଲେ । ପଞ୍ଚମ ଦିନ ପ୍ରଭାତରେ ସେ ଏଇ ଶ୍ରମିକ ଦମ୍ପତ୍ତିଙ୍କଠାରୁ ବିଦାୟ ଲୋଡ଼ିଲେ । ଶ୍ରମିକବଧୂ ପିଲାଙ୍କ ଲାଗି ପୋଡ଼ପିଠାଟିଏ ତିଆରି କରିଥିଲା ଗତ ରାତିରୁ । ସେଇଟିକୁ ଅତିଥିଙ୍କ ଉତ୍ତରୀୟରେ ବାନ୍ଧିଦେଇ ସାଷ୍ଟାଙ୍ଗ ପ୍ରଣାମ ଜଣାଇଲା । ଅତିଥି ଆଉ କୌତୂହଳ ଗୋପନ ରଖି ପାରିଲେ ନାହିଁ । ନିଜର ପରିଚୟ ପ୍ରକାଶ କରି ପଚାରିଲେ, 'କୁହ ମା, ତୁମେ ଦିହେଁ କିଭଳି ଏତେ ଭଲ ବୁଝାମଣାରେ ଚଳିପାରୁଛ ?'

ବଧୂଟି ଲାଜେଇ ଗଲା । ଓଢ଼ଣାଟିକୁ ମୁଣ୍ଡ ଉପରକୁ ଟାଣିଆଣି ଧୀର ସ୍ୱରରେ କହିଲା, 'ଯା'ଙ୍କ ଘରକୁ ଆସିବା ଦିନ ମୋ ଶାଶୂ ଆମ ଦିହିଁଙ୍କୁ ପାଖରେ ବସେଇ ତିନିପଦ କଥା କହିଥିଲେ । ସେଇ ତିନିପଦ କଥାକୁ ଆମେ ସବୁଦିନେ ମନେପକାଉ ।''

''କ'ଣ ସେ ତିନିପଦ କଥା ?'' ମନ୍ତ୍ରୀଙ୍କ ସ୍ୱରରେ ଉତ୍ସୁକତା ।

''ଦୁଃଖରେ ଭାଙ୍ଗିପଡ଼ିଥିଲା ବେଳେ କିଛି ନିଷ୍ପତ୍ତି ନେବ ନାହିଁ । ଦ୍ୱିତୀୟରେ ମନ ଭିତରେ କ୍ରୋଧ ଆସୁଥିବା ବେଳେ ଜିଭକୁ ଲଗାମ ଦେବ ଏବଂ ତୃତୀୟରେ ମନ ଖୁବ୍ ଖୁସିଥିଲା ବେଳେ କାହାକୁ କିଛି ପ୍ରତିଶ୍ରୁତି ଦେବ ନାହିଁ ।''

ମନ୍ତ୍ରୀଙ୍କର ଆଉ କିଛି କହିବା ପାଇଁ ନ ଥିଲା । ସେ ରାଜଧାନୀ ଅଭିମୁଖେ ପାଦ ବଢ଼େଇଲେ । ଶ୍ରମିକ ଦମ୍ପତ୍ତିଙ୍କ ଘର ସାମ୍ନାର କରଞ୍ଜ ଗଛ ଶାଖାରେ ଖୁନ୍ଦି ହୋଇଥାଏ ନବପତ୍ର । ଚପଳ ଚଇତାଳି ସେଇ ସବୁଜ ପତ୍ରମାନଙ୍କ ସାଙ୍ଗରେ ଚକାଚକା ଭଉଁରି ଖେଳୁଥାଏ ।

(ଉତ୍ସ : 'କଥାଟିଏ'
ସଂକଳନ : ଗୌରହରି ଦାସ) ❑

# ଲସି ଗ୍ଲାସର ଅନ୍ତରାଳର ଗଣିତ

## ଧର୍ମକୁମାର ଶତପଥି

ଏଇ ମେ ମାସ ପାଞ୍ଚ ତାରିଖ । ଝିଅର ନିଟ୍ (NIT) ପରୀକ୍ଷାର କେନ୍ଦ୍ର ଥିଲା ସଦର ମହକୁମା ଠାରୁ ତିନି କିଲୋମିଟର ଦୂର ଏକ ଘରୋଇ କଲେଜରେ । ଆଧୁନିକ ଚାକଚକ୍ୟରେ ଝଲସି ଉଠୁଥିବା ଏହି କଲେଜଟି ମାତ୍ର ଅଳ୍ପ କେତେ ବର୍ଷ ମଧ୍ୟରେ ମୁଣ୍ଡ ଟେକିଛି । ମୁଁ ଝିଅକୁ ସଙ୍ଗ ଦେବା ପାଇଁ ମୋ ଗାଡ଼ିରେ ନେଇ ଏହି କେନ୍ଦ୍ରରେ ଯଥା ସମୟରେ ପହଞ୍ଚିଲୁ । ଝିଅ ତା'ର ପରୀକ୍ଷାର ନିୟମ ପାଳନ କରି କେନ୍ଦ୍ର ଭିତରକୁ ଗଲା । ମୁଁ ନିକଟସ୍ଥ ଆଶ୍ରୟସ୍ଥଳରେ ଅପେକ୍ଷା କଲି ।

ପରୀକ୍ଷା ସରିଲା ଠିକ୍ ୩.୩୦ ମିନିଟ ସମୟରେ । ଘଣ୍ଟାରେ ତିନି ଥର ବାଜି ଉଠିଲା ଢନ୍ ...ଢନ୍ ...ଢନ୍ !

ସିଏ ବାହାରି ଆସିଲା ବେଶ୍ ଖୁସ୍ ମିଜାଜରେ । ବାଇକ୍‌ରେ ଫେରିଲୁ । ଆସି ବ୍ଲକ୍ ଛକରେ ପହଞ୍ଚିଲା ବେଳକୁ ନିର୍ଧୂମ୍ ଖରା, ଗରମ ପବନରେ ମୁଣ୍ଡ ଝାଇଁ ଝାଇଁ କରୁଥିଲା । ଉଦୁଉଦିଆ ଦିପହରଟାରେ ଯେମିତି ଆକାଶରୁ ନିଆଁ ବର୍ଷା ହେଉଥିଲା । କାନମୂଳ ଓ ଗୋଡ଼ ଆଙ୍ଗୁଠିର ନଖଅଗରେ ଗରମ ପବନ ଯେପରି ଟକ୍ ଟକ୍ କରୁଥିଲା । ଝିଅ ସେଥିରୁ ତ୍ରାହି ପାଇବା ପାଇଁ ତା'ର ରୁମାଲଟାକୁ ମୁଣ୍ଡରେ ଗୁଡ଼ାଇ ଧରିଥିଲା । ମାତ୍ର ସେଇ ଗରମ ପରିବେଶରେ ରୁମାଲର ଭୂମିକା ଥିଲା ସମୁଦ୍ରକୁ ଶଙ୍ଖେ ପରି ।

ଗତି ଧିମା କରି ରାସ୍ତା କଡ଼କୁ ଗାଡ଼ିକୁ ଆଉଜାଇ ଦେଲି । ଝିଅକୁ କହିଲି, ''ଝିଅ, ଏଠାରେ କିଛି ଥଣ୍ଡା ଲସି କି ସରବତ ପିଇବା ? ଏଇ ଯେଉଁ ଖରା ହେଉଛି, ଦେହ ଜଳଶୂନ୍ୟ (dehydration) ହୋଇଯିବ ।'' ସିଏ ସମ୍ମତ ହେଲା । ଗାଡ଼ି ରଖି ପାଖ ଲସି ଦୋକାନକୁ ଗଲୁ । ସମ୍ଭ୍ରମରେ ବେଞ୍ଚରେ ବସି ଦୁଇଟା ଲସି ପାଇଁ ବରାଦ ଦେଲି । ଝିଅ ବି ପାଖରେ ବସିଲା ।

ଏପରି ପ୍ରଚଣ୍ଡ ଖରାରେ ଦୋକାନୀ ତା'ର ବେପାର ଚଳାଇଛି । ଟେବୁଲକୁ ଘେରେଇ ବିଭିନ୍ନ ରଙ୍ଗିନ ତରଳ ପଦାର୍ଥର ବୋତଲମାନ ଆକର୍ଷଣୀୟ ଢଙ୍ଗରେ ସଜାଇ ଦେଇଛି । ମୋ ବରାଦ ଶୁଣି ଚେଇଁ ଉଠିବା ପରି ଦୋକାନୀ ତା'ର ପେଷଣଯନ୍ତ୍ର (grinder)ରେ ବରଫ, ଦହି, ଚିନି ଇତ୍ୟାଦି ଆଉ କ'ଣ କ'ଣ ଦେଇ ଫେଣ୍ଟି ଦେଲା । ଏମିତି ଏକ ନାଟକୀୟ ଢଙ୍ଗରେ ଦୁଇଟି ସୁଦୃଶ୍ୟ ସୁନ୍ଦର ଡେଙ୍ଗା କାଚ ଗ୍ଲାସରେ ଢାଳି ଦେଇ ତହିଁରେ ଆଉ କ'ଣ କ'ଣ ସୁସ୍ୱାଦୁ ଦ୍ରବ୍ୟ ପକାଇ ଏକ ପାନୀୟ ପରଶି ଦେଲା । ସେଇ ସୁନ୍ଦର ସରୁଆ ଓ ଉଚ୍ଚ ଉଚ୍ଚ ଗ୍ଲାସ ଦେଖି ଝିଅ ଟିପ୍ପଣୀ କଲା, ''ବାଃ, ସୁନ୍ଦର ପତଳା ଗ୍ଲାସଗୁଡ଼ିକ କେଡ଼େ ମନଲୋଭା ସତେ ! ଦେଖ, ବାପା ।'' ଦୋକାନୀର ଲସି ଗ୍ଲାସ ଧରାଇବାର କୌଶଳ ବି ଥିଲା ତତୋଽଧିକ ଆକର୍ଷଣୀୟ । ଝିଅର ଟିପ୍ପଣୀ ଉପରେ ମୁଁ ଏକ ଦାର୍ଶନିକସୁଲଭ ବକ୍ତବ୍ୟ ଯୋଡ଼ିଲି, ''ଏଇ ଯେଉଁ ଉଚ୍ଚ ଉଚ୍ଚ ପତଳା ଗ୍ଲାସ ଦେଖୁଛୁ, ଏହା ସୁନ୍ଦର ତ ଲାଗୁଛି, ଏହା ଭିତରେ 'ଗଣିତ' ଲୁଚି ରହିଛି ! ଜାଣିଲୁ !'' ମୁଁ ମୋ ଚଷମାକୁ ମୁହଁ ଉପରୁ କାଢ଼ି ଭାଙ୍ଗି ଦେଲି ଓ ପକେଟରେ ପୂରାଉ ପୂରାଉ କହିଲି ।

''ଗଣିତ !'' – ଝିଅ ଆଶ୍ଚର୍ଯ୍ୟ ହୋଇ ଆଖି ବଡ଼ ବଡ଼ କରି କହିଲା । ଦୋକାନୀଟି ମଧ୍ୟ ମୋ ବକ୍ତବ୍ୟ ଶୁଣି ମୋ ଆଡ଼କୁ ସପ୍ତାଶ୍ଚର୍ଯ୍ୟକୁ ଚାହିଁଲା ପରି ଅନାଇ ରହିଲା । ମୁଁ ବୁଝିଲି, ସିଏ ମୋ ଆଡ଼କୁ ଯେଉଁ ଭଙ୍ଗିରେ ଅନାଉଛି, ମୁଁ ଯେପରି ଏଇ ସହରର ଏକ ନାମଜାଦା କଲେଜର ଜଣେ ନାମକରା ପ୍ରବୀଣ ଗଣିତ ଅଧ୍ୟାପକ । ତା' ନହେଲେ ଏଇ ମାମୁଲି କାଚ ଗ୍ଲାସଗୁଡ଼ିକ ସହିତ ଗଣିତ ପାଠର ସମ୍ପର୍କ ଯୋଡ଼ି ରହିବା ଭଳି ଅବାନ୍ତର ଓ ଉଦ୍ଭଟ କଥା କହନ୍ତି କିପରି ? ଉଭୟଙ୍କର ମୁଖଭଙ୍ଗିରୁ ସେପରି ମାନସିକତା ପଢ଼ି ନେଉ ନେଉ ଦୋକାନୀ ଆମ ଉଭୟଙ୍କୁ ଲସି ଗ୍ଲାସ ହସ୍ତାନ୍ତର କରିଦେଲା । ମୁଁ ଗମ୍ଭୀର ହୋଇ ଦମ୍ଭରେ କହିଲି – ''ହଁ, ଏଇ ଲସି ଗ୍ଲାସର ଗଠନରେ ଗଣିତ ରହିଛି । ତେଣୁ ଏହାର ମର୍ଯ୍ୟାଦା ରହିଛି । ଏକଥା ସମସ୍ତେ ବୁଝି ପାରିବେ ନାହିଁ ।''

ଏ ଅବାନ୍ତର କଥାର ରହସ୍ୟ ଫିଟାଇବା ପାଇଁ ଝିଅ ପୁଣି ଜିଜ୍ଞାସା କଲା – ''କି ଗଣିତ, ବାପା ? କହିବ ?''

''ଏବେ ଏଇ ଚଉରାଳିଶ ଡିଗ୍ରୀ ତାପମାତ୍ରାରେ ଏଠାରେ ଗଣିତ ଚର୍ଚ୍ଚା କରିବା ସମ୍ଭବ ନୁହେଁ । ଘରକୁ ଚାଲ – ସନ୍ଧ୍ୟାରେ ଶୀତଳ ବେଳାରେ ମନେ ପକାଇ ଦେବୁ; ଏଇ ଉଚ୍ଚ ଉଚ୍ଚ ଲସି ଗ୍ଲାସରେ କି ଗଣିତ ରହିଛି ତାହା ଆଲୋଚନା କରିବା ।'' ଝିଅ ଥଣ୍ଡା ପାନୀୟ ପିଇ ସାଷ୍ଟମ ହେଲା । ଲସି ଗ୍ଲାସର ମୂଲ୍ୟ ପଇଠ କରି ଘରକୁ ଫେରିଲୁ ।


ଝିଅ ମନରେ ଅନେକ ପ୍ରଶ୍ନବାଚୀ ! ଉତ୍ତପ୍ତ ପରିବେଶରେ ଥଣ୍ଡା ପାନୀୟ ତ ନୁହେଁ, ମୁଁ ଯେପରି ତାକୁ ଗିଲାସେ କୌତୂହଳ ପୂରାଇ ଦେଇଛି ତା' ମୁଣ୍ଡରେ । ସେ ଅସ୍ଥିର ହେଉଛି । ଏଇ କାଚ ଗ୍ଲାସରେ କି ଗଣିତ ଲୁଚି ରହିଛି ଜାଣିଲେ ଥୟ ରହିବ ।

ଛାତ୍ରମାନଙ୍କ ମନରେ ଏଇପରି ଅନୁସନ୍ଧିତ୍ସା ରହିବା ଏକାନ୍ତ ବାଞ୍ଛନୀୟ । ପାଠ ମାଧ୍ୟମରେ ମନରେ ଯଦି କୌଣସି ଏକ କୌତୂହଳ ଜାଗ୍ରତ୍ ହୁଏ, ତହିଁର ରହସ୍ୟ ଉନ୍ମୋଚନ ହେବା ପର୍ଯ୍ୟନ୍ତ ସେମାନେ ଚେଷ୍ଟାରତ ରହିବା ଓ ଯଥା ସମୟରେ ସେଇ ରହସ୍ୟର କାରଣରେ ସନ୍ଧାନୀ ହୋଇ ରହିବାରେହିଁ ସେମାନଙ୍କର ମସ୍ତିଷ୍କ ଉର୍ବର ଓ ଉନ୍ନତ ହୋଇଥାଏ – ଜ୍ଞାନର ପରିବର୍ଦ୍ଧନ ଘଟେ । ଏହା ମେଧାତ୍ୱର ପ୍ରଥମ ପାହାଚ ।

ଯା'ହେଉ, ସନ୍ଧ୍ୟା ହେଲା । ବିଭିନ୍ନ ଘରୋଇ ଜଞ୍ଜାଳରେ ବ୍ୟସ୍ତ ରହି ମୁଁ ଏ ବିଷୟ ସମ୍ପୂର୍ଣ୍ଣ ଭୁଲି ଯାଇଛି, ମାତ୍ର ଝିଅ ଭୁଲି ନାହିଁ । ସେ ଅସ୍ଥିର, ଉନ୍ମନା ! ମୁଁ କୁଲର୍ ସାମନାରେ ବସିଛି, ଝିଅ କୁଆଡୁ ଆସି ଉପସ୍ଥାପନ କଲା, ''କହିବ, ବାପା ! ଲସି ଗିଲାସରେ କି ଗଣିତ ରହିଛି ?''

ମୁଁ ସଳଖି ବସି ତାକୁ ମଧ୍ୟ ବସିବାକୁ କହିଲି । ଦେଖିଲି, ସିଏ ଖାତା କଲମ ଧରି ମୋ ପାଖକୁ ଆସି ଯାଇଛି । ପ୍ରସଙ୍ଗକୁ ଆସି ପଚାରିଲି, ''ଝିଅ, କହିବୁ, ତୁ କି କି ଘନ ପଦାର୍ଥ ବିଷୟରେ ଜାଣିଛୁ ?'' ସିଏ ଭାବି ହେଲା କିଛି ସମୟ । କହିଲା, ଆମ ଜାଣିବାରେ ଘନବସ୍ତୁଗୁଡ଼ିକ ହେଉଛି – ଚତୁଷ୍କୋଣୀ, ପ୍ରିଜମ୍, ସିଲିଣ୍ଡର, କୋନ୍ ଓ ଗୋଲକ ।'' ମୁଁ ତାକୁ ଉତ୍ସାହିତ କରିବା ପରି କହିଲି, ''ଧନ୍ୟବାଦ । ଏଇ ଘନବସ୍ତୁର ଗୋଟିଏ ଗୋଟିଏ ଉଦାହରଣ ଦେଇ ପାରିବୁ ?'' ଝିଅ ପୁଣି ଭାବି ହେଲା – କହିଲା, ''ହଁ, ବାପା, ଇଟା ଆକୃତିର ବସ୍ତୁ ଚତୁଷ୍କୋଣୀ ଅଟେ, ରୁଲ୍‌ବାଡ଼ି ବା ପାଇପ୍ ଆକୃତିର ବସ୍ତୁ ସିଲିଣ୍ଡର, ହୋଲି ପର୍ବରେ ଆମେ ଯେଉଁ ଟୋପି ପିନ୍ଧି ରଙ୍ଗ ପିଚକାରି ଖେଳୁ ତାହା କୋନ୍ ଆକୃତିର ଏବଂ ଲେମ୍ବୁ, କମଳା ଅଥବା ଫୁଟବଲ ଆକୃତିର ଘନବସ୍ତୁକୁ ଗୋଲକ କୁହାଯାଏ । ଏକଥା ଆମ ଗଣିତ ସାର୍ କହୁଥିଲେ କ୍ଲାସରେ ।''

''ସାବାସ୍ ଝିଅ ! ତୁ ଠିକ୍ କହିଛୁ । ଏଇ ଘନବସ୍ତୁ ଭିତରେ ରହିଥିବା ଗଣିତ ବେଶ୍ ରୋଚକ ଓ ମନୋମୁଗ୍ଧକର । ଏମାନଙ୍କ ବିଷୟରେ ମୁଁ କ୍ରମେ କ୍ରମେ କହିବି । ଆଜି ଆମେ ଏଇ କାଚ ଗ୍ଲାସର ଗଣିତ, ଯାହା ତୁ ବ୍ଲକ୍ ଛକରେ ଲସି ଦୋକାନରେ ପଚାରୁଥିଲୁ । ଗ୍ଲାସଗୁଡ଼ିକ ସରୁଆ ହୋଇ ପତଳା ଓ ଡେଙ୍ଗା ଡେଙ୍ଗା କାହିଁକି, ଚାଲ ସେ ବିଷୟକୁ ଯିବା !'' ଝିଅ ପାଖକୁ ଲାଗି ଆସିଲା, ମୁଁ ତା' ଖାତାରେ ଏକ ଗ୍ଲାସର ଚିତ୍ର ଅଙ୍କନ କରି କହିଲି – ''ଏଇ ଦେଖ, ଏଇ କାଚ ଗ୍ଲାସ ହେଉଛି ସିଲିଣ୍ଡର ଆକୃତିର ଏକ ଘନବସ୍ତୁ । ଯାହାର ଉପର ଓ ତଳ ଅଂଶ ସମତଳ ଆକାର ଏବଂ ବୃତ୍ତାକାର । ଉପର ବୃତ୍ତଠାରୁ ତଳ ବୃତ୍ତ ଅପେକ୍ଷାକୃତ ସାନ ହୋଇଥିଲେ ପାନୀୟ-ଗ୍ଲାସ ପାଇଁ ଉପଯୁକ୍ତ ହୋଇଥାଏ ଏବଂ ଏହାର ଉଭୟ ବୃତ୍ତ ସମାନ ହୋଇଥିଲେ ଏହା ରୁଲ୍‌ବାଡ଼ି ପରି ହୋଇଥାଏ ।



ବୁଝିଲୁ !'' ଝିଅ ଚିତ୍ରକୁ ଏକ ଲୟରେ ଚାହିଁ ରହିଥିଲା । କହିଲା, ''ଏହା ତ ସରଳ ଅଛି, ବାପା ! ବୁଝିବା ମଧ୍ୟ ସହଜ ଅଟେ ।'' ମୁଁ ଆଗକୁ ଚାଲିଲି । କହିଲି – ''ସିଲିଣ୍ଡର ଆକୃତିର ଘନବସ୍ତୁର ତିନୋଟି ତଳ (surface) ଥାଏ । ଦୁଇଟି ତଳ ସମତଳ ଓ ବୃତ୍ତାକାର ଏବଂ ଅନ୍ୟ ତଳଟି ବକ୍ରାକାର । ଏଇ ବକ୍ରାକାର ତଳକୁ ସିଲିଣ୍ଡରର ପାର୍ଶ୍ୱତଳ କହନ୍ତି ।'' ଝିଅ ସଂଯୋଗ କଲା – ''ହଁ, ବାପା, ଆମ ସାର୍ ବି ଏକଥା କହୁଥିଲେ ।''

ମୁଁ କ୍ରମଶଃ ତାକୁ ସିଲିଣ୍ଡର ଜ୍ଞାନର ଜଟିଳ ଦିଗକୁ ଟାଣି ନେଲି । ପଚାରିଲି, ''ଏବେ କହିବୁ, ସିଲିଣ୍ଡରର ଆୟତନ ବା ଘନଫଳ କ'ଣ ?'' ଝିଅ କେତେବେଳ ପର୍ଯ୍ୟନ୍ତ ତା'ର ଓଠ ଦୁଇଟିକୁ ଡାହାଣ ହାତର ବିଶି ଆଙ୍ଗୁଠିରେ ବାଡ଼େଇ ବାଡ଼େଇ ଭାବି ହେଲା । ଗୁଣୁ ଗୁଣୁ ହେଲା – ଘନଫଳ ... ଘନଫଳ ... ଘନଫଳ ... ଏବଂ ନୀରବ ରହିଲା । ପରେ କହିଲା – ''ନାଇଁ, ବାପା, ଭୁଲି ଯାଇଛି, କହିପାରିବି ନାହିଁ ।'' ସେ ଅଟକିଗଲା । ମୁଁ ସାଥ ଦେଲି । ସିଲିଣ୍ଡରର ଘନଫଳ ବା ଆୟତନ ହେଉଛି ତା' ମଧ୍ୟରେ ଧାରଣ କରିପାରୁଥିବା ପଦାର୍ଥର ପରିମାଣ । ଏକ କାଚ ଗ୍ଲାସରେ କିଛି ଫଳରସ, ପାଣି, ତେଲ, କ୍ଷୀର ଅଥବା ଚିନି, ଲୁଣ ସେପରି କିଛି କଠିନ ଗୁଣ୍ଡ ପଦାର୍ଥ ରଖିଲେ ତା'ର ପରିମାଣହିଁ ତା'ର ଆୟତନ ହୋଇଥାଏ । ଆମେ ଆଉ ଏକ ସରଳ ଉଦାହରଣ ନେଇ ପାରିବା । ଧରାଯାଉ ଆମେ ଏକ ଗୋଲାକାର ଗାତ ବା କୂଅ ଖୋଳାଇଲେ । ତେବେ ଏଇ ଗାତ ବା କୂଅରୁ ବାହାରି ଥିବା ମାଟିର ପରିମାଣହିଁ ସେଇ ଗାତ ବା କୂଅର ଆୟତନ ହେବ । ଗାତର ତଳ ଓ ଉପର ଅଂଶ ବୃତ୍ତାକାର ହେଲେ ଏକ ସହଜ ସରଳ ସିଲିଣ୍ଡର ପାଇବା ।

''ହଁ, ବାପା ! ସିଲିଣ୍ଡରର ସରଳ ଉଦାହରଣ କୂଅହିଁ ହୋଇ ପାରିବ ।'' ଝିଅ ଯୋଗ କଲା । ମୁଁ କହିଲି, ''ଖାଲି ସେତିକି ନୁହେଁ, ଏଇ ଯେଉଁ ଟଙ୍କାକିଆ, ପାଞ୍ଚ ଟଙ୍କିଆ, ଦଶ ଟଙ୍କିଆ ମୁଦ୍ରା (coin) ଦେଖୁଛୁ, ସେସବୁ ମଧ୍ୟ ସିଲିଣ୍ଡରର ଗୋଟିଏ ଗୋଟିଏ ଉଦାହରଣ । ଆଉ ସେଇ ମୁଦ୍ରାଗୁଡ଼ିକ ଯେଉଁ ଧାତୁରେ ତିଆରି ତାହାର ପରିମାଣହିଁ ସେମାନଙ୍କର ଆୟତନ ବା ଘନଫଳ ।''

''ହଁ, ବାପା ! ବେଶ୍ ବୁଝିଗଲି ।'' – ଝିଅ ଆନନ୍ଦରେ ନାଚିଉଠିଲା ।

''ହଁ, ଆଉ ଗୋଟିଏ କଥା ମନେରଖ । ଏଇ ଯେଉଁ ପ୍ରଥମରୁ ତୁ କହିଥିଲୁ ସିଲିଣ୍ଡର, କୋନ୍, ଗୋଲକ – ଏମାନେ ବୃତ୍ତ ସହ ସମ୍ପର୍କିତ । ଏଣୁ ଏମାନଙ୍କୁ ସମତଳ ଜାଗାରେ ଗଡ଼ାଇ ଗଡ଼ାଇ ଏକ ସ୍ଥାନରୁ ଆଉ ଏକ ସ୍ଥାନକୁ ନିଆଯାଇପାରେ । ପୁଣି ଯେହେତୁ ଏମାନେ ବୃତ୍ତ ସହ ସମ୍ପର୍କିତ, ଏମାନେ '$\pi$' (ପାଇ) ସହିତ ସମ୍ପର୍କିତ ହୋଇଥା'ନ୍ତି ।''

''ହଁ, ବାପା, ଆମ ସାର ଏଇ $\pi$ (ପାଇ) କଥା ବି କହୁଥିଲେ ।'' – ଝିଅ କହିଉଠିଲା । ମୁଁ ମନେ ପକାଇ ଦେବା ପାଇଁ ପଚାରିଲି, ''କହ ତ, ଏଇ $\pi$ (ପାଇ) ବିଷୟରେ ତୁମ ସାର୍ କ'ଣ କହୁଥିଲେ ।'' ଝିଅ ପୁଣି ପୂର୍ବପରି କିଛିକ୍ଷଣ ଭାବି ହେଲା । ମୁ ତାକୁ ନିରେଖୁ ଥାଏ, ସେ କହିପାରିବ କି ନାହିଁ ଅପେକ୍ଷା କରୁଥାଏ । ଝିଅ ବହୁତ ମନେ ପକାଇଲା ସିନା, ମାତ୍ର କହିପାରିଲା ନାହିଁ । ଅଗତ୍ୟା ମୁଁ ତାକୁ ଖାତାରେ ଲେଖି ବୁଝାଇଲି ।'' ଦେଖ – $\pi$ (ପାଇ) ଏକ ଗ୍ରୀକ୍ ଅକ୍ଷର । ଏହା ଦୁଇଟି ସଂଖ୍ୟାର ଅନୁପାତ, ଏକକବିହୀନ । ଗାଣିତିକ ଇୟୁକ୍ଲିଡ୍ (Euclid)ଙ୍କ ମତରେ ପ୍ରତ୍ୟେକ ବୃତ୍ତାକାର କ୍ଷେତ୍ରର ପରିଧି ଓ ବ୍ୟାସର ଅନୁପାତ ଏକ ସ୍ଥିର ସଂଖ୍ୟା (constant) । ଏଇ ସ୍ଥିର ସଂଖ୍ୟାର ପ୍ରକୃତ ମୂଲ୍ୟ ଠିକ୍ ଭାବେ କଳନା କରାଯାଇପାରେ ନାହିଁ । ଗାଣିତିକମାନେ ଏହାର ଠିକ୍ ମୂଲ୍ୟ ନିରୂପଣ କରିବା ନିମନ୍ତେ ଦିନ ଦିନ, ବର୍ଷ ବର୍ଷ ଧରି ନୟାନ୍ତ ହୋଇଛନ୍ତି । ଶେଷରେ ଏହା ଏକ ଅପରିମେୟ ସଂଖ୍ୟା ଓ ଏହାର ମୂଲ୍ୟ ୨୨/୭ ବୋଲି ଧରି ନିଆଯାଏ ।'' ''ହଁ, ବାପା ! ମନେ ପଡ଼ିଲା, '$\pi$' (ପାଇ) ଏକ ଅପରିମେୟ ସଂଖ୍ୟା ଓ ଏହାର ମାନ ୨୨/୭ – ଏକଥା ଆମ ସାର୍ କହୁଥିଲେ ।''

ମୁଁ ଆଗକୁ ବଢ଼ିଲି । କହିଲି – ''ସିଲିଣ୍ଡରର ଆୟତନ ନିର୍ଣ୍ଣାୟକ ସୂତ୍ରଟି ହେଉଛି '$\pi r^2h$'ର ଘନ ଏକକ । ଏଠାରେ '$\pi$' ହେଉଛି ଏକ ସ୍ଥିର ସଂଖ୍ୟା, ଯାହା ବଦଳିବାର ନାହିଁ । ଏହାର ମୂଲ୍ୟ ୨୨/୭ ହେବହିଁ ହେବ । 'r' ହେଉଛି ବୃତ୍ତାକାର କ୍ଷେତ୍ରର ବ୍ୟାସାର୍ଦ୍ଧ ଓ 'h' ହେଉଛି ସିଲିଣ୍ଡରର ଦୈର୍ଘ୍ୟ ବା ଲମ୍ବା ବା ଉଚ୍ଚତା ଅଥବା ସେପରି କିଛି, ଯାହା ତୁ ବୁଝିପାରୁ । କୂଅର ଗଭୀରତା କିଂବା ମୁଦ୍ରା (coin)ର ମୋଟେଇ । ପୁଣି ଏଇ 'r' ଓ 'h' ହେଉଛି ଦୁଇଟି ଚଳରାଶି (variables) ଯାହା ପରିବର୍ତ୍ତନୀୟ । ଏଇ 'r' ଓ 'h' ଉପରେ ସିଲିଣ୍ଡରର ଆୟତନ ବା ଘନଫଳର ପରିମାଣ ନିର୍ଭର କରେ । ଅନ୍ୟ ଅର୍ଥରେ କହିଲେ 'r' ଓ 'h' ବଢ଼ିଲେ ସିଲିଣ୍ଡରର ଆୟତନ ବଢ଼େ ଓ ଏମାନଙ୍କର ମୂଲ୍ୟ କମିଲେ ତଦନୁସାରେ ସିଲିଣ୍ଡରର ଆୟତନ କମେ ।

ମୋ କଥାସବୁକୁ ଝିଅ ବେଶ୍ ମନୋଯୋଗ ସହ ଶୁଣୁଥିଲା ନୀରବରେ, ଏକ ମନମତାଣିଆ କାହାଣୀ ଶୁଣିବା ପରି । ପାଟିରେ ତା'ର ଭାଷା ନାହିଁ । ଆଖି ଦୁଇଟି ତା'ର ଢଳ ଢଳ ପଦ୍ମ ପତ୍ରରେ ଦୁଇଟି ଜଳବିନ୍ଦୁ ଭଳି । କେବଳ ମଝିରେ ମଝିରେ 'ହଁ'ଟିଏ ଖାଲି କରୁଥାଏ ।

''ଏଥିରୁ ତୁ ବୁଝି ପାରୁଥିବୁ ଗ୍ଲାସର 'r' ବଢ଼ିଲେ $r^2$ର ପରିମାଣ ଆହୁରି ବଡ଼ ସଂଖ୍ୟାଟିଏ ହେବ । ସୁତରାଂ ଗ୍ଲାସର ଆୟତନରେ ଏହାର ଏପରି ପ୍ରଭାବ ପଡ଼ିବ ଯେ ଗ୍ଲାସର ପେଟଟି ଉଚ୍ଚତା ଠାରୁ କମ୍ ଜଣାଗଲେ ବାଙ୍ଗରା ଲାଗିବ । ସୁତରାଂ ଆୟତନ ବେଶୀ ହେବ ସିନା ତା' ମଧ୍ୟରେ ଥିବା ପଦାର୍ଥର ପରିମାଣ କମ୍ ଥିବା ପରି ଅନୁଭବ ହେବ । ମାତ୍ର 'r' କୁ ଯଥାସାଧ୍ୟ କମ୍ କରି 'h' କୁ ବଢ଼ାଇ ଦେଲେ ଗ୍ଲାସଟି ସରୁଆ ବା ପତଳା ହୋଇ ଡେଙ୍ଗା ଜଣାଯିବ । ଫଳରେ ଗ୍ଲାସର ଆୟତନ କମିଯିବ କିନ୍ତୁ ତା' ମଧ୍ୟରେ ପଦାର୍ଥର ପରିମାଣ ବେଶୀ ଥିବା ପରି ଲାଗିବ ।''

ଝିଅ କିଛି ନବୁଝିବା ପରି ଥତମତ ଜଣାଗଲା । ମୁଁ କହିଲି – ''ଯଦି $r > h$ ହୁଏ ତେବେ $r^2 > h$ ନିଶ୍ଚୟ ହେବ, ଫଳରେ ଗ୍ଲାସର ଆୟତନ $\pi r^2h$ ରେ ଗ୍ଲାସଟି ବାଙ୍ଗରା ବା ଅଳ୍ପ ଉଚ୍ଚତାର ଏକ ବହୁଳ ଆୟତନର ପାତ୍ରଟିଏ ଭଳି ଜଣା ପଡ଼ିବ । ଯଦି $r < h$ ହୁଏ ତେବେ $r^2 << h$ ହୋଇପାରେ । ଏପରି ସ୍ଥଳେ ଗ୍ଲାସଟି ସରୁଆ ହୋଇ ପତଳା ଓ ଡେଙ୍ଗା ଡେଙ୍ଗା ଲାଗିବ, ଯାହାର ଆୟତନ ଉପରଲିଖିତ ପରିସ୍ଥିତି ଠାରୁ ନିଶ୍ଚୟ ଆୟତନରେ କମ୍ ହେବ ।

‘‘ଏଣୁ ‘r’ ର ମୂଲ୍ୟକୁ ଯଥାସମ୍ଭବ ଛୋଟ କରି ‘h’ର ମୂଲ୍ୟକୁ ବଢ଼ାଇ ଦେଲେ ଗ୍ଲାସର ଆକୃତି ସରୁଆ ବା କମ୍ ମୋଟେଇ ହୋଇ ଡେଙ୍ଗା ଜଣାଯିବ । ଯଦ୍ୱାରା ଗ୍ରାହକର ଧାରଣା ହେବ ଯେ ଦୋକାନୀ ଏକ ନିର୍ଦ୍ଧାରିତ ଦାମ୍‌ରେ ଯଥେଷ୍ଟ ଲସି ବା ପାନୀୟ ବା କ୍ଷୀର ବିକ୍ରି କରୁଛି । ଯାହା ଗ୍ରାହକକୁ ଫାଇଦା ଦେଇ ଆକର୍ଷିତ କଲାଭଳି ମନେ ହେଉଛି, ମାତ୍ର ବାସ୍ତବରେ ସେପରି ହୋଇ ନଥାଏ ।

‘‘ଆଉ ଗ୍ଲାସର ତଳ ଅଂଶ କ୍ରମଶଃ ସରୁଆ ଓ ଉପର ଅଂଶ ଚଉଡ଼ା ହୋଇ ହୋଇ ଯାଇଥିଲେ, ଗ୍ଲାସଟି ସୁନ୍ଦର ଓ ଆକର୍ଷଣୀୟ ସିନା ଦିଶିବ, ମାତ୍ର ତହିଁରେ ଧାରଣ କରୁଥିବା ପଦାର୍ଥର ପରିମାଣ କ୍ରମଶଃ କମି କମି ଯିବ । ଯାହା ତୁ ଏଇ ଚିତ୍ରରେ ଦେଖି ବୁଝି ପାରୁଥିବୁ । ବୁଝିଲୁ !

‘‘ଏଇ କାରଣରୁ ଲସି ଗ୍ଲାସଗୁଡ଼ିକୁ ଲସି ଦୋକାନୀମାନେ ନିଜର ଫାଇଦା ପାଇଁ ସରୁଆ, ଡେଙ୍ଗା ଡେଙ୍ଗା ଗ୍ଲାସଗୁଡ଼ିକ ରଖିଥା’ନ୍ତି ଓ ତହିଁରେ ପିଇବାକୁ ଦେଇଥା’ନ୍ତି । ସେଭଳି ଆକୃତିର ଗ୍ଲାସହିଁ ସେମାନେ କାଚ ତିଆରି କାରଖାନାରୁ ବରାଦ କରି କିଣିଥା’ନ୍ତି ।’’

ଝିଅ ବୁଝିଗଲା । କହିଲା – ‘‘କେଡ଼େ ନିଚ୍ଛକ କଥାଟିଏ ଏବଂ ଗଣିତର ଏକ ନିଗୂଢ଼ (typical) ରହସ୍ୟଟିଏ ଆଜି ମୁଁ ଜାଣିବାକୁ ପାଇଲି । ବେଶ୍ ଖୁସି ଲାଗିଲା । ମୋର ସାଙ୍ଗମାନଙ୍କୁ ଏ ରହସ୍ୟ ଜଣାଇ ଦେବି ।’’

ସିଏ ଉଠି ଚାଲିଗଲା । ମୁଁ ଦେଖିଲି ସନ୍ଧ୍ୟା ଆଳତି ସମୟ ହୋଇ ଯାଇଛି ଓ ପାଖ ମନ୍ଦିରରୁ ଘଣ୍ଟ, ଘଣ୍ଟାର ଧ୍ୱନି ଭାସି ଆସୁଛି । ❑

# ଭରିଦିଅ ଦିବ୍ୟ ଉଲ୍ଲାସ

## ଶରତ କୁମାରୀ ସ୍ୱାଇଁ

ଆଜି ଏଇ ଶୁଭ ଲଗନେ ପ୍ରଭୁ ହେ !
ଢାଳିଦିଅ ଶୁଭ ଆଶିଷ
କମଳ ଚରଣ ପରଶରେ ତବ
ଜ୍ଞାନାଲୋକ ହେଉ ପ୍ରକାଶ । ।୦।

ତୁମ ଆଶିଷରେ ତୁମରି ଦୟାରେ
ଅନୁକମ୍ପା ଭରା ଅମିୟ ସାଗରେ
କ୍ଷୁଦ୍ର ଏ ‘ଆମ’ ଜୀବନ ତରଣୀ
ଝଞ୍ଜା ପ୍ରଳୟ କିଛି ବି ନମାନି
କାଳ ସ୍ରୋତେ ଧୀରେ ଭାସି ଚାଲିଥାଉ
ରଖି ତବ ପଦେ ବିଶ୍ୱାସ । ।୧।

ଆକାଶ ଅୟନୁ ପ୍ରତି ପ୍ରଭାତରେ
ଶିଶିରେ ଶିଶିରେ ତବାଶିଷ ଝରେ
ତମସାର ଝିନ୍ନ ଆବରଣ ଛିନ୍ନ-
କରି ଚେତନାକୁ ଦିଏ ନବଜନ୍ମ
ଊଷର ଭୂଇଁରେ ସବୁଜିମା ଭରେ
ପାଇ ତବ କର ପରଶ । ।୨।

ତୁମେ ଗୁରୁ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର
ବ୍ୟାକୁଳିତ ପ୍ରାଣେ ଆନନ୍ଦ ଅପାର
ନଭମୁଖୀ ତବ ପବିତ୍ର ଓଁକାର
ଜ୍ୟୋତିର୍ମୟ କରୁ ପ୍ରତିଟି ଅନ୍ତର
ହେ ମହାମହିମ !! କରୁ ଆବାହନ
ଭରିଦିଅ ଦିବ୍ୟ ଉଲ୍ଲାସ । ।୩।

❑❑❑



**ଚେତନାର ଦିଗ୍‌ବଳୟ :**

# ହନୁମାନଙ୍କ ତାତ୍ପର୍ଯ୍ୟ

ପୁରାଣର କୌଣସି ଚରିତ୍ର ଅଥବା ପରିସ୍ଥିତିର ଯଥାର୍ଥ ଆକଳନ କରିବା ନିମନ୍ତେ ପ୍ରୟୋଜନ ବ୍ୟାପକ ପ୍ରସାରିତ ଚେତନା । ଆମ ସମସାମୟିକ ଧ୍ୟାନ-ଧାରଣା, ନାନାଦି ସାମାଜିକ ପ୍ରଭାବ ଏବଂ ଆମ ଯୁକ୍ତିସର୍ବସ୍ୱ ମନୋବୁଦ୍ଧିର କ୍ରିୟାରୁ ନିଜକୁ କିଛି ସମୟ ନିମନ୍ତେ ମୁକ୍ତ କରିନେଇ ଆମ ବୋଧଶକ୍ତିକୁ ଉଦାର ନକଲେ ସେସବୁ ଆମ ପାଇଁ ତୁଚ୍ଛା କାହାଣୀ ବା ହାସ୍ୟାସ୍ପଦ କଳ୍ପନା ବ୍ୟତୀତ ଅଧିକ କିଛି ମନେ ହେବ ନାହିଁ, ତାତ୍ପର୍ଯ୍ୟପୂର୍ଣ୍ଣ ହେବା ତ ଦୂରର କଥା ।

କିଛିବର୍ଷ ତଳେ ଜଣେ ନେତା ହନୁମାନଙ୍କୁ ଦଳିତ ଶ୍ରେଣୀଭୁକ୍ତ ବୋଲି କହି ସମାଲୋଚିତ ହୋଇଛନ୍ତି । 'ଦଳିତ' ଶବ୍ଦର ଗତାନୁଗତିକ ଅର୍ଥ, ଯିଏ ଅନ୍ୟମାନଙ୍କ ଦ୍ୱାରା ନିର୍ଯ୍ୟାତିତ ବା ଶୋଷିତ । ଆଜି ସାମୟିକ ଭାବରେ ତାହା କେତେ ସଂଖ୍ୟକ ଜାତି, ଉପଜାତିର ସମାହାରକୁ ବୁଝାଉଛି । ଏ ଉଭୟ ଅର୍ଥରୁ କୌଣସି ଗୋଟିକ ଦୃଷ୍ଟିରୁ ହନୁମାନଙ୍କ ଉପରେ ସେ ପରିଚୟ ଆରୋପ କରାଯାଇ ପାରେନା । ତାଙ୍କ ଜନ୍ମ ସମ୍ପର୍କରେ ଏକାଧିକ କିଂବଦନ୍ତି ପୁରାଣମାନଙ୍କରେ ପଢ଼ିବାକୁ ମିଳେ । କିନ୍ତୁ ସବୁଥିରେ ସେ ଦିବ୍ୟଶକ୍ତି ସମ୍ଭୂତ ବୋଲି ଦର୍ଶାଯାଇଛି ।

ଆମ ସ୍ଥୂଳ ଇନ୍ଦ୍ରିୟସବୁ ଦ୍ୱାରା ଅନୁଭୂତ ହୋଇ ନ ପାରିଲେ ମଧ୍ୟ ଆମକୁ ଘେରି ରହୁଛନ୍ତି ଅସଂଖ୍ୟ ଅଦୃଶ୍ୟ ଅତିଭୌତିକ ଶକ୍ତି ଏବଂ ଯେକୌଣସି ଉତ୍ତେଜନାପୂର୍ଣ୍ଣ ବାଦ-ବିସମ୍ବାଦ ବେଳେ ସେସବୁ ଶକ୍ତି ମଣିଷକୁ ଆୟତ୍ତ କରିବାକୁ ତତ୍ପର ରହିଥା'ନ୍ତି । ଯୁଗାନ୍ତକାରୀ ସଂଗ୍ରାମ ଓ ସଂଘର୍ଷ ବେଳେ ସେମାନେ ଅଧିକ ସକ୍ରିୟ ହୋଇ ଉଠନ୍ତି । ବାଲ୍ମୀକି ଓ ବ୍ୟାସଙ୍କ ଭଳି ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀର ଗ୍ରୀକ୍ ମହାକବି ହୋମରଙ୍କ ସକାଶେ ମଧ୍ୟ ସେସବୁ ଶୁଭଙ୍କର ଶକ୍ତି ତଥା ଅପଶକ୍ତିମାନେ ମାନବ ଚରିତ୍ର ଭଳି ବାସ୍ତବ ଥିଲେ । ନିଃସଙ୍କୋଚରେ ସେମାନଙ୍କର ଭୂମିକା ବର୍ଣ୍ଣନା କରୁଥିଲେ ସେ ଦ୍ରଷ୍ଟାମାନେ । ସେମାନଙ୍କ ମହାକାବ୍ୟର ପ୍ରଥମ ଯୁଗର ଶ୍ରୋତା ଓ ପାଠକମାନଙ୍କୁ ମଧ୍ୟ ସେସବୁ ଅତିଭୌତିକ ଶକ୍ତି ସ୍ୱାଭାବିକ ମନେ ହେଉଥିଲେ ।

କିନ୍ତୁ କ୍ରମବିକାଶର ଧାରାରେ ଏଭଳି ଏକ ପର୍ଯ୍ୟାୟ ଆସିଲା ଯେତେବେଳେ ମଣିଷର ସ୍ଥୂଳ ବୁଦ୍ଧି, ହେତୁବୋଧ ଓ ଯୁକ୍ତିପ୍ରବଣତା ପୂର୍ଣ୍ଣମାତ୍ରାରେ ପରିସ୍ଫୁଟ ହେବା ଆବଶ୍ୟକ । ଏହି ବିକାଶର ମାତ୍ରାବୃଦ୍ଧି ସଙ୍ଗେ ସଙ୍ଗେ ଆମର ଅନ୍ତର୍ବୋଧ, ସମ୍ବୋଧି (Intuition) ଓ ସୂକ୍ଷ୍ମାନୁଭୂତି ଚେତନାର ପଶ୍ଚାଦ୍ଦେଶକୁ ଠେଲି ହୋଇଗଲେ । ଫଳରେ ଅନେକ ପର୍ଯ୍ୟାୟର ଜ୍ଞାନ ଓ ରସବୋଧରୁ ଆମେ ବଞ୍ଚିତ ।

କ୍ରମ ବିକାଶର ପୁଙ୍ଖାନୁପୁଙ୍ଖ ଚିତ୍ର ମଧ୍ୟ ଅଦ୍ୟାବଧି ମିଳି ନାହିଁ । ନୃତତ୍ତ୍ୱବିଦ୍ ଏବଂ ଅନ୍ୟ ଗବେଷକମାନେ ମଣିଷର ସୃଷ୍ଟି କେବେ ହେଲା, ସେ ପ୍ରଶ୍ନ ଉପରେ ଏକମତ ହୋଇପାରି ନାହାନ୍ତି । ୨୦୧୮ ମସିହାର ଶେଷାର୍ଦ୍ଧରେ ବାସେଲ୍ (ସୁଇଜରଲାଣ୍ଡ) ଏବଂ ରକ୍‌ଫେଲର୍ ବିଶ୍ୱବିଦ୍ୟାଳୟଦ୍ୱୟ ଅନ୍ତର୍ଭୁକ୍ତ ନୃତତ୍ତ୍ୱ-ବିଶାରଦମାନେ DNA ପରୀକ୍ଷା ଭିତ୍ତିରେ ଜଣାଇଛନ୍ତି ଯେ ଏକ ମହାପ୍ରଳୟ ଧରାପୃଷ୍ଠରୁ ଜୀବନର ସମସ୍ତ ସତ୍ତା ଲୋପ କରିଦେବା ଅନ୍ତେ ମାତ୍ର ଦୁଇ ଲକ୍ଷ ବର୍ଷ ତଳେ ମାନବର ଉତ୍ପତ୍ତି ହେଲା ।

ପ୍ରକୃତି ରୂପକ ମହାଶକ୍ତି କେତେ କିସମର ପରୀକ୍ଷା ନିରୀକ୍ଷା କରିଛି; କେତେ ପ୍ରାଣୀ ସୃଷ୍ଟ ହୋଇ ମହାକାଳର ମୁଖ ବ୍ୟାଦାନ ଭିତରେ ବିଲୀନ ହୋଇଛନ୍ତି । ରାମାୟଣ ବର୍ଣ୍ଣିତ ବାନର ଗୋଷ୍ଠୀ ସମ୍ଭବତଃ ପ୍ରାଣଗତ ଶୌର୍ଯ୍ୟପ୍ରଧାନ ଏକ ଜାତିର ପ୍ରାଣୀ ଥିଲେ, ଯାହା କାଳକ୍ରମେ ନିଶ୍ଚିହ୍ନ । ଅଜ୍ଞାନ ମଣିଷଜାତି ଭିତରେ ରାମ ବା କୃଷ୍ଣଙ୍କ ଭଳି ପରମ ଚେତନା ସମ୍ଭବ ହେବା ପରି ଏବଂ ଋଷି ଓ ଭକ୍ତ-ଚେତନାରେ ଦେବାବତରଣ ଘଟିଲା ଭଳି, ସେହି ବାନର ଜାତିରେ ହନୁମାନ ରୂପେ ଜନ୍ମଗ୍ରହଣ କରିଥିଲେ ଏକ ଦେବାତ୍ମା । ତାଙ୍କ ଜୀବନ କାହାଣୀ ମୁଖ୍ୟତଃ ପ୍ରତୀକାତ୍ମକ । ଅଧ୍ୟାତ୍ମ ପ୍ରତୀକ-ବିଜ୍ଞାନ ଅନୁସାରେ ସୂର୍ଯ୍ୟ ପ୍ରଜ୍ଞାର ମୂର୍ତ୍ତ ରୂପ । ଜନ୍ମ ମାତ୍ରେ ହନୁମାନ ତାଙ୍କୁ ଭକ୍ଷଣ କରିବାକୁ ଆଗ୍ରହୀ ହେବାର ଅର୍ଥ ସେ ଦେବଶିଶୁର ପ୍ରଜ୍ଞାତୃଷ୍ଣା ଥିଲା ଜନ୍ମଗତ । ପରେ ସେ ସୂର୍ଯ୍ୟଙ୍କ ବଶଂବଦ ରୂପେ ତାଙ୍କୁ ଅନୁସରଣ କରି ହେଲେ ପ୍ରଜ୍ଞାବାନ୍; ଜ୍ଞାନଯୋଗୀ ।

ସେହି ପ୍ରଜ୍ଞାର ଆଶୀର୍ବାଦରେ ସେ ରାମଚନ୍ଦ୍ରଙ୍କ ସ୍ୱରୂପ ଜ୍ଞାତ ହେଲେ ଅକ୍ଳେଶରେ; ହେଲେ ତାଙ୍କ ପରମ ଭକ୍ତ — ଭକ୍ତିଯୋଗୀ । ପ୍ରଭୁଙ୍କ ପାଇଁ କଲେ ନାନାଦି ଅସାଧ୍ୟ ସାଧନ;

ହେଲେ କର୍ମଯୋଗୀ । କିନ୍ତୁ ମୁଖ୍ୟତଃ ସେ ଭକ୍ତ, ଶ୍ରୀଅରବିନ୍ଦଙ୍କ ଦ୍ୱାରା ''ସମ୍ପୂର୍ଣ୍ଣ ଭକ୍ତି''ର ପ୍ରତୀକ ରୂପେ ସ୍ୱୀକୃତ ।

ରାମାୟଣ ଏବଂ ମହାଭାରତ ଉପରେ ଧ୍ୟାନସ୍ଥ ହୋଇ ଯୁଗେ ଯୁଗେ କେତେ ଭକ୍ତଙ୍କର କେତେ ପ୍ରକାର ଉପଲବ୍ଧି ହୋଇଛି । ହନୁମାନଙ୍କ ଚେତନା ସମ୍ପର୍କରେ ଏକ ମହତ୍ ଉପଲବ୍ଧି ନେଇଛି ଏମନ୍ତ କାହାଣୀର ରୂପ; ଆରମ୍ଭରେ ହାଲୁକା – କିନ୍ତୁ ସମାପ୍ତିରେ ଅନନ୍ୟ ଗମ୍ଭୀର :

ଦେବୀ ସୀତାଙ୍କ ଉଦ୍ଧାର ଅନ୍ତେ ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି । ତାଙ୍କ ଅଭିଷେକ ଉତ୍ସବରେ ଯୋଗ ଦେଇଛନ୍ତି ତାଙ୍କର ବହୁ ଅନୁଗତ – ବାନର ଯୋଦ୍ଧାମାନଙ୍କ ସମେତ । ଏକ ଜ୍ୟୋତ୍ସ୍ନା-ପୁଲକିତ ରଜନୀର ପ୍ରଥମ ପ୍ରହରରେ ପ୍ରାସାଦ ସନ୍ନିକଟ ଉଦ୍ୟାନ ବଳୟିତ ପ୍ରାଙ୍ଗଣରେ ବାନରମାନେ ନୈଶ ଭୋଜନରେ ବ୍ୟାପୃତ । ଜଣେ ଯୁବ ବାନର ବ୍ୟଞ୍ଜନରେ ଥିବା ଗୋଟାଏ କୋଳି ଚିପି ଦିଅନ୍ତେ ତା'ର ମଞ୍ଜି ଗୋଟିକ ଉପର ଆଡ଼କୁ ଛିଟିକି ଗଲା ।

''ଆରେ ମଞ୍ଜି ! ତୁ ମୋତେ ଲମ୍ଫ ଦେଖାଉଛୁ ?'' କହିଲା ପ୍ରଫୁଲ୍ଲ ମିଜାଜବନ୍ତ ବାନର । – ''ଦେଖ ଲମ୍ଫ କାହାକୁ କୁହାଯାଏ !'' କହି ସେ ବେଶ୍ କିଛି ଉପରକୁ ଡେଇଁ ନିଜ ଆସନକୁ ଅବତରଣ କଲା ।

– ''ବାସ୍ ! ଏତିକି ?'' କହି ପଡ଼ୋଶୀ ବାନର ଦେଖାଇଲା ଉଲ୍ଲମ୍ଫନ ବିଦ୍ୟାରେ ତା'ର କୃତିତ୍ୱ । ପରେ ପରେ ଦେଖାଗଲା ସବୁ ବାନର ହାବେଳି ଭଳି ଉପରକୁ ଫୁତ୍କାରିତ ହୋଇ ପୁଣି ବସି ପଡୁଛନ୍ତି । ଚତୁର୍ଦ୍ଦିଗରେ ଶହ ଶହ ଅମାତ୍ୟ ଓ ସୁଧୀଜନେ ସେ ଦୃଶ୍ୟ ଉପଭୋଗ କରୁଛନ୍ତି ।

ପ୍ରାଙ୍ଗଣ ପାର୍ଶ୍ୱବର୍ତ୍ତୀ ଏକ ସ୍ତମ୍ଭକୁ ଆଉଜି ଚୁପ୍‌ଚାପ୍ ବସିଥିଲେ ହନୁମାନ । ମିତ୍ର ଜାମ୍ବବାନ ତାଙ୍କ ପାଖକୁ ଯାଇ କହିଲେ, ''ବନ୍ଧୁ ! ତୁମେ ଏ ଦୃଶ୍ୟ ଦେଖୁଛ ବୋଲି ଏ ଚପଳ ଅଭିନେତାମାନଙ୍କୁ ଜଣା ନାହିଁ । ହଠାତ୍ ତୁମେ ଯଦି ଥରେ ଲମ୍ଫ ଦିଅନ୍ତ, ଏମାନେ ଜାଣନ୍ତେ ଲମ୍ଫ କାହାକୁ କୁହାଯାଏ ! ଥରୁଟିଏ ତୁମ କରାମତି ଦେଖାନ୍ତ ନାହିଁ ?''

ହନୁମାନ ମୃଦୁ ହସି ନୀରବ ରହିଲେ । କିନ୍ତୁ ଜାମ୍ବବାନଙ୍କ ପ୍ରସ୍ତାବ ଶୁଣି ପକାଇଥିଲେ ତାଙ୍କ ପଛରେ ଥିବା କେତେଜଣ ବିଶିଷ୍ଟ ସଭାସଦ୍ । ସେମାନେ ବି ହନୁମାନଙ୍କୁ ଏକହିଁ ଅନୁରୋଧ କରିବାକୁ ଲାଗିଲେ ।

ଅବଶେଷରେ ହନୁମାନ ତାଙ୍କ ଦୃଷ୍ଟି ନିବଦ୍ଧ କଲେ ଜାମ୍ବବାନଙ୍କ ଉପରେ ଏବଂ କହିଲେ, ''ବନ୍ଧୁ ! ମୋ ପ୍ରଭୁଙ୍କ ସେବା ବ୍ୟତିରେକେ ମୋ ଶକ୍ତିର ବିନ୍ଦୁଟିଏ ମଧ୍ୟ ଅପଚୟ କରିବାର ଅଧିକାର ମୋର ନାହିଁ !''

ନୀରବରେ ନତମସ୍ତକ ହେଲେ ତାଙ୍କ ମିତ୍ରବର୍ଗ ।

ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭବିଷ୍ୟତ୍ ବାଣୀ ଅନୁସାରେ ହନୁମାନହିଁ ଭବିଷ୍ୟତର ବ୍ରହ୍ମା, ଅନାଗତ ନୂତନ ସୃଷ୍ଟିର ପ୍ରବର୍ତ୍ତକ ।

**– ମନୋଜ ଦାସ**

❑❑❑

ମୁକ୍ତ ହେବାକୁ ହେଲେ ତୁମକୁ ବନ୍ଦିଗୃହ ଭିତରୁ ବାହାରି ଆସିବାକୁ ହେବ । ଏକ ପୃଥକ୍ ବ୍ୟକ୍ତିତ୍ୱର ଭାବ ଥିବା ଅହଂହିଁ ହେଉଛି ସେହି ବନ୍ଦିଗୃହ । ମୁକ୍ତ ହେବାକୁ ହେଲେ ସଚେତ ଭାବରେ, ସମଗ୍ର ଓ ସଂପୂର୍ଣ୍ଣ ଭାବରେ ତୁମକୁ ପରମଙ୍କ ସହ ଯୁକ୍ତ ଓ ମିଳିତ ହେବାକୁ ହେବ ଏବଂ ଏହି ଏକାତ୍ମତା ଅହଂର ସୀମାଗୁଡ଼ିକୁ ଭାଙ୍ଗିଦିଏ ଏବଂ ନିଜକୁ ବିଶ୍ୱାସ, ବିଶ୍ୱଜନୀନ କରିଦେବା ପରେ ଅହଂର ସମଗ୍ର ଅସ୍ତିତ୍ୱଟିହିଁ ନିଶ୍ଚିହ୍ନ ହୋଇଯାଏ । ଯଦିଓ ଚେତନାର ବ୍ୟକ୍ତିଗଠନ ସେହିପରି ସୁରକ୍ଷିତ ହୋଇ ରହିଥାଏ ।

– ଶ୍ରୀମା

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com


**Vol. LVI, No. 10** **R.N.I. No. 18163/70.**
Navaprakash (Monthly), October, 2025 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''

— ଶ୍ରୀମା

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)**

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : ୬୪୦/- ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**